# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ (୨୦ ପୃଷ୍ଠା) | Bhubaneswar, Thursday, November 30/2023 | Page 20 | ₹ 7.00 | SAMBALPUR

୫୦ଶ ଭାଗ ୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 7 | ମୂଲ୍ୟ ₹୭/-





# ହଜିଯାଇଛି ପତରସୌରାଙ୍କ ଧୁଡୁକି ସ୍ୱର

ଆଦିବାସୀଙ୍କ କଳା ଓ ସଂସ୍କୃତିର ସମ୍ଭାର ହେଉଛି ଅବିଭକ୍ତ କୋରାପୁଟ ଜିଲା । ଏଠାରେ ଅନେକ ପ୍ରଜାତିର ଆଦିବାସୀ ବସବାସ କରନ୍ତି। ତେବେ ପ୍ରତ୍ୟେକ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରା ନିଆରା । ପରିବର୍ତ୍ତିତ ପରିସ୍ଥିତିରେ ପ୍ରୋତ୍ସାହନ ଅଭାବରୁ ଅନେକ ଆଦିବାସୀ ସଂସ୍କୃତି ଓ ପରମ୍ପରା ଏବେ ବିଲୁପ୍ତ ହୋଇଗଲାଣି। ଏପରି ସ୍ଥିତିରେ ପହଞ୍ଚିଥିବା ଏକ ଆଦିବାସୀ ସଂସ୍କୃତି ଓ ପରମ୍ପରା ହେଉଛି ପତରସୌରାଙ୍କ ଧୁଡୁକି ନୃତ୍ୟ କଳା ।

ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ଦଶମନ୍ତପୁର ପଞ୍ଚାୟତର ପାହାଡ଼ ତଳି ଏକ ଗ୍ରାମ ହେଉଛି ପାଲ୍ଲିଗୁଡା । ଏଠାରେ ପତରସୌରା ଆଦିବାସୀ ଗୋଷ୍ଠୀର ପ୍ରାୟ ୧୫ ପରିବାର ରହନ୍ତି। ଏମାନଙ୍କ ସଂଖ୍ୟା ଅତି ବିରଳ । କୋରାପୁଟ ଜିଲାର ଅନ୍ୟ କେଉଁ ଅଞ୍ଚଳରେ ଏମାନେ ଦେଖାଯାଉ ନ ଥିବାବେଳେ ନବରଙ୍ଗପୁର ଜିଲାର ଖୁଣ୍ଟିଆ ଗ୍ରାମରେ ଅଳ୍ପସଂଖ୍ୟକ ଏହି ପରିବାର ରହୁଥିବା ଗ୍ରାମର ରାମଚନ୍ଦ୍ର ପତରସୌରା କହନ୍ତି। ଏମାନଙ୍କ ପାରମ୍ପରିକ କଳା ହେଉଛି ଧୁଡୁକି ନୃତ୍ୟ । ଧୁଡୁକି ଏକ ପାରମ୍ପରିକ ବାଦ୍ୟ ଯନ୍ତ୍ର। କିଆ କାଠର ଖୋଳ, ଛେଳି ଅଥବା ଗୋଧି ଛାଲ ଓ ସରୁ ତାରରେ ନିର୍ମିତ ହୋଇଥାଏ ଧୁଡୁକି ବାଦ୍ୟଯନ୍ତ୍ର। ପୁରୁଷମାନେ ଧୁଡୁକି ବଜାଉଥିବାବେଳେ ମହିଳାମାନେ ବିଭିନ୍ନ ପୌରାଣିକ ବିଷୟବସ୍ତୁକୁ ସୁଲଳିତ କଣ୍ଠରେ ଗାଇ ନୃତ୍ୟ ପରିବେଷଣ କରନ୍ତି। ଏହି କଳାକୁ ନେଇ ଜୟପୁର ରାଜ ପରିବାର ସହ ଥିଲା ପତରସୋରାଙ୍କ ଘନିଷ୍ଠ ସମ୍ପର୍କ। ରାଜାଙ୍କ ଦ୍ୱାରା ସେମାନଙ୍କ କଳାକୁ ମାନ୍ୟତା ମିଳିଥିଲା। ରଥଯାତ୍ରା, ଦଶହରା, ଚନ୍ଦନଯାତ୍ରା ସମୟରେ ରାଜାଙ୍କ ପକ୍ଷରୁ ସେମାନଙ୍କୁ ଡକାଯାଉଥିଲା। ଦଶହରା ଅବା ରଥଯାତ୍ରାରେ ନିମନ୍ତ୍ରିତ ଏହି ପତରସୌରାମାନେ ଆରମ୍ଭରୁ ଶେଷ ଯାଏ ଧୁଡୁକି ବଜାଇ ନୃତ୍ୟ ପରିବେଷଣ କରୁଥିଲେ। ରାଜା ସେମାନଙ୍କୁ ଯାହା ଦାନ ଦେଉଥିଲେ ସେଥିରେ ସେମାନେ ବର୍ଷଯାକ ଚଳିଯାଉଥିଲେ। ବର୍ତ୍ତମାନ ଜୟପୁରରେ ଯେଉଁଠି ବାଙ୍କମଠ ରହିଛି ସେହି ଜାଗାକୁ ମଧ୍ୟ ରାଜା ପତରସୌରାଙ୍କୁ ଦାନରେ ଦେଇଥିଲେ। ସେଠାରେ ସେମାନେ ଘର କରି ବସବାସ କରୁଥିଲେ। ରାଜାଙ୍କ ଶାସନ ଚାଲିଯିବା ପରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବଦେବୀ ମନ୍ଦିର ଦେବୋତ୍ତର ବିଭାଗକୁ ଚାଲିଗଲା । ଦେବୋତ୍ତର ବିଭାଗ ପତରସୌରାଙ୍କୁ ଆଉ ଗୁରୁତ୍ୱ ନ ଦେବାରୁ ସେମାନେ ଜୟପୁର ଛାଡି ପାଲ୍ଲିଗୁଡା ଗ୍ରାମକୁ ଚାଲି ଯାଇଥିଲେ। ପାଲ୍ଲିଗୁଡାରେ ସେମାନେ ଗ୍ରାମକୁ ଗ୍ରାମ ବୁଲି ଧୁଡୁକି ବଜାଇ କଳା ପ୍ରଦର୍ଶନ କରି ଚଳୁଥିଲେ। ଏ ସମ୍ପର୍କରେ ଅନ୍ତିମ ପିଢ଼ିର କଳାକାର ଦୁଇ ଯମଜ ଭାଇ ଲବ ଓ କୁଶ କହନ୍ତି, ପରମ୍ପରା ଅନୁସାରେ ରଥଯାତ୍ରା ଓ ଦଶହରା ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ ସେମାନଙ୍କୁ ନିମନ୍ତ୍ରଣ କରାଯାଉଥିଲା। ସେ ସମୟରେ ସେମାନେ ସେମାନଙ୍କ ବାପା ଓ ଜେଜେବାପାଙ୍କ ସହ ସେଠାକୁ ଯାଉଥିଲେ। ଫେରିବା ବେଳେ ସେମାନଙ୍କୁ ୧ କୁଇଣ୍ଟାଲ ଚାଉଳ, ଗୋଟିଏ ଛେଳି ଓ କିଛି ଅର୍ଥ ମିଳୁଥିଲା। ପରେ ଦେବୋତ୍ତର ବିଭାଗ ସେମାନଙ୍କୁ ହତାଦର କଲା । ପ୍ରାପ୍ୟ ତ ଦୂର କଥା, ସେମାନଙ୍କୁ ଆଉ ଦଶହରା ଓ ରଥଯାତ୍ରାକୁ ନିମନ୍ତ୍ରଣ ମଧ୍ୟ କରାଗଲା ନାହିଁ। ଅନେକ ସଂଘର୍ଷ କରି ମଧ୍ୟ ଉକ୍ତ କଳାକୁ ସେମାନେ ବଞ୍ଚାଇପାରିଲେ ନାହିଁ। ଫଳରେ ୧୫ ବର୍ଷ ତଳୁ ଧୁଡୁକି କଳା ସବୁଦିନ ପାଇଁ ମରିଗଲା ବୋଲି କହନ୍ତି ଲବ କୁଶ। ଏବେ ବୟସ ଅପରାହ୍ନରେ ଏହି ଦୁଇଭାଇ ଗୁପ୍ତେଶ୍ୱର ପୀଠରେ ବସି ଭିକ୍ଷା ମାଗି ଚଳୁଛନ୍ତି।


ବହୁ ଦିନ ତଳୁ ଅବ୍ୟବହୃତ ହୋଇ ପଡ଼ି ରହିଥିବା ଧୁଡୁକି ବାଦ୍ୟକୁ ପ୍ରଦର୍ଶନ କରୁଛନ୍ତି ୨ ଯମଜ ଭାଇ ଲବ ଓ କୁଶ ।

ରିପୋର୍ଟ–କଳ୍ପତରୁ ମହାନ୍ତି, ବୈପାରିଗୁଡ଼ା







































ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ | Bhubaneswar, Thursday, November 30/2023



'ଧରିତ୍ରୀ' ୫୦ ବର୍ଷରେ ପଦାର୍ପଣ କରିବା ଅବସରରେ ପ୍ରକାଶିତ 'ଜନ୍ମଦିନ ବିଶେଷାଙ୍କ'କୁ ବୁଧବାର ଧରିତ୍ରୀ ପରିବାର ସଦସ୍ୟଙ୍କ ଗହଣରେ ସମ୍ପାଦକ ତଥାଗତ ସତପଥୀ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଉନ୍ମୋଚନ କରୁଛନ୍ତି। (ଫଟୋ: ବିକାଶ ନାୟକ)

# ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ମିଳିବ ଏନ୍ଇଇଟି, ଜେଇଇ କୋଚିଂ

**ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)**

ରାଜ୍ୟର ସମସ୍ତ ଯୁକ୍ତ୨ ଛାତ୍ରୀଛାତ୍ରଙ୍କୁ ନିଜ ସ୍କୁଲ୍ରେ ଏନ୍ଇଇଟି ଏବଂ ଜେଇଇ କୋଚିଂ ମିଳିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ଦୃଢ଼ କରିବା ପାଇଁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ସ୍କୁଲ ଅଧ୍ୟକ୍ଷଙ୍କୁ ଚିଠି ଲେଖାଯାଇଛି। ଅନ୍ଲାଇନ୍ ବା ଭର୍ଚୁଆଲରେ କୋଚିଂ ପାଇଁ ଯୋଜନା ହୋଇଛି। ତେଣୁ ସ୍ମାର୍ଟ ଟିଭି ସହ ତୁରନ୍ତ ସମସ୍ତ ବନ୍ଦୋବସ୍ତ କରିବା ପାଇଁ ଅଧ୍ୟକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟର ଅଧିକାଂଶ ଉଚ୍ଚ ମାଧ୍ୟମିକ ସ୍କୁଲ୍ରେ ସ୍ମାର୍ଟ କ୍ଲାସ୍ର ବିକାଶ ପାଇଁ ଯୋଜନା ଓ କାର୍ଯ୍ୟାନ୍ୱୟନ ବିଭାଗ ପକ୍ଷରୁ ସହାୟତା ପାଇସାରିଛନ୍ତି। ଯେଉଁ ସ୍କୁଲ୍ ଏହି ସହାୟତା ପାଇନାହାନ୍ତି ସେମାନେ ସାମ୍ସ ଆକାଉଣ୍ଟ କିମ୍ବା ସ୍କୁଲ୍ର ବିକାଶ ପାଇଁ ଦିଆଯାଇଥିବା ପାଣ୍ଠିରୁ ଏଥିଲାଗି ଅର୍ଥ ବିନିଯୋଗ କରାଯାଇପାରିବେ ବୋଲି କୁହାଯାଇଛି।

# କଏନ୍ ନେବାକୁ ମନା କରିପାରିବେନି ବ୍ୟାଙ୍କ

**ଭୁବନେଶ୍ୱର,୨୯।୧୧(ଅନୁରାଧା ମହାରଣା)**

୫୦ ପଇସାଠାରୁ ଆରମ୍ଭ କରି ୨୦ ଟଙ୍କିଆ କଏନ ଯାଏ କୌଣସି ମୁଦ୍ରା ଅଚଳ ହୋଇନାହିଁ। କୌଣସି ବ୍ୟାଙ୍କ କଏନ୍ ନେବାକୁ ମନା କରିପାରିବେ ନାହିଁ। ତେବେ ସାଧାରଣ ଲୋକେ କଏନ୍ କାରବାରକୁ ନେଇ ଯେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ତାହା ଦୂର କରିବାକୁ ରାଜ୍ୟର ୩୧୪ ବ୍ଲକ୍ରେ କଏନ ଏକ୍ସଚେଞ୍ଜ ମେଳା ଅନୁଷ୍ଠିତ ହେବ। ଏହି ମେଳା ଡିସେମ୍ବର ପ୍ରଥମ ସପ୍ତାହରୁ ଆରମ୍ଭ ହୋଇ ୩ ମାସ ପର୍ଯ୍ୟନ୍ତ ଚାଲିବ। ୩ ମାସ ମଧ୍ୟରେ ସବୁ ବ୍ଲକ ମୁଖ୍ୟାଳୟ ଓ ବଜାର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ କରାଯିବ।

## ୩୧୪ ବ୍ଲକ୍ରେ ହେବ କଏନ୍ ଏକ୍ସଚେଞ୍ଜ ମେଳା

ଲୋକମାନେ କଏନ୍ ସହ ମଇଳା ଓ ଚିରାଫଟା ନୋଟ୍ ବଦଳାଇପାରିବେ ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍ବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସନ୍ନ ମହାନ୍ତି ସୂଚନା ଦେଇଛନ୍ତି। ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଉଛି। କିନ୍ତୁ କେବଳ କଟକ ଭୁବନେଶ୍ୱରରେ ଏହି ମେଳା କରିବା ଦ୍ୱାରା ବ୍ଲକ ସ୍ତରର ଲୋକମାନେ ଉପକୃତ ହୋଇପାରୁ ନାହାନ୍ତି। ତେଣୁ ବ୍ଲକ୍ ସ୍ତରରେ ଏହି କାର୍ଯ୍ୟକ୍ରମ କରିବାକୁ ଯୋଜନା ରହିଛି। ମେଳା ଆୟୋଜନ ପୂର୍ବରୁ ସଂପୃକ୍ତ ବ୍ଲକରେ ଏନେଇ ପ୍ରଚାରପ୍ରସାର କରାଯିବ। ତେବେ ଲୋକେ ଅଧିକ ସଚେତନ ହେବା ସହ କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେହିଭଳି ରାଜ୍ୟର ଯେକୌଣସି ବ୍ୟାଙ୍କରେ ମଧ୍ୟ ଲୋକମାନେ ସେମାନଙ୍କ ପାଖରେ ଥିବା କଏନ ଜମା କରିପାରିବେ। କୌଣସି ବ୍ୟାଙ୍କ ମନା କଲେ ଆର୍ବିଆଇ ବ୍ୟାଙ୍କିଙ୍ଗ୍ ଅମ୍ବୁଡ୍ସମ୍ୟାନ୍ରେ ଗ୍ରାହକ ଅଭିଯୋଗ କରିପାରିବେ। ଏହିଆଧାରରେ ସଂପୃକ୍ତ ବ୍ୟାଙ୍କ ଶାଖା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ମୁଦ୍ରା ପ୍ରଚଳନ ନେଇ କୌଣସି ଗୁଜବ ସୃଷ୍ଟି ନ କରିବାକୁ ୨୦୧୯ରେ ଆର୍ବିଆଇ ଜନସାଧାରଙ୍କୁ କହିଥିଲା। ତେଣୁ ୫୦ ପଇସା, ଟଙ୍କିକିଆ, ୨ ଟଙ୍କିଆ, ୫ ଟଙ୍କିଆ, ୧୦ଟଙ୍କିଆ ଓ ୨୦ ଟଙ୍କିଆ ପ୍ରଚଳନରେ କୌଣସି ପ୍ରତିବନ୍ଧକ ନରହିବା ଉଚିତ ବୋଲି ଆର୍ବିଆଇର ଆଞ୍ଚଳିକ ନିର୍ଦ୍ଦେଶକ ମହାନ୍ତି କହିଛନ୍ତି।

ସୂଚନା ଥାଉକି, ୫୦ ପଇସା ମୁଦ୍ରା ପ୍ରଚଳନ ଉପରେ ଆର୍ବିଆଇ ପକ୍ଷରୁ କୌଣସି ରୋକ୍ ଲଗାଯାଇନାହିଁ। ମାତ୍ର ଦୀର୍ଘଦିନରୁ ବଜାରରେ ୫୦ ପଇସା ମୁଦ୍ରା ଦେଖିବାକୁ ମିଳୁନାହିଁ। କାରଣ କାହା ପାଖରେ ୫୦ ପଇସା ମୁଦ୍ରା ରହିଥିଲେ ତାହାକୁ କୌଣସି ବ୍ୟବସାୟୀ ଗ୍ରହଣ କରୁନାହାନ୍ତି। ଏପରିକି କେତେକ ବ୍ୟାଙ୍କରେ ଏହାକୁ ଗ୍ରହଣ କରାଯାଉ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ଉଠୁଛି। ସେହିଭଳି ଟଙ୍କିକିଆ ମୁଦ୍ରା ପ୍ରଚଳନରେ ମଧ୍ୟ ସମାନ ☞ପୃଷ୍ଠା-୪






**ଆଜିର ମନ୍ତବ୍ୟ**

"ନାଗରିକତ୍ୱ ସଂଶୋଧନ ଆଇନକୁ କେନ୍ଦ୍ର ସରକାର ନିଶ୍ଚିତ ଭାବେ କାର୍ଯ୍ୟକାରୀ କରିବେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ବିରୋଧ କରୁଛନ୍ତି। କିନ୍ତୁ ସିଏଏକୁ କେହି ରୋକିପାରିବେ ନାହିଁ। **–ଅମିତ ଶାହା, ସ୍ୱରାଷ୍ଟ୍ରମନ୍ତ୍ରୀ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଥୋଡ଼ା ଥୋଡ଼ା ଉପଦେଶ
ନବାତପଣ ସଙ୍ଗେ ସରି।**

ଜୋର କରି କାହା ଉପରେ ଅଧିକାର ସାବ୍ୟସ୍ତ କରିବା ଉଚିତ ହୋଇ ନ ଥାଏ। ଏଭଳି ଅଧିକାରକୁ ମଧ ଅନେକେ ସହଜରେ ଗ୍ରହଣ କରି ନ ଥାନ୍ତି। ତେବେ ଅଳ୍ପ ଅଳ୍ପ ଅଧିକାର ଗ୍ରହଣୀୟ ବା ସୁଖଦାୟକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଥାଳି ମାରିଦେଲେ
ଥାଳି ଚାଲିଯିବ।**

ସାଧାରଣତଃ ସଭାସମିତି ବା ମହୋତ୍ସବରେ ବହୁ ଲୋକଙ୍କ ସମାଗମ ଘଟିଥାଏ। ଏପରିସ୍ଥଳେ ବହୁ ଲୋକ ଏକାଠି ରୁଣ୍ଡ ହୋଇଯିବା ଫଳରେ ସେମାନଙ୍କ ମୁଣ୍ଡ ଗଣତି କରିବା ଅସମ୍ଭବ ହୋଇଯାଏ। ବହୁଲୋକ ଏକତ୍ର ଭିଡ଼ ଜମାଇବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ଆଜି କୁଳପତି ସମ୍ମିଳନୀ

**ଭୁବନେଶ୍ୱର, ୨୯।୧୧ (ଅସମାପିକା ସାହୁ)**

ରାଜ୍ୟର ସବୁ ସରକାରୀ ବିଶ୍ୱବିଦ୍ୟାଳୟ କୁଳପତିଙ୍କ ସମ୍ମିଳନୀ ଗୁରୁବାର ରାଜଭବନରେ ଅନୁଷ୍ଠିତ ହେବ। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ରଘୁବର ଦାସ ଏଥିରେ ଯୋଗଦେଇ କୁଳପତିମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ପୂର୍ବାହ୍ନ ୧୧ଟା ୩୦ରେ ଆରମ୍ଭ ହେବାକୁ ଥିବା ଏହି ସମ୍ମିଳନୀରେ ଜାତୀୟ ଶିକ୍ଷାନୀତି ୨୦୨୦ର କାର୍ଯ୍ୟକାରିତା ନେଇ ଆଲୋଚନା ହେବ। ଏଥିସହ ପରୀକ୍ଷା ଆୟୋଜନ, ଫଳ ପ୍ରକାଶନ ଏବଂ ପ୍ରମାଣପତ୍ର ବିତରଣ ଆଦି ଉପରେ ଆଲୋଚନାରେ ମଧ ଗୁରୁତ୍ୱ ଦିଆଯିବ। ସେହିପରି ବିଶ୍ୱବିଦ୍ୟାଳୟରେ ଗବେଷଣା କାର୍ଯ୍ୟକ୍ରମ, ଶୈକ୍ଷିକ ପରିବେଶରେ ଉନ୍ନତି, ସିଏଏସ୍ ପ୍ରମୋଶନ୍ ଆୟୋଜନ ଆଦି ବିଷୟ ଉପରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ନୂଆ ରାଜ୍ୟପାଳ ଭାବେ ରଘୁବର ଦାସ ଦାୟିତ୍ୱ ନେବା ପରେ ଏହା ତାଙ୍କର ପ୍ରଥମ କୁଳପତି ସମ୍ମିଳନୀ ହେବ।

# ୮୦% ଅର୍ଥ ଖର୍ଚ୍ଚ କରିଥିଲେ ଡିସେମ୍ବରରେ ମିଳିବ ଅତିରିକ୍ତ ଅନୁଦାନ

## ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ବୈଠକ

**ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର)**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ସମସ୍ତ ଯୋଜନା ଓ ପ୍ରକଳ୍ପ ତ୍ୱରାନ୍ୱିତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ କରିବା ସହ ଠିକ୍ ସମୟରେ ପ୍ରକଳ୍ପ ସମାପ୍ତକରି ସେଗୁଡିକର ରିପୋର୍ଟ ପ୍ରଦାନ କରିବାକୁ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଅପରାହ୍ନରେ ଲୋକସେବା ଭବନସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଓସ୍ୱାନ ହଲ୍‌ରେ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଏଥିରେ ଅଧକ୍ଷତା କରି କହିଛନ୍ତି, ବିଭାଗର ସମସ୍ତ କାର୍ଯ୍ୟ ଶୃଙ୍ଖଳିତ ହେବା ଆବଶ୍ୟକ । ଜଣେ ଅବସର ନେବାର ଅବ୍ୟବହିତ ପୂର୍ବରୁ ତାଙ୍କର ପେନ୍‌ସନ ସମ୍ବନ୍ଧୀୟ କାଗଜପତ୍ର ବିଭାଗରେ ପହଞ୍ଚିବା ଆବଶ୍ୟକ। ଅଦାଲତ ସମ୍ବନ୍ଧୀୟ କେସ୍‌ଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାଧାନକରି କର୍ମଚାରୀମାନଙ୍କ ଗ୍ରାଚ୍ୟୁଟି, ପେନ୍‌ସନ ଆଦିକୁ ସହଜ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରୁ ଆସୁଥିବା ବିଭାଗ ସମ୍ବନ୍ଧୀୟ ସମସ୍ତ ଅଭିଯୋଗର ଯଥା ସମୟରେ ତ୍ୱରିତ ସମାଧାନପୂର୍ବକ ଅନୁପାଳନ ରିପୋର୍ଟ ବିଭାଗକୁ ପ୍ରଦାନ କରିବା ଜରୁରୀ ବୋଲି ସେ ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ଅବସରରେ ସଞ୍ଜୟ ସିଂହ କହିଛନ୍ତି, ସଡ଼କ, ସେତୁ ଓ ଗୃହ ନିର୍ମାଣ କ୍ଷେତ୍ରରେ ବିଭାଗ ସମସ୍ତ ସର୍କଲକୁ ପର୍ଯ୍ୟାପ୍ତ ପାଣ୍ଠି ହସ୍ତାନ୍ତର କରିଛି। ଏଣୁ ଯେଉଁ ଡିଭିଜନଗୁଡ଼ିକ ସେମାନଙ୍କୁ ଦିଆଯାଇଥିବା ଅନୁଦାନର ୮୦ ପ୍ରତିଶତ ଅଦ୍ୟାବଧି ବ୍ୟୟ କରି ସାରିଛନ୍ତି । ସେମାନଙ୍କୁ ଅତିରିକ୍ତ ଅନୁଦାନ ଡିସେମ୍ବରରେ ଦିଆଯିବ। ୨୦୨୨–୨୩ ଏବଂ ୨୦୨୩–୨୪ ଆର୍ଥିକ ବର୍ଷରେ ହାତକୁ ନିଆଯାଇଥିବା ସମସ୍ତ ପ୍ରକଳ୍ପର ବାକି ରହିଥିବା ଡିପିଆର୍ ଫାଇନାଲ କରିବାକୁ ସେ ପରାମର୍ଶ ଦେଇଛନ୍ତି।

# ସ୍ୱାସ୍ଥ୍ୟ ସେବାରେ ଯୋଗଦେଲେ ୩,୭୩୨ ନର୍ସିଂ ଅଫିସର




## ମଦର ଟେରେସାଙ୍କ ଆଦର୍ଶକୁ ନେଇ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କର: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧୧ (ଅନିଲ ଦାସ)**

ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ଡାକ୍ତରଖାନାରେ ବୁଧବାର ୩,୭୩୨ ଜଣ ନର୍ସିଂ ଅଫିସର ଯୋଗ ଦେଇଛନ୍ତି । ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଆୟୋଜିତ ନିଯୁକ୍ତି ପର୍ବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବାଗତ ନର୍ସିଂ ଅଫିସରଙ୍କୁ ପଣ୍ଡିତ ଗୋପବନ୍ଧୁ ଦାସ, ଫ୍ଲୋରେନ୍ସ ନାଇଟଙ୍ଗେଲ ଓ ମଦର ଟେରେସାଙ୍କ ପରି ସେବାର ପ୍ରତିମୂର୍ତ୍ତିମାନଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି । ନିଃସ୍ୱାର୍ଥପର ଭାବେ ନିଷ୍ଠାର ସହ ସେବାର ଏହି ମୂର୍ତ୍ତିମନ୍ତ ପ୍ରତୀକମାନଙ୍କ ଆଦର୍ଶରେ କାମ କଲେ, ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରୋଗୀ ସେବା ଭଳି ମହାନ୍ ସେବାରେ ଯୋଗ ଦେଇଥିବାରୁ ନୂଆ ଅଧିକାରୀମାନଙ୍କୁ ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସ୍ୱାସ୍ଥ୍ୟ ସେବାର ମୂଳମନ୍ତ୍ର ହେଉଛି ପ୍ରତି ଜୀବନ ମୂଲ୍ୟବାନ। ଏ ଦିଗରେ ନର୍ସିଂ ଅଫିସରମାନଙ୍କ ଗୁରୁଦାୟିତ୍ୱ ରହିଛି। ପ୍ରତ୍ୟେକ ଲୋକ ଯେପରି ଉତ୍ତମ ସେବା ପାଇପାରିବେ, ସେ ଦାୟିତ୍ୱ ଆପଣମାନଙ୍କ। ଆପଣମାନେ ହିଁ ରୋଗୀ ଭିତରେ ଭରସା ସୃଷ୍ଟି କରିପାରିବେ। କରୋନା ସମୟରେ ଡାକ୍ତରମାନଙ୍କ ସହିତ ନର୍ସିଂ ଅଫିସରମାନେ ମଧ ବହୁତ ଭଲ କାମ କରିଛନ୍ତି। କୋଭିଡ୍ ପରିଚାଳନାର ସଫଳତାରେ ନର୍ସିଂ ଅଫିସରମାନଙ୍କ ବହୁତ ବଡ଼ ଭୂମିକା ଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ପର୍ଯ୍ୟାପ୍ତ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ନୂତନ ମେଡିକାଲ କଲେଜ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ନୂତନ ନିଯୁକ୍ତି ଜରିଆରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁନିଶ୍ଚିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୫–ଟି ତଥା ନବୀନ ଓଡ଼ିଶାର ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ନବନିଯୁକ୍ତ ନର୍ସିଂ ଅଫିସରମାନଙ୍କ ସହ ମତବିନିମୟ କରି ଆପଣମାନେ ଆଜି ନୂଆ ଚାକିରିରେ ଯୋଗ ଦେଇ ଯେପରି ଖୁସି ଅଛନ୍ତି, ଆପଣମାନଙ୍କ ପାଖକୁ ଯେଉଁ ଲୋକ ଚିକିତ୍ସା ପାଇଁ ଆସିବେ, ସେମାନଙ୍କୁ ମଧ ଏପରି ଖୁସି ଦେବାକୁ ଉଦ୍ୟମ କରନ୍ତୁ। ସେମାନଙ୍କୁ ଭଲ ସେବା ଦିଅନ୍ତୁ । ଲୋକମାନେ ପୁଣ୍ୟ ପାଇଁ ମନ୍ଦିର ଯାଆନ୍ତି, କିନ୍ତୁ ଆପଣମାନେ ଏପରି ଚାକିରି ପାଇଛନ୍ତି ଯେଉଁଥିରେ ରୋଗୀ ସେବା ଜରିଆରେ ଆପଣ ଭାଗବାନଙ୍କ ଆଶୀର୍ବାଦ ପାଇବେ ଓ ପୁଣ୍ୟ ଅର୍ଜନ କରିବେ ବୋଲି ପାଣ୍ଡିଆନ ଆହ୍ୱାନ ଦେଇଛନ୍ତି। ମୁଖ୍ୟ ଶାସନ ସଚିବ ପି.କେ. ଜେନା କହିଛନ୍ତି ଯେ ୩,୭୩୨ ଜଣ ନର୍ସିଂ ଅଫିସରଙ୍କ ନୂଆ ନିଯୁକ୍ତି ଆମର ସ୍ୱାସ୍ଥ୍ୟସେବା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ସହିତ ଆମର ଲକ୍ଷ୍ୟ ପୂରଣରେ ସହାୟକ ହେବ। ସମସ୍ତଙ୍କୁ ନିଷ୍ଠାର ସହ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ନୂତନ ଭାବେ ନିଯୁକ୍ତି ପାଇଥିବା ନର୍ସିଂ ଅଫିସରଙ୍କ ମଧ୍ୟରୁ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜର ଲିପ୍ସା ନାୟକ, ମୟୂରଭଞ୍ଜର ଦିବ୍ୟଜ୍ୟୋତି ଖଣ୍ଡା ଏବଂ ପୁରୀ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ମିତା ବହିଦାର ପ୍ରମୁଖ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତାର ସହ ଏବଂ ଖୁବ କମ୍ ସମୟ ମଧ୍ୟରେ ସେମାନଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧକ୍ଷଙ୍କ ନିକଟରେ କୃତଜ୍ଞ। ମୁଖ୍ୟମନ୍ତ୍ରୀଙ୍କ 'ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା' ଗଠନ ପାଇଁ ସେମାନେ ସମର୍ପିତ ହୋଇ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ନର୍ସିଂ ନିର୍ଦ୍ଦେଶକ ରାମଚନ୍ଦ୍ର ରାଉତ ଧନ୍ୟବାଦ ଦେଇଥିଲେ।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଓଡ଼ିଶା ମିଲେଟ୍‌ସ ମିଶନକୁ 'ଗ୍ଲୋବାଲ ମଡେଲ୍' ପୁରସ୍କାର

**ଭୁବନେଶ୍ୱର, ୨୯।୧୧ (ବନ୍ଦନା ସେଠୀ)**

ମିଲେଟ୍‌ସର ପ୍ରୋତ୍ସାହନ ପାଇଁ ଓଡ଼ିଶା ମିଲେଟ୍‌ସ ମିଶନକୁ 'ଗ୍ଲୋବାଲ ମଡେଲ୍' ପୁରସ୍କାର ମିଳିଛି। ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଲେଟ୍‌ସ ରିସର୍ଚ୍ଚ ଦ୍ୱାରା ହାଇଦ୍ରାବାଦଠାରେ ଆୟୋଜିତ ଅନ୍ତରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଅବସରରେ ଓଡ଼ିଶାକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଏହି ପୁରସ୍କାର ଗ୍ରହଣ କରିଥିଲେ। ଏଥିସହ ଏକ ଅଧିବେଶନରେ ସହ ଅଧକ୍ଷ ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଓଡ଼ିଶା ମିଲେଟ୍‌ସ ମିଶନ୍ ବ୍ୟାପକ ଭାବେ ମିଲେଟ୍‌ସର ପୁନରୁଦ୍ଧାର କାର୍ଯ୍ୟ କରିଥିବାବେଳେ ଏହା ଅନ୍ୟ ରାଜ୍ୟ ଓ ବିଶ୍ୱପାଇଁ ଏକ ମଡେଲ କାର୍ଯ୍ୟକ୍ରମ ସାବ୍ୟସ୍ତ ହୋଇ ପାରିଛି ବୋଲି ଡ. ପାଢୀ କହିଥିଲେ। ନଭେମ୍ବର ୨୭ ଓ ୨୮ରେ ଏହି ଦୁଇଦିନିଆ ଅନ୍ତଃରାଷ୍ଟ୍ରୀୟ ପୁଷ୍ଟିଶସ୍ୟ ସମ୍ମିଳନୀ ୫.୦ ଆୟୋଜନ କରାଯାଇଥିଲା। ବିଷୟବସ୍ତୁ ଥିଲା 'ମେନ୍‌ଷ୍ଟ୍ରିମିଙ୍ଗ୍ ମିଲେଟ୍‌ସ ନାଓ ଆଣ୍ଡ୍ ବିୟଣ୍ଡ୍', ଯାହାକି ଆଜିର ଦିନରେ ଏହି ପ୍ରାଚୀନ ଶସ୍ୟର ମହତ୍ତ୍ୱକୁ ପ୍ରଦର୍ଶିତ କରୁଛି। ଏହି ସମ୍ମିଳନୀରେ ଏକାଧିକ ବୈଷୟିକ ଅଧିବେଶନ, ବୁଝାମଣାପତ୍ର ସ୍ୱାକ୍ଷର, ପୁସ୍ତିକା ଆଦି ପ୍ରକାଶ କରାଯାଇଥିଲା।



କଟକ ବାଲିଯାତ୍ରା ତଳପଡ଼ିଆ ପଲ୍ଲିଶ୍ରୀ ମେଳା ଷ୍ଟଲରେ ଖେଳନା ଓ ଗୃହସଜ୍ଜିତ ଉପକରଣ ଦେଖୁଥିବା ମହିଳା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ନ ରହିଲେ କ୍ଷତିରେ ପଡ଼ିପାରନ୍ତି। ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ସ୍ୱାସ୍ଥ୍ୟହାନି ସମ୍ପର୍କିତ ସମସ୍ୟା ଓ ପିଲାମାନଙ୍କ ବିବାହ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ମିଥୁନ** – ଭାବୁଥିବେ ଗୋଟିଏ କଥା, କଳାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କିନ୍ତୁ ଆପଣ କୂଟନୀତି ବଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ।

**କର୍କଟ** – ଆଜି ଦ୍ୱନ୍ଦ୍ୱରେ ପଡ଼ି ପ୍ରତ୍ୟେକ କଥାକୁ ଠିକ୍ ଭାବେ ବୁଝିପାରିବେନି। ଆକସ୍ମିକ ଭାବେ ଆଶା କରୁଥିବା ଶୁଭଖବର ଶୁଣି ଖୁସିହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବ, ଏଣୁ ସାବଧାନତା ଆବଶ୍ୟକ।

**ସିଂହ** – କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିପାରନ୍ତି। ସାମାଜିକ ସ୍ତରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ।

**କନ୍ୟା** – ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବାକୁ ଇଚ୍ଛା କରିବେ। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍‌ମାର୍ଗ ଅନୁସରଣ କରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା** – ଆଜି ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ପାରିବାରିକ କ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ବିଷୟରେ ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କିନ୍ତୁ କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ। ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ।

**ଧନୁ** – ଆଜି ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ ଏବଂ ମାଲିମକଦ୍ଦମାରେ ଆପୋଷ ସମାଧାନ ଘଟିବ। ଖଳଲୋକଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** – ଆଜି ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। କେତେକ କ୍ଷେତ୍ରରେ କାରଣ ନ ଥାଇ ମଧ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**କୁମ୍ଭ** – ଆଜି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନାହିଁ।

**ମୀନ** – ପାଖପଡ଼ୋଶୀଙ୍କ ସହ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହେବେ। ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। କେତେକ କ୍ଷେତ୍ରରେ ଜିଦ୍‌ଖୋର ମନୋବୃତ୍ତି ଯୋଗୁ ହଇରାଣ ହୋଇପାରନ୍ତି।

ଆଜି ମାର୍ଗଶିର କୃଷ୍ଣ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାଣବସା ପ୍ରଥମ ପାଳି, ସାର୍ ଜଗଦୀଶ୍ ଚନ୍ଦ୍ର ବୋଷ୍‌ଙ୍କ ଜୟନ୍ତୀ, ନଭେମ୍ବର ୩୦ ତାରିଖ, ରାଶି ନକ୍ଷତ୍ର–ଆରଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୦୭ମି. ଗତେ ୦୭।୩୫ମି. ମଧ୍ୟେ ଶୁଦ୍ଧ ଶୁଭବେଳା।। ଦିବା ଘ.୧୨।୫୬ମି. ଗତେ ଘ.୦୨।୧୮ମି. ମଧ୍ୟେ ରାହୁକାଳ।।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୩୦/୨୦୨୩ | Bhubaneswar, Thursday, November 30/2023 | ପୃଷ୍ଠା-୧

# ଆଉ ୫ ବର୍ଷ ମାଗଣା ଶସ୍ୟ

ନୂଆଦିଲ୍ଲୀ,୨୯।୧୧

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ଗରିବମାନଙ୍କୁ ମାଗଣାରେ ମାସକୁ ୫ କେ.ଜି. ଖାଦ୍ୟଶସ୍ୟ ବଣ୍ଟନ ବ୍ୟବସ୍ଥାକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଛି। ଅନ୍ତ୍ୟୋଦୟ ପରିବାରଗୁଡ଼ିକୁ ପ୍ରତିମାସ ୩୫ କେ.ଜି. ଖାଦ୍ୟଶସ୍ୟ ମିଳିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଏହି ☞ପୃଷ୍ଠା-୪




# ମୁଢ଼ି ବଞ୍ଚାଇଥିଲା ୧୦ ଦିନ

## ସୁଡ଼ଙ୍ଗ ଭିତର ଅନୁଭୂତି ବଖାଣିଲେ ଓଡ଼ିଆ ଶ୍ରମିକ

*ଆଶା ଆଶଙ୍କାରେ ବିତି ଚାଲିଥିଲା ଦିନ। ମାନସିକ ଦୁଶ୍ଚିନ୍ତା, ପରିବାର ଚିନ୍ତା ପ୍ରତି ମୁହୂର୍ତ୍ତରେ ବିଚଳିତ କରୁଥିଲା। ବିପଦରେ ଥାଇ ମଧ୍ୟ ସାହସ ଓ ଧୈର୍ଯ୍ୟ ହରାଇ ନ ଥିଲେ ୧୭ ଦିନ ଧରି ସୁଡ଼ଙ୍ଗ ଭିତରେ ଫସି ରହିଥିବା ଓଡ଼ିଆ ଶ୍ରମିକମାନେ। ମୟୂରଭଞ୍ଜର ପ୍ରିୟ ଖାଦ୍ୟ ମୁଢ଼ି ହିଁ ୧୦ ଦିନ କାଳ ସେମାନଙ୍କ ଜୀବନ ବଞ୍ଚାଇବାରେ ସହାୟ ହୋଇଥିଲା। ଏକାଠି ଥିବାରୁ ସମସ୍ତଙ୍କ ମନୋବଳ ଦୃଢ଼ ଥିଲା। ଏଭଳି କିଛି ରୋଚକ ଅନୁଭୂତି ବଖାଣିଛନ୍ତି ଉତ୍ତରାଖଣ୍ଡ ଉତ୍ତରକାଶୀରେ ସୁଡ଼ଙ୍ଗ ଭିତରେ ଫସି ରହି ମଙ୍ଗଳବାର ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଚନ୍ଦନପୁର ପଞ୍ଚାୟତ ବେଢ଼ାକୁଦର ଗ୍ରାମର ଧୀରେନ ନାଏକ।*

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି(ସଞ୍ଜୟ ଅଗ୍ରୱାଲ),୨୯।୧୧


ଧୀରେନ ନାଏକ

ଓଡ଼ିଆ ଶ୍ରମିକ ଧୀରେନ ନାଏକ ଓ ଅନ୍ୟ ୪ ଓଡ଼ିଆଙ୍କ ସମେତ ମୋଟ ୪୧ ଶ୍ରମିକ ସୁଡ଼ଙ୍ଗ ଭିତରୁ ବାହାରକୁ ବାହାରିବା ପରେ ପୁନର୍ଜନ୍ମ ପାଇଥିବା ଅନୁଭବ କରିଛନ୍ତି। ବାହାରର ଆଲୋକ ଦେଖିବା ପରେ ଈଶ୍ୱରଙ୍କୁ ଧୀରେନ ଧନ୍ୟବାଦ ଜଣାଇଛନ୍ତି। ଧୀରେନ କହିଛନ୍ତି ଯେ, ସେ ଅନ୍ୟ ଶ୍ରମିକମାନଙ୍କ ସହ ନଭେମ୍ବର ୧୧ ତାରିଖ ରାତି ୮ଟାରେ ଡ୍ୟୁଟିକୁ ଯାଇଥିଲେ। ସୁଡ଼ଙ୍ଗର ୨ କି.ମି. ଦୂରରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ତହିଁ ପରଦିନ ଦୀପାବଳି ଥିବାରୁ ଶୀଘ୍ର କାମ ସାରି ସକାଳେ ଫେରିବାବେଳେ ବାଟ ବନ୍ଦ ହୋଇଯାଇଥିଲା। ସୁଡ଼ଙ୍ଗ ଭୁଶୁଡ଼ି ପଡ଼ିବା ଦେଖି ଅନ୍ଧାର ଭିତରେ ସେମାନେ ଜୀବନ ବଞ୍ଚାଇବାର ରାହା ଖୋଜିଥିଲେ। ଫୋନରେ ଯୋଗାଯୋଗ ସମ୍ଭବ ନ ଥିଲା। ୧୮ଘଣ୍ଟା ଧରି ପର୍ଯ୍ୟାପ୍ତ ଅମ୍ଳଜାନ ପାଇପାରି ନ ଥିଲେ। ତେବେ ଦୁର୍ଘଟଣା ପରେ ସୁଡ଼ଙ୍ଗ ଭିତରେ ପାଣି ଲାଇନ୍ କଟି ନ ଥିଲା। ଜୀବନ ବଞ୍ଚାଇବା ପାଇଁ ସୁଡ଼ଙ୍ଗ ଭିତରକୁ ଯାଇଥିବା ପାଣି ପାଇପ୍ କାଟି ପ୍ରଥମେ ଚିତ୍କାର କରି ବାହାରକୁ ମେସେଜ ପଠାଇଥିଲେ। ଉକ୍ତ ପାଇପ୍ ଯୋଗେ ମୋଟର ଚଳାଇ ପାଣି ଛାଡ଼ିବା ପରେ ବାହାର ଲୋକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଥିଲା। ୧୮ଘଣ୍ଟା ପରେ ପାଣି ପାଇପ୍ ମାଧ୍ୟମରେ ଅମ୍ଳଜାନ ଓ ଖାଦ୍ୟ ପାଇଥିଲେ। ପ୍ରଥମେ ମୁଢ଼ି, କାଜୁ ଓ କିସ୍‌ମିସ୍ ପାଇଥିଲେ। ପ୍ରଥମ ୧୦ଦିନ କେବଳ ମୁଢ଼ିରେ ଜୀବନ ବଞ୍ଚାଇଥିଲେ। ପରେ ଏକ ୬ ଇଞ୍ଚର ପାଇପ୍ ଯୋଗେ ଭାତ, ରୁଟି, ତରକାରି ପାଇଥିଲେ। ସେମାନେ ସମସ୍ତେ ଏକାଠି ଥିବାରୁ କାହାରି ମନୋବଳ ଭାଙ୍ଗି ନ ଥିଲା। ଉଦ୍ଧାର କାର୍ଯ୍ୟ ଚାଲିଥିବା ଶୁଣି ସେମାନେ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ | ଆଦିମାନବର କଥା

# ରାଜ୍ୟରେ କଳା କଲରାପତରିଆ ଠାବ



ଭୁବନେଶ୍ୱର, ୨୯।୧୧(ଅସମାପିକା ସାହୁ)

ରାଜ୍ୟରେ ପୁଣିଥରେ ଦେଖାଯାଇଛି କଳାବାଘ। ରାଜ୍ୟରେ ବାଘ ଗଣନା ଚାଲିଥିବାବେଳେ ଏହି ବାଘର ଫଟୋ କ୍ୟାମେରା ଟ୍ରାପ୍‌ରେ ଠାବ ହୋଇଥିବା ଜଣାପଡ଼ିଛି। ଏ ନେଇ ବୁଧବାର ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ଟୁଇଟ୍ କରି ସୂଚନା ଦେଇଛନ୍ତି। ଫଟୋରୁ ଏହା ଏକ କଳା ରଙ୍ଗର କଲରାପତରିଆ ବାଘ ବୋଲି ଜଣାପଡୁଛି। ତେବେ ଏହା କେନ୍ଦ୍ରୀୟ ଓଡ଼ିଶାର ଏକ ନିର୍ଦ୍ଦିଷ୍ଟ ଜଙ୍ଗଲରେ ଦେଖାଯାଇଥିବା ସୂଚନା ମିଳିଛି। ତେବେ କେଉଁ ଜଙ୍ଗଲରେ ଏହି ବିରଳ ବାଘ ☞ପୃଷ୍ଠା-୪






> ଏକ ପୂର୍ଣ୍ଣ ପ୍ରାଣଶକ୍ତି ଓ ବୌଦ୍ଧିକ ବିକାଶ ବ୍ୟତୀତ, ଭାରତ ତା'ର ଆଧ୍ୟାତ୍ମିକ ପ୍ରବୃତ୍ତିକୁ ନେଇ ଯେତେ ଯାହା କରିଛି ସେତିକି ସେ କେବେ କରିପାରି ନ ଥାନ୍ତା। ଏପରି ଭାବିବା ବଡ ଭୁଲ ଯେ, ଏକ ଦରିଦ୍ର ଭୂମି ଉପରେ ଅର୍ଦ୍ଧମୃତ ଜୀବନ ଏବଂ ହତୋତ୍ସାହିତ ଭୟାକ୍ରାନ୍ତ ବୁଦ୍ଧିରେ ହିଁ ଆଧ୍ୟାତ୍ମିକତା ବିକଶିତ ହୋଇପାରେ। -ଶ୍ରୀଅରବିନ୍ଦ



# ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏକ ପ୍ରୟାସ

## ଭାରତର ଜି୨୦ ଅଧ୍ୟକ୍ଷତା ଏବଂ ଏକ ନୂତନ ବହୁପକ୍ଷବାଦର ପ୍ରାରମ୍ଭ

ନରେନ୍ଦ୍ର ମୋଦି
ପ୍ରଧାନମନ୍ତ୍ରୀ

ଭାରତ ଜି୨୦ ଅଧ୍ୟକ୍ଷତା ଗ୍ରହଣ କରିବାକୁ ଆଜି ୩୬୫ ଦିନ ପୂରିଛି। 'ବସୁଧୈବ କୁଟୁମ୍ବକମ' – 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଭାବନାକୁ ପ୍ରତିଫଳିତ କରିବା, ସଂକଳ୍ପବଦ୍ଧ ହେବା ଏବଂ ଏହାକୁ ପୁନର୍ଜୀବିତ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ମୁହୂର୍ତ୍ତ ଉପନୀତ ହୋଇଛି।

ଗତ ବର୍ଷ ଯେତେବେଳେ ଆମେ ଏହି ଦାୟିତ୍ୱ ଗ୍ରହଣ କରିଥିଲୁ, ବିଶ୍ୱ ପରିଦୃଶ୍ୟ ବହୁମୁଖୀ ଆହ୍ୱାନର ସମ୍ମୁଖୀନ ହୋଇଥିଲା: କୋଭିଡ୍ -୧୯ ମହାମାରୀରୁ ପୁନରୁଦ୍ଧାର, ଜଳବାୟୁ ବିପଦ, ଆର୍ଥିକ ଅସ୍ଥିରତା ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଋଣ ସଙ୍କଟ ସହ ହ୍ରାସ ପାଉଥିବା ବହୁପକ୍ଷବାଦ ଚିନ୍ତାର କାରଣ ପାଲଟିଥିଲା। ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିକାଶ ପାଇଁ ସହଯୋଗ କ୍ଷତିଗ୍ରସ୍ତ ହୋଇଛି, ପ୍ରଗତିରେ ବାଧା ସୃଷ୍ଟି ହୋଇଛି।

ଜି୨୦ ଅଧ୍ୟକ୍ଷତା ଗ୍ରହଣକରି ଭାରତ ବିଶ୍ୱକୁ ସ୍ଥିତାବସ୍ଥାର ବିକଳ୍ପ ପ୍ରଦାନ କରିବାକୁ ଚାହୁଁଥିଲା, ଯାହା ଜିଡିପି-କେନ୍ଦ୍ରିତ ଆଭିମୁଖ୍ୟରୁ ମାନବ-କେନ୍ଦ୍ରିତ ପ୍ରଗତିକୁ ପରିବର୍ତ୍ତିତ ହୋଇଥିଲା। କେଉଁ ସବୁ କାରଣ ଆମକୁ ବିଭାଜିତ କରୁଛି ତା' ବଦଳରେ ଆମକୁ କେଉଁ କାରଣ ଏକାଠି କରିଥାଏ ତାହା ବିଶ୍ୱକୁ ମନେପକାଇବାକୁ ଭାରତ ଲକ୍ଷ୍ୟ ରଖିଥିଲା। ଶେଷରେ, ଏକ ବିଶ୍ୱସ୍ତରୀୟ ବିଚାରବିମର୍ଶ ବିକଶିତ ହୋଇଥିଲା – ଅନେକଙ୍କ ଆକାଂକ୍ଷା ପାଇଁ ଅଳ୍ପ କିଛି ଲୋକଙ୍କ ସ୍ୱାର୍ଥ ବାଧହୋଇ ବାଟ ଛାଡ଼ିଥିଲା। ଏଥିପାଇଁ ବହୁପକ୍ଷବାଦର ମୌଳିକ ସଂସ୍କାର ଆବଶ୍ୟକ ଥିଲା ଯାହା ଆମେ ପୂର୍ବରୁ ଜାଣିଥିଲୁ।

ସମାବେଶୀ, ଉଚ୍ଚାକାଂକ୍ଷୀ, କାର୍ଯ୍ୟଭିତ୍ତିକ ଏବଂ ନିର୍ଣ୍ଣାୟକ – ଜି୨୦ ଅଧ୍ୟକ୍ଷ ଭାବରେ ଏହି ଚାରିଟି ଶବ୍ଦ ଆମର ଆଭିମୁଖ୍ୟକୁ ବ୍ୟାଖ୍ୟା କରିଥିଲା ଏବଂ ସମସ୍ତ ଜି୨୦ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ନେତୃମଣ୍ଡଳୀଙ୍କ ଘୋଷଣାନାମା (ଏନ୍‌ଡିଏଲ୍‌ଡି) ଏହିନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ।

ଅନ୍ତର୍ଭୁକ୍ତୀକରଣ ଆମ ଅଧ୍ୟକ୍ଷତାର କେନ୍ଦ୍ରରେ ରହିଛି। ଆଫ୍ରିକୀୟ ସଂଘ (ଏୟୁ)କୁ ଜି୨୦ର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ୫୫ ଆଫ୍ରିକୀୟ ଦେଶ ଏହି ମଞ୍ଚରେ ସାମିଲ ହୋଇଥିଲେ ଏବଂ ବିଶ୍ୱ ଜନସଂଖ୍ୟାର ୮୦% କୁ ସାମିଲ କରିବା ପାଇଁ ଏହି ମଞ୍ଚକୁ ବିସ୍ତାର କରିଥିଲେ। ଏହି ସକ୍ରିୟ ଆଭିମୁଖ୍ୟ ବୈଶ୍ୱିକ ଆହ୍ୱାନ ଏବଂ ସୁଯୋଗ ଉପରେ ଅଧିକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିଛି।

ଦୁଇଟି ସଂସ୍କରଣରେ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ 'ଭଏସ୍ ଅଫ୍ ଦି ଗ୍ଲୋବାଲ ସାଉଥ ଶିଖର ସମ୍ମିଳନୀ' ବହୁପକ୍ଷବାଦର ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକ ଆଲୋଚନାରେ ଗ୍ଲୋବାଲ ସାଉଥ୍‌ର ଚିନ୍ତାକୁ ଭାରତ ମୁଖ୍ୟସ୍ରୋତରେ ସାମିଲ କରିଛି ଏବଂ ଏକ ଯୁଗ ଆରମ୍ଭ କରିଛି ଯେଉଁଠାରେ ବିକାଶଶୀଳ ଦେଶଗୁଡ଼ିକ ବିଶ୍ୱ ପରିଦୃଶ୍ୟକୁ ଆକାର ଦେବାରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିବେ।

ଅନ୍ତର୍ଭୁକ୍ତୀକରଣ ମଧ୍ୟ ଜି୨୦ ପ୍ରତି ଭାରତର ଘରୋଇ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥିଲା ଏବଂ ଏହାକୁ ଏକ ପିପୁଲ୍ସ ପ୍ରେସିଡେନ୍ସିରେ ପରିଣତ କରିଥିଲା ଯାହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଅନୁରୂପ ହୋଇପାରିଛି। 'ଜନ ଭାଗୀଦାରି' କାର୍ଯ୍ୟକ୍ରମ ଜରିଆରେ ଜି୨୦ ପହଞ୍ଚିଛି ୧୪୦ କୋଟି ନାଗରିକଙ୍କ ନିକଟରେ, ଯେଉଁଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପରେ ଭାରତ ସୁନିଶ୍ଚିତ କରିଛି ଯେ ଜି୨୦ର ଉଦ୍ଦେଶ୍ୟ ଅନୁରୂପ ବ୍ୟାପକ ବିକାଶମୂଳକ ଲକ୍ଷ୍ୟ ପ୍ରତି ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା।

୨୦୩୦ ଏଜେଣ୍ଡାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରବିନ୍ଦୁରେ ଭାରତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି)ର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜି୨୦ କାର୍ଯ୍ୟଯୋଜନା ୨୦୨୩ ପ୍ରଦାନ କରିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥାୟିତ୍ୱ ସମେତ ପରସ୍ପର ସହ ଜଡ଼ିତ ପ୍ରସଙ୍ଗଗୁଡ଼ିକ ପାଇଁ ଏକ କାର୍ଯ୍ୟକାରିତାଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିଛି।

ଏହି ଅଗ୍ରଗତିର ଏକ ପ୍ରମୁଖ କ୍ଷେତ୍ର ହେଉଛି ସୁଦୃଢ଼ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)। ଆଧାର, ୟୁପିଆଇ ଓ ଡିଜିଲକର ଭଳି ଡିଜିଟାଲ ଉଦ୍ଭାବନର ବୈପ୍ଳବିକ ପ୍ରଭାବ ପ୍ରତ୍ୟକ୍ଷ ଭାବେ ଦେଖିଥିବା ଭାରତ ଏଠାରେ ନିଜ ସୁପାରିସ କରିବାରେ ନିର୍ଣ୍ଣାୟକ ସାଜିଥିଲା। ଜି୨୦ ଜରିଆରେ ଆମେ ସଫଳତାର ସହ ଡିଜିଟାଲ ପବ୍ଲିକ ଇନ୍‌ଫ୍ରାଷ୍ଟ୍ରକଚର ରିପୋଜିଟୋରିକୁ ସମ୍ପୂର୍ଣ୍ଣ କରିଛୁ, ଯାହାକି ବିଶ୍ୱ ବୈଷୟିକ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୬ଟି ଦେଶର ୫୦ରୁ ଅଧିକ ଡିପିଆଇଙ୍କୁ ନେଇ ଗଠିତ ଏହି ଭଣ୍ଡାର ଗ୍ଲୋବାଲ ସାଉଥ୍‌କୁ ଡିପିଆଇ ନିର୍ମାଣ, ଗ୍ରହଣ ଏବଂ ବିସ୍ତାର କରିବାରେ ସହାୟକ ହେବ।

ଆମର ଏକ ପୃଥିବୀ ପାଇଁ, ଆମେ ଜରୁରୀ, ସ୍ଥାୟୀ ଏବଂ ସମାନ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଉଚ୍ଚାକାଂକ୍ଷୀ ଏବଂ ସମାବେଶୀ ଲକ୍ଷ୍ୟ ପ୍ରଚଳନ କରିଛୁ। ଘୋଷଣାନାମାର 'ସବୁଜ ବିକାଶ ଚୁକ୍ତି' ସମ୍ପାଦିତ ହୋଇଛି। ନିଯୁକ୍ତି ଓ ପରିବେଶ ପରସ୍ପରର ଅନୁପୂରକ ହେବା, ଉପଭୋଗ ଜଳବାୟୁ ସଚେତନ ହେବା ଏବଂ ଉତ୍ପାଦନ ପୃଥିବୀ ଅନୁକୂଳ ହେବା ପାଇଁ ଏକ ବିସ୍ତୃତ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ଜରିଆରେ କ୍ଷୁଧା ମୁକାବିଲା ଓ ପୃଥିବୀର ସୁରକ୍ଷା ମଧ୍ୟରେ ରହିଥିବା ଆହ୍ୱାନର ସମାଧାନ କରିବା ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିସହ ଜି୨୦ ଘୋଷଣାନାମାରେ ୨୦୩୦ ସୁଦ୍ଧା ବିଶ୍ୱ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବାକୁ କୁହାଯାଇଛି। ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ପ୍ରତିଷ୍ଠା ଏବଂ ସବୁଜ ହାଇଡ୍ରୋଜେନ୍ ପାଇଁ ମିଳିତ ପ୍ରୟାସ ଏବଂ ଏକ ସ୍ୱଚ୍ଛ, ସବୁଜ ବିଶ୍ୱ ଗଠନ ପାଇଁ ଜି୨୦ର ଆକାଂକ୍ଷା ଅନସ୍ୱୀକାରଯୋଗ୍ୟ। ଏହା ସର୍ବଦା ଭାରତର ନୀତି ରହିଆସିଛି। ଦୀର୍ଘସ୍ଥାୟୀ ବିକାଶ ପାଇଁ ଜୀବନଶୈଳୀ (ଏଲ୍‌ଆଇଏଫ୍‌ଇ) ମାଧ୍ୟମରେ ବିଶ୍ୱ ଆମର ବହୁ ପୁରୁଣା ସ୍ଥାୟୀ ପରମ୍ପରାରୁ ଉପକୃତ ହୋଇପାରିବ।

ଏହାବ୍ୟତୀତ, ଏହି ଘୋଷଣାନାମା ଜଳବାୟୁ ନ୍ୟାୟ ଏବଂ ସମାନତା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଇ ଦେଇଛି ଏବଂ ଗ୍ଲୋବାଲ ନର୍ଥଠାରୁ ଯଥେଷ୍ଟ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ଅନୁରୋଧ କରିଛି। ପ୍ରଥମ ଥର ପାଇଁ, ବିକାଶ ଅର୍ଥଯୋଗାଣର ପରିମାଣରେ ଆବଶ୍ୟକ ବୃଦ୍ଧି ଲାଗି ସ୍ୱୀକୃତି ମିଳିଛି, ଯାହା ବିଲିୟନ ଡଲାରରୁ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜି୨୦ ସ୍ୱୀକାର କରିଛି ଯେ ବିକାଶଶୀଳ ଦେଶଗୁଡ଼ିକ ୨୦୩୦ ସୁଦ୍ଧା ସେମାନଙ୍କର ଜାତୀୟ ସଂକଳ୍ପବଦ୍ଧତା ଅବଦାନ (ଏନ୍‌ଡିସି) ପୂରଣ କରିବା ପାଇଁ ୫.୯ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି।

ଆବଶ୍ୟକ ବିପୁଳ ସମ୍ବଳକୁ ଦୃଷ୍ଟିରେ ରଖି ଜି୨୦ ଉନ୍ନତ, ବୃହତ୍ ଏବଂ ଅଧିକ ପ୍ରଭାବଶାଳୀ ବହୁପାକ୍ଷିକ ବିକାଶ ବ୍ୟାଙ୍କର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା। ଏହା ସହ ଭାରତ ଜାତିସଂଘ ସଂସ୍କାର, ବିଶେଷକରି ଜାତିସଂଘ ନିରାପତ୍ତା ପରିଷଦ ଭଳି ପ୍ରମୁଖ ଅଙ୍ଗର ପୁନର୍ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ଯାହା ଅଧିକ ସମାନ ବୈଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବ।

ଏହି ଘୋଷଣାନାମାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଆସନ୍ତା ବର୍ଷ ମହିଳା ସଶକ୍ତୀକରଣ ଉପରେ ଏକ ସମର୍ପିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସହିତ ସାକାର ରୂପ ନେବ। ଭାରତର ମହିଳା ସଂରକ୍ଷଣ ବିଲ୍ ୨୦୨୩, ଦେଶର ସଂସଦ ଏବଂ ରାଜ୍ୟ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରିବ ଯାହାକି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

ନୀତି ସମନ୍ୱୟ, ବିଶ୍ୱସନୀୟ ବାଣିଜ୍ୟ ଏବଂ ଉଚ୍ଚାକାଂକ୍ଷୀ ଜଳବାୟୁ କାର୍ଯ୍ୟ ଉପରେ ଗୁରୁତ୍ୱଦେଇ ଏହି ପ୍ରମୁଖ ପ୍ରାଥମିକତାଗୁଡ଼ିକରେ ସହଯୋଗର ଏକ ନୂତନ ଭାବନାକୁ ନୂଆଦିଲ୍ଲୀ ଘୋଷଣାନାମାରେ ପ୍ରତିଫଳିତ କରାଯାଇଛି। ଏହା ଗର୍ବର ବିଷୟ ଯେ ଆମ ଅଧ୍ୟକ୍ଷତା କାଳରେ ଜି୨୦ ୮୭ଟି ପରିଣାମ ବିଶିଷ୍ଟ ଏବଂ ୧୧୮ଟି ଗୃହୀତ ଦସ୍ତାବିଜ ହାସଲ କରିଛି, ଯାହା ଅତୀତ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି।

ଆମର ଜି୨୦ ଅଧ୍ୟକ୍ଷତା ସମୟରେ ଭାରତ ଭୂ-ରାଜନୈତିକ ପ୍ରସଙ୍ଗ ଏବଂ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଏହାର ପ୍ରଭାବ ଉପରେ ଆଲୋଚନାର ନେତୃତ୍ୱ ନେଇଥିଲା। ଆତଙ୍କବାଦ ଏବଂ ସାଧାରଣ ନାଗରିକଙ୍କ ଅଯଥା ହତ୍ୟା ଗ୍ରହଣୀୟ ନୁହେଁ ଏବଂ ଆମକୁ ଶୂନ୍ୟ ସହନଶୀଳତା ନୀତି ସହିତ ଏହାର ସମାଧାନ କରିବାକୁ ହେବ। ଶତ୍ରୁତାକୁ ଛାଡ଼ି ମାନବିକତାକୁ ଆମେ ଗ୍ରହଣ କରିବା ଉଚିତ ଏବଂ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଦୋହରାଇବା ଉଚିତ।

ମୁଁ ଆନନ୍ଦିତ ଯେ ଆମ ଅଧ୍ୟକ୍ଷତା କାଳରେ ଭାରତ ଅସାଧାରଣ ସଫଳତା ହାସଲ କରିଛି: ଏହା ବହୁପକ୍ଷବାଦକୁ ପୁନର୍ଜୀବିତ କରିଛି, ଗ୍ଲୋବାଲ ସାଉଥ୍‌ର ସ୍ୱରକୁ ବିସ୍ତାରକରି, ବିକାଶକୁ ପ୍ରୋତ୍ସାହିତ କରିଛି ଏବଂ ସବୁଠି ମହିଳା ସଶକ୍ତୀକରଣ ପାଇଁ ଲଢ଼େଇ କରିଛି।

ଯେତେବେଳେ ଆମେ ବ୍ରାଜିଲକୁ ଜି୨୦ ଅଧ୍ୟକ୍ଷତା ହସ୍ତାନ୍ତର କରୁଛୁ, ଆମର ଏହି ବିଶ୍ୱାସ ରହିଛି ଯେ ଜନସାଧାରଣ, ପୃଥିବୀ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ସାମୂହିକ ପଦକ୍ଷେପ ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପରିଣାମ ଆଣିବ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୩୦ ନଭେମ୍ବର ୧୯୯୮

- ବଣଭୋଜି କରିବା ଉଦ୍ଦେଶ୍ୟରେ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଏକ ବସ୍ ଆସାମର ନାଲବାରୀ ଜିଲାର ତିହୁ ନଦୀକୁ ଖସିପଡ଼ିବା ଫଳରେ ଘଟଣାସ୍ଥଳରେ ୧୦ ଜଣଙ୍କ ମୃତ୍ୟୁ।
- ୧୩୩ କୋଟି ଟଙ୍କାର ୟୁରିଆ ଦୁର୍ନୀତି ମାମଲାରେ ଅନ୍ୟତମ ଅଭିଯୁକ୍ତ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କ ପୁତ୍ର ପି.ଭି. ପ୍ରଭାକର ରାଓ ଗିରଫ।
- ଏଲ୍‌ଟିଟିଇ ପକ୍ଷରୁ ଦିଆଯାଇଥିବା ଶାନ୍ତି ପ୍ରସ୍ତାବକୁ ଶ୍ରୀଲଙ୍କା ସରକାର କୌଣସି ଗୁରୁତ୍ୱ ନ ଦେବାରୁ ପୂର୍ବାଞ୍ଚଳ ତ୍ରିଙ୍କୋମାଳି ଜିଲାରେ ସରକାରୀ ସୈନ୍ୟ ଓ ଏଲ୍‌ଟିଟିଇଙ୍କ ମଧ୍ୟରେ ସାନି ସଂଘର୍ଷ ଘଟି ୧୮ ମୃତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 7 | | | | 2 |
| 9 | | | | 5 | 3 | | | |
| | 3 | | | | | | 6 | |
| | 4 | | | | | | 8 | |
| | 9 | | | | 5 | | 4 | |
| | | 5 | 1 | | 6 | | | |
| | | | | | | 2 | 9 | 7 |
| | | | 9 | | 1 | | | |
| | | | | 8 | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 9 | 3 | 5 | 2 | 7 | 4 | 6 |
| 5 | 2 | 6 | 7 | 9 | 4 | 8 | 1 | 3 |
| 7 | 4 | 3 | 6 | 1 | 8 | 2 | 9 | 5 |
| 9 | 5 | 7 | 1 | 2 | 6 | 3 | 8 | 4 |
| 2 | 3 | 1 | 8 | 4 | 7 | 5 | 6 | 9 |
| 6 | 8 | 4 | 5 | 3 | 9 | 1 | 2 | 7 |
| 4 | 6 | 8 | 2 | 7 | 5 | 9 | 3 | 1 |
| 3 | 9 | 5 | 4 | 8 | 1 | 6 | 7 | 2 |
| 1 | 7 | 2 | 9 | 6 | 3 | 4 | 5 | 8 |

ଗତକାଲିର ଉତ୍ତର



# ଆଦିମାନବର କଥା

ଦେବଦତ୍ତ ପଟ୍ଟନାୟକ

ବିକାଶର ଧାରାରେ ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉଛି। ଏଥିପାଇଁ ଜଙ୍ଗଲ କାଟି ଶିଳ୍ପ ପ୍ରତିଷ୍ଠା କରାଯାଉଛି। ଅନ୍ୟପକ୍ଷରେ କଟାଯାଉଥିବା ଜଙ୍ଗଲର ସୁରକ୍ଷା ପାଇଁ ଆମେ ଆଇନ ଗଢ଼ିଛୁ। କିନ୍ତୁ ଏହି ଆଇନକୁ ଅମାନ୍ୟକରି ଶିଳ୍ପ ଲାଗି ପଥ ପରିଷ୍କାର କରାଯାଉଛି। ଏହି କାରଣରୁ ଯେକୌଣସି ଜଙ୍ଗଲ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା କରାଯିବା ସମୟରେ ଆଦିବାସୀ ସମୁଦାୟ ଓ ସରକାରଙ୍କ ମଧ୍ୟରେ ସଂଘର୍ଷ ସୃଷ୍ଟି ହେଉଛି। ଯେଉଁ ଆଦିବାସୀମାନେ ବିରୋଧ କରୁଛନ୍ତି ସରକାର ସେମାନଙ୍କୁ ନକ୍ସଲ ବୋଲି ଘୋଷଣା କରୁଛନ୍ତି କିମ୍ବା ବିଦେଶୀ ଭାବେ ଅଭିହିତ କରି ସେମାନଙ୍କୁ ବାହାର କରିଦେବା ଆବଶ୍ୟକ ମନେକରୁଛନ୍ତି। ଆଦିବାସୀଙ୍କୁ ଜଙ୍ଗଲ ଜମିରୁ ବିତାଡ଼ିତ କରିବା ଲାଗି ବଳ ପ୍ରୟୋଗ ବି କରାଯାଉଛି। ସରକାର ଶକ୍ତି ଏବଂ ପରାକ୍ରମ ବ୍ୟବହାରକରି ଏହା କରିଥାନ୍ତି। ପ୍ରାକୃତିକ ତଥା ନିର୍ଜନ ଏବଂ ଅଣଚାଷକ୍ଷେତ୍ର କୁହାଯାଉଥିବା ଜଙ୍ଗଲ ମଧ୍ୟରେ ଏହି ଉତ୍ତେଜନା ମଧ୍ୟରେ ପ୍ରକୃତି ସହ ତାଳଦେଇ ଆଦିବାସୀମାନେ ବାସ କରନ୍ତି। ଅନ୍ୟପକ୍ଷରେ ସରକାର ନିୟନ୍ତ୍ରଣ କରିଥିବା ପୃଥିବୀର ବାସୋପଯୋଗୀ ସମତଳ କ୍ଷେତ୍ରର କାହାଣୀ ମଧ୍ୟ ପୁରାତନ। ଏହାର ଉଦାହରଣ ଏକ ପ୍ରାଚୀନ କାଳରେ ବି ଦେଖିବାକୁ ମିଳେ। ଅରଣ୍ୟ ଓ ସମତଳ କ୍ଷେତ୍ରର ଭାବନା ସମ୍ପର୍କିତ ପ୍ରାରମ୍ଭିକ ସୂଚନା ହରପ୍ପା ସଭ୍ୟତା ସମୟର ଏକ ୪,୦୦୦ ବର୍ଷ ପୁରୁଣା ମୋହର ବା ସିଲ୍‌ରୁ ମିଳିଛି। ଏହି ମୋହରରେ ଜଣେ ବ୍ୟକ୍ତି ଏକ ଗଛ ଉପରେ ବସି ବାଘ ଆଡ଼କୁ ଚାହିଁଥିବା ଦେଖିବାକୁ ମିଳେ। ଏହି ବାଘଠାରେ ଉଗ୍ରଭାବ ନାହିଁ କିମ୍ବା ଆକ୍ରମଣ କିମ୍ବା ପ୍ରତିରକ୍ଷା ଭଙ୍ଗୀରେ ବି ସେ ନାହିଁ। ଏହା କେବଳ ଗଛରେ ବସିଥିବା ସେହି ବ୍ୟକ୍ତିଙ୍କୁ ଦେଖିବା ପଛକୁ ଚାହିଁଛି। ସେହି ମଣିଷ ଏବେ ଜଙ୍ଗଲରୁ ବାହାରକୁ ଚାଲିଆସିଛି ଏବଂ ନିଜର ସଭ୍ୟତା ଓ ସଂସ୍କୃତି ସୃଷ୍ଟି କରିଛି, ଯେଉଁଠାରେ ବାଘର ସ୍ଥାନ ନାହିଁ।

ଦ୍ୱିତୀୟ ଉଦାହରଣ ଉଲ୍ଲେଖ ରହିଛି ୩,୦୦୦ ବର୍ଷ ପୁରୁଣା ସାମବେଦରେ। ଏଥିରେ ସୁସ୍ୱରଯୁକ୍ତ ମନ୍ତ୍ରଗୁଡ଼ିକ ବିଭିନ୍ନ ଭାଗରେ ସ୍ଥାନିତ ହୋଇଛି। ଏହି ଭାଗଗୁଡ଼ିକୁ ଗୀତରେ ବିଭକ୍ତ କରାଯାଇଛି ଯାହା ଜଙ୍ଗଲରେ ଗାନ କରାଯିବା ଆବଶ୍ୟକ ଏବଂ ମାନବ ବସ୍ତିରେ ମଧ୍ୟ ସେହି ଗୀତସବୁ ଗାଇବା ଉଚିତ। ଜଙ୍ଗଲ ହେଉଛି ନିର୍ଜନ ସ୍ଥାନ। ବିପଦ ବେଳେ ଏଠାରେ କେହି ଆପଣଙ୍କୁ ସାହାଯ୍ୟ କରିବାକୁ ଆସନ୍ତି ନାହିଁ। ଏଣୁ ଆପଣ ନିଜକୁ ହିଁ ରକ୍ଷା କରିବାକୁ ପଡ଼ିବ। ଅନ୍ୟପଟେ ଲୋକ ରହୁଥିବା ଅଞ୍ଚଳଗୁଡ଼ିକ ଆଇନ ଏବଂ ନିୟମର ସ୍ଥାନ। ଏହାକୁ ନେଇ ଏକ ଧାରଣା ରହିଛି ଯେ,ଏହି ଅଞ୍ଚଳରେ ଲୋକମାନେ ଆପଣଙ୍କୁ ସାହାଯ୍ୟ କରିବେ ଏବଂ ଲୋକମାନେ ପରସ୍ପରକୁ ସାହାଯ୍ୟ କରନ୍ତି ବୋଲି ଆଶା କରାଯାଏ। କିନ୍ତୁ ଜଙ୍ଗଲର କଥା ଭିନ୍ନ। ଏଠାରେ ତୁମର ସମ୍ପୂର୍ଣ୍ଣ ସ୍ୱାଧୀନତା ଅଛି। ଜନବସତି ଅଞ୍ଚଳରେ ତୁମର ସ୍ୱାଧୀନତାକୁ ବଳିଦେବାକୁ ଇଚ୍ଛୁକ ହେଲେ ହିଁ ତୁମେ ସୁବିଧାସୁଯୋଗ ପାଇପାରିବ। ପରବର୍ତ୍ତୀ ୨,୬୦୦ ବର୍ଷ ପୁରୁଣା ବୈଦିକ ସାହିତ୍ୟରେ ଜନବସତିରେ ଆମେ ବିଭିନ୍ନ ରୀତିନୀତି ପାଳନ କରାଯାଉଥିବା ଦେଖିବାକୁ ପାଉ। ଏଗୁଡ଼ିକ ଥିଲା ବ୍ରାହ୍ମଣଙ୍କ ରୀତିନୀତି। କିନ୍ତୁ ସେଠାରେ କିଛି ରୀତିନୀତି ଥିଲା ଯାହା ଗାଁ ସୀମାନ୍ତ ଜଙ୍ଗଲ ନିକଟରେ କରାଯାଇଥିଲା। ଏଗୁଡ଼ିକ ଥଲା ଆର୍ଯ୍ୟଙ୍କ ରୀତିନୀତି। ବିଶେଷକରି ସେଗୁଡ଼ିକ ସଂସ୍କୃତି ଏବଂ ପ୍ରକୃତି ମଧ୍ୟରେ ଥିବା ମାନସିକ ଆବେଗ ବା ଭାବନାର ଏକ ସ୍ୱୀକୃତି।

ଜଙ୍ଗଲ ଏବଂ ଜନବସତି ମଧ୍ୟରେ ଏଭଳି ଭାବନା ସମ୍ପର୍କରେ ହିନ୍ଦୁ ପୁରାଣରେ ବାରମ୍ବାର ଉଲ୍ଲେଖ କରାଯାଇଛି। ଭଗବତ ପୁରାଣରେ ଆମେ ଭେନାଙ୍କ କାହାଣୀ ଶୁଣିବାକୁ ପାଉ। ଭେନା ଥିଲେ ଜଣେ ରାଜା ଯିଏ ପୃଥିବୀକୁ ଲୁଣ୍ଠନ କରନ୍ତି ଏବଂ ଶେଷରେ ଋଷିମାନେ ତାଙ୍କୁ ବଧ କରିଥିଲେ। ସେମାନେ ତାଙ୍କ ଶବକୁ ଘୁଞ୍ଚାଇଦେଇ ସେଠାରୁ ଦୁଇଟି ଜୀବ ସୃଷ୍ଟି କରନ୍ତି। ଗୋଟିଏ ହେଉଛି ନିଶାଦ, ଯିଏ ଜଙ୍ଗଲରେ ରହି ନିଜକୁ ପ୍ରକୃତି ସହ ଖାପ ଖୁଆଇ ରହିବାକୁ ପସନ୍ଦକରେ। ଆଉ ଜଣେ ହେଉଛନ୍ତି ପ୍ରିଥୁ। ସେ ଜଣେ ଆଦର୍ଶ ରାଜା ଯିଏ ପୃଥିବୀକୁ ବାସୋପଯୋଗୀ ଅନୁକୂଳ ପରିବେଶରେ ପରିଣତକରି ସମତଳ କରନ୍ତି। କ୍ଷେତ, କେନାଲ ସୃଷ୍ଟି କରିବା ସହ ସନ୍ତୁଳିତ ଉପାୟରେ ପୃଥିବୀରୁ ଧନ ବାହାରକରନ୍ତି। ବସତି ସ୍ଥାପନକରି ରହିଥିବା ଆଦିବାସୀ ସମ୍ପ୍ରଦାୟର ପ୍ରିଥୁ ସମତଳ ଅଞ୍ଚଳରେ ବସତି ସ୍ଥାପନକରି ରହିଥିବା ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବାବେଳେ ନିଶାଦ ଅରଣ୍ୟର ଆଦିବାସୀଙ୍କ ପ୍ରତିନିଧିତ୍ୱ କରନ୍ତି। ବ୍ରାହ୍ମଣୀୟ ବ୍ୟବସ୍ଥା ପ୍ରିଥୁଙ୍କୁ ପସନ୍ଦକରେ, କାରଣ ସେ ବ୍ରାହ୍ମଣୀୟ ରୀତିନୀତି ପାଇଁ ସ୍ୱୀକୃତି ପ୍ରଦାନ କରନ୍ତି। ତେବେ ନିଶାଦଙ୍କୁ ଘୃଣା କରାଯାଏ କାରଣ ସେ ବ୍ରାହ୍ମଣ ରୀତିନୀତିକୁ ସମର୍ଥନ କରନ୍ତି ନାହିଁ ଏବଂ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି।



ପାରମ୍ପରିକ ଭାବେ ଜଙ୍ଗଲବାସୀଙ୍କୁ ଆଦିବାସୀ କିମ୍ବା ବନବାସୀ କୁହାଯାଇଆସୁଛି। ବନବାସୀ ଶବ୍ଦ ସୂଚିତ କରେ ଯେ, ସେମାନେ ଜଙ୍ଗଲରେ ରହିବାକୁ ପସନ୍ଦ କରନ୍ତି ଏବଂ ସମତଳ ଅଞ୍ଚଳର ସଂସ୍କୃତିର ଅଂଶ ହେବାକୁ ଇଚ୍ଛା କରନ୍ତି ନାହିଁ। ସେମାନେ ଜମି ଚାଷ କରିବାକୁ ଇଚ୍ଛା କରନ୍ତି ନାହିଁ, ପ୍ରକୃତି ସହ ସେମାନେ ଆରମ୍ଭରୁ ଯେମିତି କାମ କରୁଥିଲେ ସେହିଭଳି କାମ କରିବାକୁ ଆଗ୍ରହ ପ୍ରକାଶ କରନ୍ତି। ଆରମ୍ଭରୁ ଜଙ୍ଗଲରେ ଆଦି ମାନବ ଥିଲେ। ଏହି ଆଦି ମାନବ ଶବ୍ଦ ସୂଚିତକରେ ଯେ, ସେମାନେ ଏହି ପୃଥିବୀ ଭୂମିର ମୂଳ ବାସିନ୍ଦା, ସେମାନେ ଆଦିମ ଲୋକ। ସେମାନେ ସଭ୍ୟ ହେବା ଆବଶ୍ୟକ। ସେମାନେ ଥିଲେ ପୃଥିବୀର ମୂଳ ବାସିନ୍ଦା, ଯେଉଁମାନେ ଜଙ୍ଗଲ ବାହାରେ ବସତି ସ୍ଥାପନ କରିଥିବା ସମ୍ପ୍ରଦାୟ ଦ୍ୱାରା ବିତାଡ଼ିତ ହୋଇ ଆସିଛନ୍ତି। ଏହି କ୍ରିୟାକଳାପର ଶବ୍ଦଗୁଡ଼ିକୁ ଅତ୍ୟଧିକ ରାଜନୀତି କୈନ୍ଦ୍ରିକ ଏବଂ ଅତ୍ୟନ୍ତ ବିବାଦୀୟ ତଥା ଏକ ଅସୀମ ବିତର୍କର ବିଷୟ।

-devduttofficial@gmail.com

## ଏଇ ଭାରତରେ

ଜୀବେ ଦୟା ଭାବକୁ ପ୍ରତିପାଦିତ କରିଛନ୍ତି ପଟିଆଲାର ସୁଷମା ସିଂ। ସେ ବୁଲାକୁକୁରଙ୍କୁ ଉଦ୍ଧାର କରି ଘରେ ଆଶ୍ରୟ ଦେବା ସହ ସେମାନଙ୍କ ଯତ୍ନ ନେଉଛନ୍ତି। ଏହି କାର୍ଯ୍ୟ ସେ ୯ ବର୍ଷ ବୟସରୁ ଆରମ୍ଭ କରିଛନ୍ତି। ସେ ଏବେ ଘରେ ୮୫ ଆହତ ଓ ଅସହାୟ କୁକୁରଙ୍କୁ ଉଦ୍ଧାର କରି ରଖିଛନ୍ତି। ଏମାନଙ୍କ ଯତ୍ନ ନେବାରେ ସୁଷମାଙ୍କ ପରିବାରର ସଦସ୍ୟମାନେ ଯଥାସମ୍ଭବ ସହଯୋଗ କରୁଛନ୍ତି। ସବୁ ପ୍ରାଣୀ ତାଙ୍କ ପିଲା ଭଳି ଓ ସେମାନଙ୍କୁ ପାଳିବା ଲାଗି ସେ ବିବାହ କରିନାହାନ୍ତି ବୋଲି କହନ୍ତି ସୁଷମା। ରାସ୍ତାରେ ବୁଲୁଥିବା ୩୦୦ କୁକୁରଙ୍କୁ ପ୍ରତିଦିନ ସେ ମଧ୍ୟ ଖାଇବାକୁ ଦେଉଛନ୍ତି। ଏହି ଖାଦ୍ୟ ତାଙ୍କ ମା' ଓ ଭାଇ ପ୍ରସ୍ତୁତ କରୁଛନ୍ତି। ସୁଷମାଙ୍କ ବୟସ ଏବେ ୪୨। ସେ ଏକ ଘରୋଇ ମହାବିଦ୍ୟାଳୟରେ କାମ କରୁଛନ୍ତି। ସେ ପାଉଥିବା ସବୁ ଦରମା ଏହି ପ୍ରାଣୀଙ୍କ ସେବାରେ ଖର୍ଚ୍ଚ କରୁଛନ୍ତି। ୩୦ ବର୍ଷ ହେଲା ସେ ଏହି କାର୍ଯ୍ୟ କରି ଆସୁଛନ୍ତି। କେବେ ବି ଅର୍ଥାଭାବରୁ ସେ କୁକୁରଙ୍କୁ ଭୋକିଲା ରଖିନାହାନ୍ତି। ଭବିଷ୍ୟତରେ ଅର୍ଥାଭାବର ସମ୍ଭାବନାକୁ ଲକ୍ଷ୍ୟ କରି ସେ 'ଚୌପାୟା ଜୀବ ରକ୍ଷା ଫାଉଣ୍ଡେଶନ' ଗଠନ କରିଛନ୍ତି ଓ ତା' ମାଧ୍ୟମରେ କେତେଜଣ ବନ୍ଧୁଙ୍କ ସହଯୋଗରେ ପାଣ୍ଠି ଯୋଗାଡ଼ କରୁଛନ୍ତି। ଏହି କାର୍ଯ୍ୟରେ ସୁଷମାଙ୍କ ସହିତ ବହୁ ବ୍ୟକ୍ତି ମଧ୍ୟ ଯୋଡ଼ି ହୋଇଗଲେଣି। ସୁଷମା କହନ୍ତି, ଯେ କୌଣସି ବ୍ୟକ୍ତି ଅସହାୟ ଜୀବଙ୍କୁ ଉଦ୍ଧାର କରି ତାଙ୍କ ଘରକୁ ଏକ ଆଶୟସ୍ଥଳୀ କରିପାରିବେ। ଏଥିପାଇଁ ଦୃଢ ଇଚ୍ଛାଶକ୍ତି ଓ ନିଷ୍ଠା ଆବଶ୍ୟକ।

## ଚିରନ୍ତନୀ

ପ୍ରଦୋଷ ଉଷାର ରଙ୍ଗମହଲ କୋଳେ
ରୂପାୟିତ ହୋଇ କେତେ ଋତୁ ମାସ ତଳେ
ସପତ ରଙ୍ଗେ ରଞ୍ଜିତ କରି ଧରା
ସପତ ସ୍ୱରରେ ସଙ୍ଗୀତ ହେଉ ଭରା
କୁସୁମ କୋରକ କହି ଉଠୁ ସେହି କଥା
ଫଗୁଣ ସମୀରେ ବାଜୁ ଦୁଇ ଗୁଣ ବ୍ୟଥା
କୋଟିଏ ବିଶ୍ୱ ଗୋଟିଏ କଥାରେ ଟାଣି
ସତ୍ୟ ହେଉ ଏ ସଚେତନ ରୂପବାଣୀ।
-(ରୂପ ଓ ବାଣୀ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସ୍ୱାଭିମାନ ସ୍ପନ୍ଦିତ ହେବ କେବେ

ମହାଶୟ,

ପ୍ରାୟ ସାଢ଼େ ଚାରିକୋଟି ଲୋକଙ୍କର ଭାଷା ଓଡ଼ିଆ। କେତେ ସମ୍ମାନସ୍ପଦ ଆମ ଭାଷା ! ଆମ ମାତୃଭାଷା ଓଡ଼ିଆ ଆମର ଗର୍ବ। ଏହା ଯେତିକି ପ୍ରାଚୀନ ସେତିକି ସମୃଦ୍ଧ। ଭାରତରେ ଶାସ୍ତ୍ରୀୟ ଭାଷା ମାନ୍ୟତା ଲାଭ କରିଥିବା ଛଅଟି ଭାଷା ମଧ୍ୟରୁ ଓଡ଼ିଆ ଭାଷା ଅନ୍ୟତମ। ଓଡ଼ିଆ ଭାଷାର ଏହି ମାନ୍ୟତାର ସ୍ୱୀକୃତି କେନ୍ଦ୍ର ସରକାରଙ୍କ ଦ୍ୱାରା ଉଦ୍‌ଘୋଷିତ ହୋଇଥିଲା ୧୧ ମାର୍ଚ୍ଚ ୨୦୧୪ରେ। ଓଡ଼ିଆ ଭାଷାରେ ବହୁ ପ୍ରାଚୀନ ପାଣ୍ଡୁଲିପିମାନ ମିଳିଛି। ଓଡ଼ିଆ ଭାଷା ଲାଗି ଓଡ଼ିଶା ରାଜ୍ୟ ବଞ୍ଚି ରହିଛି। ଏହି ଗୌରବବୋଧ ବ୍ୟକ୍ତିଗତ ନୁହେଁ। ତାହା ଗୋଷ୍ଠୀ, ରାଜ୍ୟ ବା ସମଗ୍ର ରାଷ୍ଟ୍ରବାସୀଙ୍କର। ଓଡ଼ିଆ ହିସାବରେ ପରିଚିତ ହେବା ଏକ ଗୌରବର ବିଷୟ। କିନ୍ତୁ ଯେ ପର୍ଯ୍ୟନ୍ତ ଏହା ଆମ ଚେତନାକୁ ଉତ୍ତରିତ ହୋଇନାହିଁ ସେ ପର୍ଯ୍ୟନ୍ତ ଆମର ସ୍ୱାଭିମାନ ଜାଗ୍ରତ ହେବା ସମ୍ଭବ ନୁହେଁ। ଯେଉଁ ଓଡ଼ିଆ ସ୍ୱାଭିମାନ ମଧୁସୂଦନ ଦାସ ଓ ଅନ୍ୟ ଜନନାୟକଙ୍କୁ ଗତିଶୀଳ କରିଥିଲା, ସେହି ସ୍ୱାଭିମାନ ଆମ ଭିତରେ ସ୍ପନ୍ଦିତ ହେବନାହିଁ କାହିଁକି ? ସ୍ୱାଭିମାନ ହିଁ ମଣିଷର ସାମାଜିକ ସମ୍ବଳ ଓ ପରିଚୟ। ଜନ୍ମମାଟି ପାଇଁ ଉତ୍ସର୍ଗୀକୃତ ଜୀବନ ଓ ସଂଘର୍ଷର କାହାଣୀ ସହ ପରିଚିତି ବିନା ଏହା ସମ୍ଭବ ନୁହେଁ।

-ଦେବତିକ୍ତ ମିଶ୍ର, ସାକ୍ଷୀଗୋପାଳ, ପୁରୀ

### କାଉବଂଶ ନାଶ ହେଲାଣି

ସକାଳର ସୂର୍ଯ୍ୟ ଉଦୟ ହେବା ପୂର୍ବରୁ କାଉମାନେ ଗଛଡାଳରେ ବସି କା କା କରି ନିଦ ଭାଙ୍ଗିଦେଉଥିଲେ। କିନ୍ତୁ ଦୁଃଖର ବିଷୟ, ପ୍ରକୃତିର ବନ୍ଧୁ ତଥା ପରିବେଶକୁ ନିୟମିତ ବ୍ୟବଧାନରେ ସଫା ରଖୁଥିବା କାଉ ବଂଶ ଏବେ ବିପଦରେ। ଏମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଉଛି। ଗଛ କାଟିବା, ପରିବେଶ ପ୍ରଦୂଷିତ ହେବା ଯୋଗୁ ଏମାନେ ଅକାଳରେ ମରୁଛନ୍ତି। ସଂକ୍ରମିତ ଖାଦ୍ୟପଦାର୍ଥ, ପ୍ରକୃତିର ଅସନ୍ତୁଳିତ ଅବସ୍ଥା ଆଦି ଏମାନଙ୍କ ସଂଖ୍ୟା କମାଉଛି। ଅସ୍ୱାସ୍ଥ୍ୟକର ବାତାବରଣ ଏମାନଙ୍କ ବଂଶ ନିପାତର ପ୍ରମୁଖ କାରଣ। ଘରଚଟିଆ, ବଣି ଓ କଜଳପାତିଆ ପରେ ଲୋପ ପାଇଲାଣି କାଉବଂଶ।

-ସତ୍ୟସିଂହ ଶତପଥୀ, ସିଏସ୍‌ପୁର, ଏଚ୍‌ବି କଲୋନି, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)






ନିକଟରେ ବିଜେଡିରେ ଯୋଗଦେଇଥିବା ୫-ଟି ଏବଂ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ବୁଧବାର ନବୀନ ନିବାସଠାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ(ବାମରୁ), ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ଏବଂ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସାକ୍ଷାତ କରି ଅଭିନନ୍ଦନ ଜଣାଉଛନ୍ତି।

# ଯୁକ୍ତ୨ ପରୀକ୍ଷା କେନ୍ଦ୍ରର ଲାଇଭ୍ ଷ୍ଟ୍ରିମିଂ ହେବ

ଭୁବନେଶ୍ୱର,୨୯।୧୧
(ଅନୁରାଧା ମହାରଣା)

ରାଜ୍ୟର ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ବାର୍ଷିକ ପରୀକ୍ଷାକୁ ସ୍ୱଚ୍ଛ କରିବା ପାଇଁ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସମସ୍ତ ପରୀକ୍ଷାକେନ୍ଦ୍ର ଓ ଷ୍ଟ୍ରଙ୍ଗରୁମ୍‌ରେ ସିସିଟିଭି ଲାଗିଛି କି ନାହିଁ ଏବଂ ଲାଗିଥିଲେ ଠିକ୍ ଭାବେ କାର୍ଯ୍ୟ କରୁଛି କି ନାହିଁ, ତାହାର ତର୍ଜମା କରିବାକୁ ସମସ୍ତ ଜୁନିଅର କଲେଜ ଅଧ୍ୟକ୍ଷଙ୍କୁ ପରିଷଦ ପକ୍ଷରୁ ଚିଠି ଲେଖାଯାଇଛି। ପରୀକ୍ଷା ହେବାକୁ ଥିବା ସମସ୍ତ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଅଫିସ୍ ଓ ଲାବରେଟୋରିରେ ମଧ୍ୟ ସିସିଟିଭି ଲଗାଯିବ। ଏହାବ୍ୟତୀତ ପରୀକ୍ଷା କେନ୍ଦ୍ରଗୁଡ଼ିକର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ କରାଯିବ। ତେବେ ୧୫ ଡିସେମ୍ବର ପୂର୍ବରୁ ଏନେଇ ସମସ୍ତ ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ ରହିଛି। ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିବା ପୂର୍ବରୁ କ୍ୟାମେରାଗୁଡ଼ିକ ଯାଞ୍ଚ କରାଯିବ। ତେବେ ପରୀକ୍ଷା ପରିଚାଳନା ହବ୍ ଘୋଷଣା କରାଯାଇଥିବା ଶିକ୍ଷାନୁଷ୍ଠାନ ଏବଂ ନୂତନ ଭାବେ ପରୀକ୍ଷାକେନ୍ଦ୍ର ପାଇଁ ଆବେଦନ କରିଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ଡିଭିଆର୍/ଏନ୍‌ଭିଆର୍/ ଇନଷ୍ଟଲ କ୍ଲାଉଡ୍, ଇଣ୍ଟରନେଟ୍ ସଂଯୋଗ, ଷ୍ଟାଟିକ୍ ଆଇପି ଆଡ୍ରେସ୍, କ୍ୟାମେରା ଆଦି ଉପଲବ୍ଧ ରଖିବା ପାଇଁ ନିର୍ଦ୍ଦେଶ ରହିଛି। ଏପରିକି ଉକ୍ତ ଜୁନିଅର କଲେଜଗୁଡ଼ିକ ଏନେଇ ସମସ୍ତ ତଥ୍ୟ ୧୫ ତାରିଖ ପୂର୍ବରୁ ସାମସ୍ ଇ-ସ୍ପେସ୍‌ରେ ଦାଖଲ କରିବେ। ଏଥିରେ ଖିଲାପ କଲେ ସଂପୃକ୍ତ ଶିକ୍ଷାନୁଷ୍ଠାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚିଠିରେ ସ୍ପଷ୍ଟ କରାଯାଇଛି।

# ନାବାଳିକା ଗଣବଳାତ୍କାର: ୩ ଜଣଙ୍କୁ ଆଜୀବନ ଜେଲଦଣ୍ଡ

କେନ୍ଦୁଝର,୨୯।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ /ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ୍ ଶୁଭଶ୍ରୀ ତ୍ରିପାଠୀ ଏକ ନାବାଳିକା ଗଣବଳାତ୍କାର ମାମଲା ରାୟ ଶୁଣାଇଛନ୍ତି। ଏଥିରେ ୩ ଜଣଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫୦ହଜାର ଟଙ୍କା ଲେଖାଏ ଜରିମାନା ଓ ଅନାଦାୟେ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି। ପୀଡ଼ିତାଙ୍କୁ ୭.୫ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜିଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୫ ମାର୍ଚ୍ଚ ୨୦୨୨ ସନ୍ଧ୍ୟାରେ ନାବାଳିକା ତାଙ୍କ ଭାଇଙ୍କ ସହ ଜାଗରମେଳା ଦେଖିବାକୁ ଯାଇଥିଲେ। ତାଙ୍କ ଭାଇ ଜମ୍ପିଂ ଖେଳ ଖେଳୁଥିବା ବେଳେ ନାବାଳିକା ଦେଖୁଥିଲେ। ଏହି ସମୟରେ ଲାଇନ କଟିଯାଇଥିଲା। ଏହାର ସୁଯୋଗ ନେଇ ପାଟଣା ଥାନା ଅଞ୍ଚଳର ରଞ୍ଜିତ ମହାନ୍ତି(୩୩), ରବୀନ୍ଦ୍ର ନାୟକ(୨୫) ଓ ସୁନୀଲ ବେହେରା ନାବାଳିକାଙ୍କୁ ଟେକିନେଇ ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର କରିଥିଲେ। ଏ ନେଇ କାହାକୁ ନ କହିବାକୁ ଧମକ ଦେଇଥିଲେ। ଗ୍ରାମର ଜଣେ ଲୋକ ଦେଖି ଘରେ ନେଇ ଛାଡ଼ି ଦେଇଥିଲେ। ଘରେ ନାବାଳିକା ସବୁ ଘଟଣା ପରିବାର ଲୋକଙ୍କୁ ଜଣାଇଥିଲେ। ପରଦିନ ନାବାଳିକାଙ୍କ ମା' ପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ୩ ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା।

# ମହୀଧର ରଣାଙ୍କ ଗଡ଼ରେ ପରିବର୍ତ୍ତନ ସମାବେଶ




ରିଙ୍ଗାପଡାରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶରେ ଦଳୀୟ ନେତୃବୃନ୍ଦ।

ବୌଦ୍ଧ/ଘଣ୍ଟାପଡା, ୨୯।୧୧
(ଅଜିତ କୁମାର ବାରିକ / ପ୍ରଭାତ ସାହୁ )

■ ସମାବେଶରେ କନ୍ଧମାଳ ବଞ୍ଚାଅ ନାରା
■ ବହୁଦଳୀୟ ନେତା ସାମିଲ

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବୌଦ୍ଧ ଜିଲାରେ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ତତ୍ପରତା ଦେଖାଦେଇଛି। ଜିଲାରେ ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। କିନ୍ତୁ କନ୍ଧମାଳ ନିର୍ବାଚନମଣ୍ଡଳୀରେ ଗତ କିଛି ଦିନ ହେବ ରାଜନୀତି ଉଷ୍ମ ହୋଇପଡିଛି। ଏହି ନିର୍ବାଚନମଣ୍ଡଳୀରେ ପରିବର୍ତ୍ତନ ସମାବେଶ ନାଁରେ ମହୀଧର ହଟାଅ ଅଭିଯାନ ଜୋର୍‌ଦାର ଆରମ୍ଭ ହୋଇଛି। ବୁଧବାର କନ୍ଧମାଳ ବିଧାନସଭା ମଣ୍ଡଳୀର ନାରାୟଣପ୍ରସାଦ ପଞ୍ଚାୟତ ରିଙ୍ଗାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ପରିବର୍ତ୍ତନ ସମାବେଶକୁ ଦେଖିଲେ ଶାସକ ଦଳରେ ଥିବା ଗୋଷ୍ଠୀ କନ୍ଦଳ ବାରି ହୋଇପଡୁଛି। ନାରାୟଣପ୍ରସାଦ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସତ୍ୟ ନାରାୟଣ ମାଝୀଙ୍କ ଅଧ୍ୟକ୍ଷତାରେ ଏହି ସମାବେଶ ମହୀଧରଙ୍କ ଗଡ଼ରେ କରାଯିବା ନେଇ ରାଜନୀତି ପୂରା ସରଗରମ ହୋଇପଡିଛି। ବିଜେଡିର ପୁରୁଖା ନେତା ତଥା ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ (ବବି) ରଥ ଉକ୍ତ ପରିବର୍ତ୍ତନ ସମାବେଶରେ ଯୋଗଦେଇ ମହୀଧର ହଟାଅ ଓ କନ୍ଧମାଳ ବଞ୍ଚାଅ ନାରା ଦେଇଥିଲେ। ଶାସକ ଦଳର କେତେଜଣ ପୁରୁଖା ନେତା ମହୀଧରଙ୍କୁ ମଧ୍ୟ ଖୋଲାଖୋଲି ବିରୋଧ କରିଥିଲେ। ନେତାମାନେ ଆଗାମୀ ସାଧାରଣ ନିର୍ବାଚନରେ ନିର୍ବାଚନମଣ୍ଡଳୀ ପାଇଁ ଜଣେ ଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଆହ୍ୱାନ କରିଥିଲେ। ସମାବେଶରେ କନ୍ଧମାଳ ନିର୍ବାଚନମଣ୍ଡଳୀ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି କ୍ଷେତ୍ରରେ ପଛରେ ରହିଥିବା ନେତାମାନେ ଅଭିଯୋଗ କରିଥିଲେ। ସେହିପରି ବିଦ୍ୟାଳୟଗୁଡିକରେ ଶିକ୍ଷକ ଅଭାବ, ଯେଉଁଠି ବ୍ରିଜ ଦରକାର ନାହିଁ ସେଠାରେ ବ୍ରିଜ ନିର୍ମାଣ କରାଯିବା, ଚେକ୍ ଡ୍ୟାମ୍‌ଗୁଡିକରେ ଦୁର୍ନୀତି ହେବା ନେଇ ଅଭିଯୋଗ କରିଥିଲୋ। ତେଣୁ ଦଳରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ ବୋଲି ଯୋଗ ଦେଇଥିବା ସରପଞ୍ଚ, ସମିତି ସଭ୍ୟ, ପୂର୍ବତନ ଜନପ୍ରତିନିଧିମାନେ ମତପ୍ରକାଶ କରିଥିଲେ। ଉକ୍ତ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତ ପରିମାଣର ଅର୍ଥ ଯୋଗାଇ ଦେଉଥିଲେ ମଧ୍ୟ ବିଧାୟକ ମହୀଧରଙ୍କ ଛତ୍ରଛାୟା ତଳେ ରହି ଅନେକ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ସେସବୁ ବାଟମାରଣା କରିବାରେ ଲାଗିଛନ୍ତି ବୋଲି ବୌଦ୍ଧ ବ୍ଲକ ଅଧ୍ୟକ୍ଷ ରଥ ଅଭିଯୋଗ କରିଥିଲେ। ପରିବର୍ତ୍ତନ ସମାବେଶରେ ବରପଦର ଗ୍ରାମର ବରିଷ୍ଠ ବିଜେଡି ନେତା ପ୍ରମୋଦ ରଣା, ତପନାର ଲିଙ୍ଗରାଜ ରଣା, ବିଜୟ କୁମାର ସାହୁ, ଖଲିଆପାଲି ପଞ୍ଚାୟତର ସମିତିସଭ୍ୟ କେଦାର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପୟଧର ମହାକୁଡ, ଲିକି ଦେହୁରୀ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ବହିରା ସରପଞ୍ଚ ଯଯାତି କେଶରୀ ମହଲିକ, ବାଡଁଶୁଣୀ ସମିତିସଭ୍ୟ ପ୍ରମୋଦ କୁମାର ଦେହୁରୀ, ଗୁନ୍ଦୁଲିଆ ସମିତିସଭ୍ୟ ବଳଦେବ କର୍ମୀ, ପୂର୍ଣ୍ଣଚନ୍ଦ୍ର ପୋଢଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ସାମିଲ ହୋଇଥିଲେ। ପରିବର୍ତ୍ତନ ସମାବେଶ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ବହିରାରେଠାରେ ମଧ୍ୟ ପରିବର୍ତ୍ତନ ସମାବେଶ ଅନୁଷ୍ଠିତ ହୋଇଥିଲା। ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ରଥଙ୍କ ନେତୃତ୍ୱରେ ଚାଲିଥିବା ପରିବର୍ତ୍ତନ ସମାବେଶରେ ମହୀଧରଙ୍କ ନେତୃତ୍ୱକୁ ବିରୋଧ କରାଯାଉଛି।

# ଟ୍ରକ୍ ମାଡ଼ିଯିବାରୁ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୯।୧୧
(ସୂର୍ଯ୍ୟକାନ୍ତ ବେହେରା)

## ଡ୍ରାଇଭର ଗିରଫ



ଭୁବନେଶ୍ୱରର ବାଣୀବିହାର ଓଭରବ୍ରିଜ ନିକଟରେ ବୁଧବାର ସକାଳେ ଏକ ମିକ୍ସର ମେଶିନ ସଂଯୋଗ ଥିବା ଏକ ଟ୍ରକ ମାଡି ଯିବାରୁ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରସୁଲଗଡ଼ ଅଞ୍ଚଳର ପ୍ରତ୍ୟୁତ୍‌ପର୍ଣ୍ଣ ଦାସ (୧୯)। ସେ ଘାଟିକିଆସ୍ଥିତ ଓଡିଶା ୟୁନିଭର୍ସିଟି ଅଫ ଟେକ୍ନୋଲୋଜି ଆଣ୍ଡ୍ ରିସର୍ଚ୍ଚରେ ବିଟେକର ଇଲେକଟ୍ରୋନିକ୍ସ ବିଭାଗର ପ୍ରଥମ ବର୍ଷ ଛାତ୍ର ଥିଲେ। ସେପଟେ ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଫେରାର ହେଉଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଗିରଫ କରିବା ସହ ଟ୍ରକକୁ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି।

ସୂଚନାନୁସାରେ, ପ୍ରତ୍ୟୁତ୍‌ପର୍ଣ୍ଣ ସ୍କୁଟିରେ କଲେଜ ଅଭିମୁଖେ ଯାଉଥିବାବେଳେ ବାଣୀବିହାର ଓଭରବ୍ରିଜ ପାଖରେ ଉକ୍ତ ଟ୍ରକ୍‌ଟି ପଛରୁ ଧକ୍କା ଦେବା ପରେ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା।

# ଲଡୁଗାଁ ଧାନ ମଣ୍ଡି ଉଦଘାଟିତ

କୋକସରା,୨୯।୧୧
(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ଧାନ ମଣ୍ଡି ବୁଧବାର ଉଦଘାଟିତ ହୋଇଯାଇଛି। ଲଡୁଗାଁ ସମବାୟ ସମିତିର ସଭାପତି ଅମର ଅଗ୍ରୱାଲଙ୍କ ସଭାପତିତ୍ୱରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଧର୍ମଗଡ ଉପଖଣ୍ଡ ଯୋଗାଣ ଅଧିକାରୀ ଦୁର୍ଗା ପ୍ରସାଦ ମାଝି, ମୁଖିଗୁଡା ନିୟନ୍ତ୍ରୀତ ବଜାର କମିଟି ସମ୍ପାଦକ ଅବକାଶ ବେହେରା, ଏଆରସିଏସ ମିତ୍ରଭାନୁ ବିଶାଳ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳକ ଇନ୍ଦ୍ରମଣି ଧଙ୍ଗଡାମାଝି, ଲଡୁଗାଁ ପାକ୍ସ ସମ୍ପାଦକ ପଦ୍ମନ ବାଗ, ଡିଓ ଭଗବାନ ନାଗ ଓ ପାକ୍ସ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ବାଚସ୍ପତି ଶରତ କରଙ୍କ ପତ୍ନୀ ବିୟୋଗ

ଭୁବନେଶ୍ୱର, ୨୯।୧୧
(ବନ୍ଦନା ସେଠୀ)



ଅନିତା କର

ପୂର୍ବତନ ବାଚସ୍ପତି ସ୍ୱର୍ଗତ ଶରତ କରଙ୍କ ପତ୍ନୀ ଅନିତା କରଙ୍କ ମଙ୍ଗଳବାର ରାତି ୧୨ଟାରେ ଶହୀଦନଗରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୨ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘଦିନ ଧରି ଯକୃତଜନିତ ରୋଗରେ ପୀଡିତ ଥିଲେ। ଏକ ଘରୋଇ ହସ୍ପିଟାଲରେ ଗତ ୨/୩ମାସ ହେବ ଚିକିତ୍ସିତ ହେଉଥିଲେ। ସେ ରମାଦେବୀ ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗରେ ଅଧ୍ୟାପିକା ଥିଲେ। ଶିକ୍ଷାଦାନ ସହିତ ଗୀତ ଗାଇବାକୁ ଭଲ ପାଉଥିଲେ। ଅଲ୍ ଇଣ୍ଡିଆ ରେଡିଓରେ ଗୀତ ଗାଇଥିଲେ। ସେ ଜଣେ ସ୍ନେହୀ ଓ ପରୋପକାରୀ ମହିଳା ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସତ୍ୟନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ଶୋଭନ କର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି।

# ବାତ୍ୟା ଭୟ: ୧ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୨୯।୧୧
(ଅନିଲ ଦାସ)

## ୭ ଜିଲାପାଳଙ୍କୁ ସତର୍କ ରହିବାକୁ ପରାମର୍ଶ

ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଏବଂ ଦକ୍ଷିଣ ଆଣ୍ଡାମାନ ନିକଟବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ବୁଧବାର ଅବପାତ (ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ ଗୁରୁବାର ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହେବ। ଏହାର ୪୮ ଘଣ୍ଟା ମଧ୍ୟରେ ଅର୍ଥାତ୍ ଡିସେମ୍ବର ୨ ତାରିଖ ବେଳକୁ ଅବପାତ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ବାତ୍ୟାରେ ପରିଣତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ସତର୍କ ରହିବା ପାଇଁ ଉପକୂଳବର୍ତ୍ତୀ ୭ ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ପରାମର୍ଶ ଦେଇଛନ୍ତି। ଉକ୍ତ ଜିଲାଗୁଡ଼ିକ ହେଲା ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର ଓ ଭଦ୍ରକ। ତେବେ ବାତ୍ୟାର ତୀବ୍ରତା ଓ ଗତିପଥ କ'ଣ ରହିବ ସେ ନେଇ ଏ ପର୍ଯ୍ୟନ୍ତ କୌଣସି ଆକଳନ କରାଯାଇ ନାହିଁ। କେତେକ ଘରୋଇ ପାଣିପାଗ ସଂସ୍ଥା ପକ୍ଷରୁ କରାଯାଇଥିବା ଆକଳନ ଅନୁଯାୟୀ ବାତ୍ୟା ଓଡ଼ିଶା ଉପକୂଳ ଦେଇ ବାଂଲାଦେଶରେ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହେବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଓ ୪ ତାରିଖରେ ଉପକୂଳ ଓଡ଼ିଶାରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ତେବେ ୪ରୁ ୮ ତାରିଖ ଯାଏ ଉପକୂଳ ଏବଂ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ।

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବାରୁ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଆସନ୍ତା ୧ ତାରିଖରୁ ୪୦ରୁ ୫୦ କିମି ବେଗରେ ପବନ ବହିବ। ପବନର ବେଗ ୨ ତାରିଖ ବେଳକୁ ୫୦ରୁ ୬୦ କିମି ଓ ବେଳେ ବେଳେ ସର୍ବାଧିକ ୭୦ କିମି ପର୍ଯ୍ୟନ୍ତ ଯାଇପାରେ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହାର ପ୍ରଭାବରେ ଡିସେମ୍ବର ୧ ତାରିଖରୁ ସମୁଦ୍ର ଅଶାନ୍ତ ରହିବ । ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଯେଉଁ ମତ୍ସ୍ୟଜୀବୀ ସମୁଦ୍ରରେ ରହିଛନ୍ତି, ସେମାନେ ତୁରନ୍ତ କୂଳକୁ ଫେରି ଆସିବାକୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ହାଲୁକ ଶୀତ ଜାରି ରହିଛି। କେବଳ ଦାରିଙ୍ଗବାଡ଼ିରେ ସର୍ବନିମ୍ନ ତାପମାତ୍ରା ୧୩.୫ ଓ କେନ୍ଦୁଝରରେ ୧୩.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ୧୫ରୁ ୨୧ ଡିଗ୍ରୀ ମଧ୍ୟରେ ରହିଛି।

# ଲୁଟିନେଲେ ୧୫ଲକ୍ଷ ଟଙ୍କାର ସୁନା, ରୁପା ଗହଣା

ହାଟଡ଼ିହୀ, ୨୯।୧୧
(ଶୁଭକାନ୍ତ ନାୟକ)

## ସୁନା ବ୍ୟବସାୟୀଙ୍କ ଘରେ ସଶସ୍ତ୍ର ଡକାୟତି

କେନ୍ଦୁଝର ଜିଲା ନନ୍ଦିପଦା ଥାନା ଟୁକୁଣା ଗ୍ରାମର ଜଣେ ସୁନା ଦୋକାନୀଙ୍କ ଘରୁ ମଙ୍ଗଳବାର ବିଳମ୍ବିତ ରାତିରେ ସଶସ୍ତ୍ର ଡକାୟତି ହୋଇଛି। ଦୁର୍ବୃତ୍ତ ସୁନା ବ୍ୟବସାୟୀଙ୍କ ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ରଖି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା,ରୁପା ଗହଣା ନେଇଯାଇଛନ୍ତି। ଏ ନେଇ ସୁନା ବ୍ୟବସାୟୀ ପବିତ୍ର ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ପବିତ୍ରଙ୍କ ଛେନାପଦି ବଜାରରେ ଏକ ସୁନା ଦୋକାନ ରହିଛି।

ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ୬ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଘର ଝରକା, ଗ୍ରୀଲ ତାଡ଼ି ପବିତ୍ରଙ୍କ ଘର ଭିତରକୁ ପଶିଥିଲେ। ପବିତ୍ର, ତାଙ୍କ ସ୍ତ୍ରୀ ଏବଂ ପୁଅଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ପ୍ରାୟ ୨୦୦ ଗ୍ରାମର ସୁନା ଓ ୭ କିଲୋରୁ ଊର୍ଦ୍ଧ୍ୱ ରୁପା ଅଳଙ୍କାର, ଗୋଟିଏ ଏଲ୍‌ଇଡି ଲୁଟି ନେଇଥିଲେ। ଏଥିସହ ପବିତ୍ରଙ୍କୁ ମାଡ଼ ମଧ୍ୟ ମାରିଥିଲେ। ଅଭିଯୋଗ ପରେ ନନ୍ଦିପଦା ପୋଲିସ ବୁଧବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗାଁ ଭିତରେ ପଶି ଲୁଟ୍‌ପାଟ୍ ଘଟଣାକୁ ନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଏ ନେଇ ଥାନାରେ ଏକ ମାମଲା(ନଂ.୩୧୭/୨୩ )ରୁଜୁହୋଇ ଅନୁସନ୍ଧାନ ଚାଲିଥିବା ଆଇଆଇସି ରମେଶ ଚନ୍ଦ୍ର ପାତ୍ର ଏବଂ ପୋଲିସ ଅଧିକାରୀ ନରୋତ୍ତମ ଦଳେଇ କହିଛନ୍ତି। ସୂଚନାଯୋଗ୍ୟ, ଗତ ୧ ବର୍ଷ ପୂର୍ବେ ପବିତ୍ରଙ୍କୁ ନିସଙ୍ଗପୁର ନିକଟରେ କେତେଜଣ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରି ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ଲୁଟି ନେଇଥିଲେ। ନନ୍ଦିପଦା ଥାନା ଅଞ୍ଚଳରେ ଚୋରି, ଲୁଟପାଟ୍ ବଢ଼ି ଚାଲିଛି। ଫଳରେ ପୋଲିସ ରାତ୍ରିକାଳୀନ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଦାବି ହେଉଛି।




ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)ର ନୂତନ ଉତ୍ପାଦ (ନ୍ୟୁ ପ୍ଲାନ୍) 'ଏଲ୍‌ଆଇସି ଜୀବନ ଉତ୍ସବ (ପ୍ଲାନ୍ ନଂ.୮୭୧)'କୁ ବୁଧବାର ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଲ୍‌ଆଇସିର ଚେୟାରମ୍ୟାନ (ଚେୟାରପର୍ସନ) ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନ ଉପସ୍ଥିତ ଅଛନ୍ତି।



ଲଣ୍ଡନର ୱେଷ୍ଟଏଣ୍ଡରୁ ଆସିଥିବା ମମ୍ମା ମିଆଁ କଳାକାରଙ୍କ ସହ ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ସ୍ତ୍ରୀ ନୀତା ଅମ୍ବାନୀ। ମୁମ୍ବାଇସ୍ଥିତ ନୀତା ମୁକେଶ ଅମ୍ବାନୀ କଲ୍‌ଚରାଲ ସେଣ୍ଟରରେ ସେମାନଙ୍କ ମ୍ୟୁଜିକାଲ ପ୍ରୋଗ୍ରାମ ୨୦୨୪ ଜାନୁୟାରୀ ୭ ପର୍ଯ୍ୟନ୍ତ ଚାଲିବ।

# ଦ୍ୱିତୀୟ ଦିନରେ ୧୨ ପଏଣ୍ଟରେ ଲେଜର ସ୍କାନିଂ

## ଶ୍ରୀମନ୍ଦିର ରତ୍ନଭଣ୍ଡାର

ପୁରୀ, ୨୯।୧୧ (ଅଜିତ୍ ମହାନ୍ତି)

ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଦୁଇଦିନ ଧରି ଚାଲିଥିବା ଶ୍ରୀମନ୍ଦିର ରତ୍ନଭଣ୍ଡାର ଲେଜର ସ୍କାନିଂ ବୁଧବାର ଶେଷ ହୋଇଛି। ରତ୍ନଭଣ୍ଡାର ସ୍ଥିତି ଜାଣିବା ପାଇଁ ଏହାର ବାହାର ପାର୍ଶ୍ୱ ଥ୍ରୀଡି କ୍ୟାମେରା ଦ୍ୱାରା ଲେଜର ସ୍କାନିଂ କରାଯାଇଥିଲା। ଲେଜର ସ୍କାନିଂରୁ ଆସିଥିବା ଫଟୋକୁ ଅନୁଧ୍ୟାନ କରାଯିବା ପରେ ଫାଟ ହୋଇଥିବା ସ୍ଥାନ ମରାମତି କରାଯିବ। ଅଭିଜ୍ଞ ବିଶେଷଜ୍ଞମାନଙ୍କୁ ନିଆଯାଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଫଟୋଗୁଡ଼ିକର ତର୍ଜମା କରାଯିବା ସହ ଫାଟସବୁ କିଭଳି ମରାମତି ହେବ ସେଥିଲାଗି ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡ଼ନାୟକ



କହିଛନ୍ତି। ସେହିପରି ଶ୍ରୀମନ୍ଦିର ଭିତରବେଢ଼ାରେ ଥିବା ଅନ୍ୟ ଦେବଦେବୀ ମନ୍ଦିରର ଲେଜର୍ ସ୍କାନିଂ ପାଇଁ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସହ ଏଏସ୍‌ଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ ସୂଚନା ମିଳିଛି।

ସୂଚନାଯୋଗ୍ୟ, ୨୦୧୮ରେ ରତ୍ନଭଣ୍ଡାରର ସ୍ଥିତି ଦୁର୍ବଳ ଥିବା ନେଇ ଏଏସ୍‌ଆଇ ଅନୁଧ୍ୟାନ କରି ରିପୋର୍ଟ ଦେଇଥିଲା। ବିଶେଷକରି ରତ୍ନଭଣ୍ଡାର କାନ୍ଥ ବର୍ଷାପାଣି ଯୋଗୁ ଓଦା ରହୁଥିବାବେଳେ କାନ୍ଥର ସ୍ଥିତି ଦୁର୍ବଳ ଥିବା ନେଇ ରିପୋର୍ଟରେ ଉଲ୍ଲେଖ ହୋଇଥିଲା। ଏହି ଘଟଣାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। ତୁରନ୍ତ ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ କରି ରିପୋର୍ଟ ଦେବାକୁ ଏଏସ୍‌ଆଇ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁଯାୟୀ, ଏଏସ୍‌ଆଇର ଏକ ସ୍ୱତନ୍ତ୍ର ଟିମ୍ ଏବଂ ଶ୍ରୀମନ୍ଦିର ବୈଷୟିକ ଟିମ୍‌ର ସଦସ୍ୟଙ୍କୁ ନେଇ ଗତ ଦୁଇଦିନ ଧରି ସମୁଦାୟ ୪୯ଟି ପଏଣ୍ଟରେ ଲେଜର ସ୍କାନିଂ କରାଯାଇଛି। ପ୍ରଥମ ଦିନ ଅର୍ଥାତ ମଙ୍ଗଳବାର ୩୭ଟି ପଏଣ୍ଟ ଏବଂ ବୁଧବାର ଅନ୍ୟ ୧୨ଟି ପଏଣ୍ଟରେ ଲେଜର୍ ସ୍କାନିଂ କରାଯାଇଛି। ଲେଜର ସ୍କାନିଂରୁ ମିଳିଥିବା ଫଟୋକୁ ଅନୁଧ୍ୟାନ କରାଯିବା ପରେ ତର୍ଜମା କରାଯାଇ ଫାଟଗୁଡ଼ିକର ମରାମତି ନିମନ୍ତେ ପଦକ୍ଷେପ ନିଆଯିବ ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ୭ ଆହତ

ବୈଶିଙ୍ଗା, ୨୯।୧୧ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଦପୁର ଗ୍ରାମରେ ବୁଧବାର ପୂର୍ବାହ୍ନରେ ବାଘୁଆ ମହୁମାଛି ଆକ୍ରମଣରେ ୨ ସ୍କୁଲ ପିଲାଙ୍କ ସମେତ ମୋଟ ୭ଜଣ ଆହତ ହୋଇଛନ୍ତି। ହଠାତ୍ ମହୁମାଛି ଉଡ଼ିବା ଯୋଗୁ ଭୟରେ ବୈଦପୁରରୁ ହାଟ ରାସ୍ତା ଜନଶୂନ୍ୟ ହୋଇ ପଡ଼ିଥିଲା। ଆହତ ଦୁଇ ଛାତ୍ର ହେଲେ କୁରାଢ଼ିକ ଗ୍ରାମର କିରଣ ମହାନ୍ତ ଓ ଶୁଭମ ମହାନ୍ତ। ସେହିଭଳି ମେରଦା ଗ୍ରାମର ଦୀପିକା ଡଗରା, ସାତପଉଟିଆ ଗ୍ରାମର ଇନ୍ଦ୍ରଜିତ ସାହୁ ଓ ଶୁଭଲକ୍ଷ୍ମୀ ସାହୁ, ବୈଦପୁର ଗ୍ରାମର ଦୁର୍ଗା ସିଂ, ଯୁଗଳ ଗ୍ରାମର ରାଜେନ୍ଦ୍ର ଧାଉଡିଆ। ସମସ୍ତଙ୍କୁ ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେବାରୁ ସେମାନଙ୍କୁ ଡାକ୍ତରଖାନାରୁ ଛାଡ଼ି ଦିଆଯାଇଥିବା ଭାରପ୍ରାପ୍ତ ଡାକ୍ତର ପ୍ରଦୀପ କୁମାର କର ସୂଚନା ଦେଇଛନ୍ତି।

### ୪ ବର୍ଷ ପରେ ଫେରାର ଚତୁର୍ଥ ଭାଇ ଗିରଫ

#### ରଜ ମହୋତ୍ସବରେ ହତ୍ୟା ଘଟଣା

ଭୁବନେଶ୍ୱର, ୨୯।୧୧ (ସତ୍ୟଜିତ୍ ରାଉତ)

ଧଉଳି ପାଦଦେଶରେ ଥିବା ଭୈରଙ୍ଗେଶ୍ୱର ମନ୍ଦିର ନିକଟରେ ରଜ ମହୋତ୍ସବବେଳେ ଜଣେ ବୟସ୍କ ବ୍ୟକ୍ତିଙ୍କୁ କାଠଫାଳିଆରେ ହତ୍ୟା ଘଟଣାର ୪ ବର୍ଷ ପରେ ଫେରାର ଚତୁର୍ଥ ଭାଇ ବୁଧବାର ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଧଉଳୀ ଥାନା ଅନ୍ତର୍ଗତ ପାଟଣା ଜଗନ୍ନାଥପୁର ଗ୍ରାମର ନିଲୁ ପଣ୍ଡା ଓରଫ ଗୁଜି (୩୯)। ଧଉଳୀ ପୋଲିସ ନିଲୁଙ୍କୁ ଗିରଫ କରି ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତ ନିଲୁଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ନିଲୁଙ୍କ ୩ଜଣ ଭାଇ ଦିଲୀପ ପଣ୍ଡା, ପ୍ରଦୀପ ପଣ୍ଡା ଓ ଦେବୁ ବ୍ରହ୍ମା ପଣ୍ଡା ଗିରଫ ହୋଇ ଜେଲରେ ଅଛନ୍ତି। ସେମାନଙ୍କ ନାମରେ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିବାବେଳେ ଶୁଣାଣି ମଧ୍ୟ ଚାଲୁରହିଛି।

୨୦୧୯ ଜୁନ ୧୭ରେ ଭୈରଙ୍ଗେଶ୍ୱର ମନ୍ଦିର ନିକଟରେ ରଜ ମହୋତ୍ସବ ଦେଖିବାକୁ ସାମନ୍ତରାପୁର ସରଦେଇପୁର ଗ୍ରାମର ବଂଶୀଧର କାଳିଆ ଯାଇଥିଲେ। ଉକ୍ତ ସ୍ଥାନରେ ବସିବାକୁ ନେଇ ପ୍ରଦୀପଙ୍କ ସହ ତାଙ୍କର ବଚସାରୁ ଗଣ୍ଡଗୋଳ ହୋଇଥିଲା। ପ୍ରଦୀପ ଓ ତାଙ୍କ ୩ଭାଇ ମିଳିମିଶି ବଂଶୀଧରଙ୍କୁ କାଠ ଫାଳିଆରେ ନିସ୍ଥୁକ ମାଡ଼ ମାରିଥିଲେ। ବଂଶୀଧରଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟବସ୍ଥା ଆହୁରି ବିଗିଡ଼ିଯିବାରୁ ତୁରନ୍ତ ତାଙ୍କୁ କଟକ ଏସ୍‌ସିବି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବଂଶୀଧରଙ୍କ ପୁଅ ମକର ଧଉଳି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ.୮୫/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରେ ଦିଲୀପ, ପ୍ରଦୀପ ଓ ଦେବୁବ୍ରହ୍ମା ଗିରଫ ହୋଇଥିଲେ। ହେଲେ ନିଲୁ ଓଡ଼ିଶା ବାହାରେ ଆତ୍ମଗୋପନ କରିଥିଲେ। କିଛିମାସ ହେଲା ସେ ଜଟଣୀ ଅଞ୍ଚଳରେ ସମ୍ପର୍କୀୟଙ୍କ ଘରେ ରହୁଥିଲେ। ବୁଧବାର ସେ ଘରକୁ ଆସୁଥିବାବେଳେ ପୋଲିସ ତାଙ୍କୁ କାବୁ କରିଥିଲା।

# ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି

## ୭ ଛେଳି, ୨୦ କୁକୁଡ଼ା ଜୀବନ୍ତ ଦଗ୍ଧ

ରାଜନଗର, ୨୯।୧୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଉପାନ୍ତ ତାଳଚୁଆ ପଞ୍ଚାୟତ ଟିକାୟତ ନଗର ଗ୍ରାମରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ କାହ୍ନୁ ଚରଣ ଜେନାଙ୍କ ୩ ବଖରା ଘର ପୋଡ଼ି ପାଉଁଶ ହେବା ସହିତ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସେ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି। ଅଗ୍ନିକାଣ୍ଡରେ ନଗଦ ୭୦ହଜାର ଟଙ୍କା ପୋଡିଯିବା ସହିତ ୭ ଛେଳି, ୨୦ କୁକୁଡା ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡ ଏତେ ଭୟାବହ ଥିଲା ଯେ ଗାଁ ଲୋକେ ନିଆଁକୁ ଆୟତ କରିବା ସମ୍ଭବ ହୋଇପାରି ନ ଥିଲେ। ଖବରପାଇଁ ରାଜନଗର ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ବିପନ୍ନ ପରିବାର ଏବେ ପଡ଼ିଶା ଘରେ ଆଶ୍ରୟ ନେଇଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ଖବରପାଇ ରାଜନଗର ବିଧାୟକ ଧ୍ରୁବ



ପୋଡ଼ିଯାଇଥିବା ଘରେ ରହିଥିବା ଟଙ୍କା।

ସାହୁ କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ରତୁରାଜଙ୍କୁ ଜଣାଇଥିଲେ। ଜିଲାପାଳ ବିପନ୍ନ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୨୫ହଜାର ଟଙ୍କା ସହାୟତା ପ୍ରଦାନ କରିବା ପାଇଁ ରାଜନଗର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡିଆ, ଅତିରିକ୍ତ ତହସିଲଦାର ସାଓନ ଭୋଳ, ତାଳଚୁଆ ସରପଞ୍ଚ ସ୍ୱର୍ଣ୍ଣଲତା ମଣ୍ଡଳ, ସାମାଜିକ କର୍ମୀ ଦେବ ଦୁଲାଲ ମଣ୍ଡଳ, ପଞ୍ଚାୟତ ନିର୍ବାହୀ ଅଧିକାରୀ ହୃଷିକେଶ ସେଠୀ ପ୍ରମୁଖ ବିପନ୍ନ ପରିବାର ନିକଟରେ ପହଁଚି ତହସିଲ ପକ୍ଷରୁ ପଲିଥିନ, ରେଡ଼କ୍ରସ ସହାୟତା ଯୋଗାଇ ଦେବା ସହ ପଞ୍ଚାୟତ ପକ୍ଷରୁ ୭ଦିନ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଇଥିଲେ।

# ଏମ୍‌ଜିଏଲ୍ ଇନ୍‌ଫ୍ରାର ୨ ଅଧିକାରୀଙ୍କୁ ୩ବର୍ଷ ଜେଲ

## ଚିଟ୍‌ଫଣ୍ଡ ଠକେଇ ମାମଲା

ବାଲେଶ୍ୱର, ୨୯।୧୧ (ମାନସ ବିଶ୍ୱାଳ)

ଏକ ଚିଟ୍‌ଫଣ୍ଡ ଠକେଇ ମାମଲାର ବିଚାର କରି ବୁଧବାର ବାଲେଶ୍ୱର ଓପିଆଇଡି(ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇଣ୍ଟରେଷ୍ଟ ଅଫ୍ ଡିପୋଜିଟର) କୋର୍ଟ ଜଜ୍ ବିଶ୍ୱଜିତ ଦାସ ୨ ଅଭିଯୁକ୍ତଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ ସହ ୮୦ ହଜାର ଲେଖାଏଁ ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

ବାଲେଶ୍ୱର ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ନିକଟରେ ଏମ୍‌ଜିଏଲ୍ ଇନ୍‌ଫ୍ରା ପ୍ରାଇଭେଟ୍ ଲିମିଟେଡ୍ ନାମକ ସଂସ୍ଥା କାର୍ଯ୍ୟାଳୟ ଖୋଲି ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇ ଲୋକଙ୍କଠାରୁ ଟଙ୍କା ଉଠାଇଥିଲା। କିଛିବର୍ଷ ପରେ କାର୍ଯ୍ୟାଳୟ ବନ୍ଦ କରି ସଂସ୍ଥାର ଅଧିକାରୀମାନେ ଫେରାର ହୋଇଯାଇଥିଲେ। ଏନେଇ ରେମୁଣା ବ୍ଲକ ଅଧୀନ ନୂଆପାଢ଼ୀ ଅଞ୍ଚଳର ଜଣେ ଯୁବକ ବିଜୟ କୁମାର ମହାପାତ୍ର ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କୁ ବିଭିନ୍ନ ଲୋଭନୀୟ ଯୋଜନା ଦେଖାଇ ଟଙ୍କା ଡିପୋଜିଟ୍ କରିବାକୁ ସଂସ୍ଥାର ମୁଖ୍ୟ ଡାଇରେକ୍ଟର ସୁବାସ ଚନ୍ଦ୍ର ନାୟକ, ବ୍ରାଞ୍ଚ ମ୍ୟାନେଜର ଦେବୀଶଙ୍କର ପରମାଣିକ, ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ଭଗବାନ ଚନ୍ଦ୍ର ପ୍ରଧାନ ପ୍ରବର୍ତ୍ତାଇଥିଲେ। ଅବଧି ଶେଷ ହେବା ପରେ ମଧ୍ୟ ଟଙ୍କା ନ ଦେବା ଏବଂ ପରେ କାର୍ଯ୍ୟାଳୟ ବନ୍ଦ କରି ପଳାଇଯିବାରୁ ସେ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୩୯୯/୨୦୧୪) ରୁଜୁ କରାଯାଇଥିଲା। ପରେ ଓପିଆଇଡ଼ି କୋର୍ଟରେ ସିଟି କେସ୍ (ନଂ. ୦୪(ସି)/୨୦୧୪) ରୁଜୁ କରାଯାଇ ବିଚାରଧୀନ ଥିଲା। ଓପିଆଇଡ଼ି କୋର୍ଟ ଜଜ୍ ୪୨ ଜଣ ସାକ୍ଷୀ, ୯୦ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ସଂସ୍ଥାର ବ୍ରାଞ୍ଚ ମ୍ୟାନେଜର ଦେବୀ ଶଙ୍କର ପରମାଣିକ ଓ ଆସିଷ୍ଟାଣ୍ଟ ବ୍ରାଞ୍ଚ ମ୍ୟାନେଜର ଭଗବାନ ଚନ୍ଦ୍ର ପ୍ରଧାନଙ୍କୁ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

# ବାଲିଯାତ୍ରାରେ ଶକ୍ତି ସଂରକ୍ଷଣ ପ୍ରସାର ଅଭିଯାନ

ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର)

ଐତିହାସିକ କଟକ ବାଲିଯାତ୍ରାରେ ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଶକ୍ତି ସଂରକ୍ଷଣ ପ୍ରସାର ଅଭିଯାନ ଜାରି ରହିଛି। ଏଥିଲାଗି ଏକ ଷ୍ଟଲ୍ ଖୋଲାଯାଇ ସେଠାରେ ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ଲୋକଙ୍କୁ ସଚେତନ କରାଯାଉଛି। ଶକ୍ତି ସଂରକ୍ଷଣ ସଚେତନତା ସମ୍ପର୍କରେ ସର୍ବୋଚ୍ଚ ଯନ୍ତ୍ରୀ ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ ସୁରେଶ ମହାରଣା କହିଛନ୍ତି, ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଲା ଶକ୍ତି ସଂରକ୍ଷଣ। ବୈଜ୍ଞାନିକ ଓ ବିଶେଷଜ୍ଞଙ୍କ ମତରେ ଆଗାମୀ ୧୦୦ ବର୍ଷ ମଧ୍ୟରେ ପେଟ୍ରୋଲ ଓ ୩୦ ବର୍ଷ ମଧ୍ୟରେ ଡିଜେଲ ଓ ଗ୍ୟାସ୍ ମିଳିବ ନାହିଁ। ତେଣୁ ସେହି ପରିସ୍ଥିତିରେ ବର୍ତ୍ତମାନଠାରୁ ଆମେ ଜଳଶକ୍ତି, ବାୟୁଶକ୍ତି ଓ ସୂର୍ଯ୍ୟଶକ୍ତିକୁ ବିନିଯୋଗକଲେ ଆଗାମୀ ପିଢ଼ି ଆଉ ଶକ୍ତି ଅଭାବ ଅନୁଭବ କରିବେ ନାହିଁ। ସେହିପରି ସମୁଦାୟ କାର୍ବନ ନିର୍ଗମନକୁ ଜିରୋ ସ୍ଥିତିକୁ ଆଣିବାକୁ ପଡ଼ିବ। ବାୟୁ ପ୍ରଦୂଷଣରୁ ରକ୍ଷା ପାଇବା ପାଇଁ ଫସିଲ୍ ଫୁଏଲ୍ ଓ ପେଟ୍ରୋଲ ବ୍ୟବହାରରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ହେବ। ଶକ୍ତି ସଂରକ୍ଷଣ ପାଇଁ ଗ୍ରୀନ୍ ଏନର୍ଜି ଓ ରିନ୍ୟୁଏବୁଲ୍ ଏନର୍ଜି ବ୍ୟବହାର କରିବାକୁ ପଡ଼ିବ। ବିଦ୍ୟୁତ୍ ଶକ୍ତିର ସଂରକ୍ଷଣ ପାଇଁ ଦକ୍ଷ ଉପକରଣ ବ୍ୟବହାର କରାଗଲେ ସ୍ୱଳ୍ପ ଶକ୍ତି ବିନିଯୋଗ ହୋଇପାରିବ। ଫାଇବ୍‌ଷ୍ଟାର୍ ଏସି, ବିଏଲ୍‌ଡିସି ପଙ୍ଖା, ଏଲ୍‌ଇଡି ବଲ୍‌ବ, ଇଲେକ୍ଟ୍ରୋନିକ୍ସ ଭେହିକଲ ଆମକୁ ବିଦ୍ୟୁତ୍ ଶକ୍ତି ସଂରକ୍ଷଣରେ ସହାୟତା କରିଥାନ୍ତି। ତେଣୁ କମ୍ ଶକ୍ତିରେ ଉତ୍ତମ ସେବା ପ୍ରଦାନ କରୁଥିବା ଦକ୍ଷ ଉପକରଣ ଶକ୍ତି ସଞ୍ଚୟ କରିଥାନ୍ତି ବୋଲି ସେ କହିଛନ୍ତି। ୧ ୟୁନିଟ୍ ବିଦ୍ୟୁତ୍ ସଞ୍ଚୟ ପ୍ରାୟ ୨ ୟୁନିଟ୍ ବିଦ୍ୟୁତ୍ ଉତ୍ପାଦନ ସହ ସମାନ। ଶତକଡ଼ା ୮୦ ଭାଗ ବାୟୁ ପ୍ରଦୂଷଣ ଜୈବିକ ଶକ୍ତିର ଉତ୍ପାଦନ ଓ ବ୍ୟବହାର ଯୋଗୁ ହୋଇଥାଏ। ନିର୍ଗମନ ହେଉଥିବା ଶତକଡ଼ା ୮୮ ଭାଗ ଅଙ୍ଗାରକାମ୍ଳ ଗ୍ୟାସ୍ ପରି ଗ୍ରୀନ୍‌ହାଉସ୍ ଗ୍ୟାସ୍ ବାୟୁମଣ୍ଡଳରେ ମିଶିଥାଏ। ତେଣୁ ବିଦ୍ୟୁତ୍ ସଂରକ୍ଷଣ ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଉଚିତ ବୋଲି ମହାରଣା କହିଛନ୍ତି।

# ଭିଜିଲାନ୍ସ ହାତରେ ଧରାପଡ଼ିଲେ ମହିଳା ଆର୍‌ଆଇ

ସୁନ୍ଦରଗଡ଼, ୨୯।୧୧ (ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ତହସିଲ ଅନ୍ତର୍ଗତ ତସଲାଡିହିର ଭାରପ୍ରାପ୍ତ ଆର୍‌ଆଇ(ରାଜସ୍ୱ ନିରୀକ୍ଷକ)ଲିଲି ଚୌଧୁରୀ ଜଣେ ବ୍ୟକ୍ତିଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବୁଧବାର ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଆର୍‌ଆଇ ଚୌଧୁରୀ ଅଭିଯୋଗକାରୀଙ୍କ ଚାଷଜମିକୁ ଘରବାରି(ବାସୋପଯୋଗୀ) କିସମ ପରିବର୍ତ୍ତନ ପାଇଁ ଇନ୍‌କ୍ୱାରି ରିପୋର୍ଟ ସକାଶେ ୫ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଜଣକ ଏଥିରେ ଅକ୍ଷମତା ପ୍ରକାଶ କରିବାରୁ ତାଙ୍କୁ ହଇରାଣ କରୁଥିଲେ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଯୋଜନା ମୁତାବକ ବୁଧବାର ଆର୍‌ଆଇ ଚୌଧୁରୀ ତାଙ୍କଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ



ଲିଲି ଚୌଧୁରୀ

ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ସମ୍ପୃକ୍ତ ଆର୍‌ଆଇ ଚୌଧୁରୀଙ୍କ ବିରୋଧରେ ରାଉରକେଲା ଭିଜିଲାନ୍ସ ଥାନା କେସ୍ ନମ୍ବର ୨୯/୨୩ରେ ଦୁର୍ନୀତି ନିବାରଣ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରି ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଏଥିସହ ଗିରଫ ଆର୍‌ଆଇଙ୍କ ସର୍ଗିପାଲି ସ୍ଥିତ ଘର ଓ ତସଲାଡିହି ସ୍ଥିତ ଅଫିସରେ ମଧ୍ୟ ଭିଜିଲାନ୍ସ ଟିମ୍ ଖୋଳତାଡ କରିଥିଲା।

# ଜିଲାସ୍ତରରେ ଶିଳାନ୍ୟାସ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ

## ଏନ୍‌ୟୁଏ ଓଡ଼ିଶାର ପରିଚାଳନା କମିଟି ବୈଠକ

ଭୁବନେଶ୍ୱର, ୨୯।୧୧ (ସୁନିତ୍ ମିଶ୍ର): ଏନ୍‌ୟୁଏ ଓଡ଼ିଶାର ପରିଚାଳନା କମିଟି ବୈଠକରେ ଦକ୍ଷତା ବିକେନ୍ଦ୍ରୀକରଣ, ଜିଲା ଦକ୍ଷତା ବିକାଶ ଏବଂ ଜିଲାସ୍ତରରେ ଶିଳାନ୍ୟାସ ସ୍ୱତନ୍ତ୍ର ପ୍ରକଳ୍ପ ପାଇଁ ବୁଧବାର ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ଦକ୍ଷତାକୁ ତୃଣମୂଳସ୍ତରରେ ପହଞ୍ଚାଇ ଏନ୍‌ୟୁଏ ଓଡ଼ିଶା ସହ ପରିଚାଳନା କମିଟି ପ୍ରତ୍ୟେକ ଜିଲାର ଲୁକ୍କାୟିତ ସମ୍ଭାବନାକୁ ଖୋଜି, ଏକ ଦୃଢ଼ ତଥା ବିବିଧ କର୍ମଜୀବୀ ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଜିଲାରେ ନିର୍ଦ୍ଦିଷ୍ଟ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଗଠନ, ପ୍ରତ୍ୟେକ ଅଞ୍ଚଳର ଅନନ୍ୟ ଆବଶ୍ୟକତା ସହିତ ସୁଯୋଗକୁ ଯୋଡିବା ଉପରେ ଏହି ଅବସରରେ ଆଲୋଚନା କରାଯାଇଛି। ପରିଚାଳନା କମିଟି, ସ୍ଥାନୀୟ କର୍ମଚାରୀଙ୍କ ଅନ୍ତର୍ନିହିତ ପ୍ରତିଭା ଏବଂ ସାମର୍ଥ୍ୟକୁ ଉପଯୋଗ କରିବା ପାଇଁ ପଦକ୍ଷେପ ପ୍ରସ୍ତୁତ କରି ସମୁଦାୟକୁ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟତଃ ଜିଲାସ୍ତରରେ ସ୍ୱତନ୍ତ୍ର ପ୍ରକଳ୍ପ ଉପରେ ଗୁରୁତ୍ୱ ଦେବା ଏହି ବୈଠକର ପ୍ରମୁଖ ଆକର୍ଷଣ ଥିଲା। ପରିଚାଳନା କମିଟି ସାମୂହିକ ଭାବେ ଏନ୍‌ୟୁଏ ଓଡ଼ିଶାର ଜିଲାସ୍ତରୀୟ ଆଭିମୁଖ୍ୟର ଗୁରୁତ୍ୱକୁ ଦର୍ଶାଇ ଏହାକୁ ଅନ୍ତର୍ଭୁକ୍ତ ଅଭିବୃଦ୍ଧି ପାଇଁ ଏକ ଅନୁକ୍ରମଣିକା ଭାବେ ଦେଖୁଥିଲା। ବୈଠକରେ ଆଲୋଚନା ହୋଇଥିବା ପଦକ୍ଷେପଗୁଡ଼ିକ ଓଡ଼ିଶାକୁ ଏକ କୁଶଳୀ ଓ ବୃତ୍ତିଗତ କେନ୍ଦ୍ରରେ ପରିଣତ କରିବା ସହ ପ୍ରଗତି ପଥରେ ଯେପରି କୌଣସି ସମ୍ପ୍ରଦାୟ ପଛରେ ରହିବେ ନାହିଁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା ଉତ୍ସବ





ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ପଡିଆବାହାଲ, ୨୯।୧୧ (ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକ କବରାପାଲି ପଞ୍ଚାୟତ ଫଟାବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅକ୍ଷୟ କୁମାର ପରିମାଣିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ସମରେନ୍ଦ୍ର କର୍ମୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଭଗବାନ ଦୀପଙ୍କ ସହାୟତାରେ ଦିଲୀପ କର୍ଣ୍ଣ କ୍ରୀଡା ପରିଚାଳନା କରିଥିଲେ। ବାଳ ବର୍ଗରେ ଆୟୁଷ କୁମାର ପୋଢ଼, କିଶୋର ବର୍ଗରେ ଭବିଷରାଜ ବାଗ ଓ ସଚିକାନ୍ତ ବାଗ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବସନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ପ୍ରଥମ ପୃଷ୍ଠାରୁ

### ଆଉ ୫ ବର୍ଷ ...

ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଶର ପ୍ରାୟ ୮୧.୩୫ କୋଟି ଗରିବ ଉପକୃତ ହେବେ ବୋଲି ବୁଧବାର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅନୁରାଗ ସିଂ ଠାକୁର ସୂଚନା ଦେଇଛନ୍ତି।

କୋଭିଡ୍-୧୯ ମହାମାରୀ ବେଳେ ଲକ୍‌ଡାଉନ୍ ଯୋଗୁ ଜୀବିକା ହରାଇଥିବା ଗରିବଙ୍କ ସୁବିଧା ପାଇଁ ୨୦୨୦ ଏପ୍ରିଲରେ ପିଏମ୍‌ଜିକେଏୱାଇ ଆରମ୍ଭ କରାଯାଇଥିଲା। ଏହି ଯୋଜନାରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ଅଧୀନରେ ହିତାଧିକାରୀଙ୍କୁ ପ୍ରତିମାସ ୫ କେ.ଜି. ଲେଖାଏ ଖାଦ୍ୟଶସ୍ୟ ଯୋଗାଣ ବ୍ୟବସ୍ଥା କରାଯାଇଥିଲା। ୨୦୨୨ ଡିସେମ୍ବରରେ ଏହାର ଅବଧି ଶେଷ ହୋଇଥିବାବେଳେ ମାଗଣା ଶସ୍ୟ ବଣ୍ଟନ ଯୋଜନାକୁ ପରବର୍ତ୍ତୀ ସମୟରେ ଏନ୍‌ଏଫ୍‌ଏସ୍‌ଏ ସହ ମିଶ୍ରଣ କରାଇ ଅନେକ ଥର ବୃଦ୍ଧି କରାଗଲାଣି। ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀ ଠାକୁର କହିଛନ୍ତି, ପିଏମ୍‌ଜିର ଅବଧି ୨୦୨୩ ଡିସେମ୍ବର ୩୧ରେ ଶେଷ ହେଉଥିଲା। ଏହାକୁ ୨୦୨୪ ଜାନୁୟାରୀ ୧ରୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିପାଇଁ ଆଗାମୀ ୫ ବର୍ଷରେ ପ୍ରାୟ ୧୧.୮ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେବ। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଗରିବ ହିତାଧିକାରୀମାନଙ୍କ କଲ୍ୟାଣକୁ ଦୃଷ୍ଟିରେ ରଖି ଏବଂ ଖାଦ୍ୟ ସୁରକ୍ଷାକୁ ମଜଭୁତ କରିବା ପାଇଁ ଏହି ଐତିହାସିକ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଦେଶରେ ଖାଦ୍ୟ ଓ ପୋଷଣଜନିତ ଅସୁବିଧା ଦୂର ହେବ। ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍)କୁ ପ୍ରଭାବଶାଳୀ କରିବାରେ ମଧ୍ୟ ଏହା ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଛନ୍ତି।

ଅନ୍ତ୍ୟୋଦୟ ଯୋଜନାରେ ପ୍ରତି ହିତାଧିକାରୀ ପରିବାରକୁ ଦିଆଯାଉଥିବା ୩୫ କେ.ଜି ଚାଉଳର ମୂଲ୍ୟ ୧,୩୭୧ ଟଙ୍କା ହୋଇଥିବାବେଳେ ସମାନ ଓଜନର ଗହମ ଦାମ୍ ୯୪୬ ଟଙ୍କା। କେନ୍ଦ୍ର ସରକାର ପିଏମ୍‌ଜିକେଏୱାଇ ଅଧୀନରେ ଏହି ଅର୍ଥ ବହନ କରୁଛନ୍ତି। ପରିବାରଗୁଡ଼ିକୁ ସମ୍ପୂର୍ଣ୍ଣ ମାଗଣାରେ ଦିଆଯାଉଛି ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

### ରାଜ୍ୟରେ କଳା...

ରହିଥିବା ନେଇ ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ଏହା ସାତକୋଶିଆରେ ବୋଲି ଅନୁମାନ କରାଯାଉଛି। ଅନ୍ୟପଟେ ଏହି ଖବରକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ ଲାଲା ଏ. କେ. ସିଂ। ସେ କହିଛନ୍ତି, ପୂର୍ବରୁ ମଧ୍ୟ କଳା ମହାବଳ ବାଘ ହେଉ କିମ୍ବା କଲରାପତରିଆ ବାଘ ଦେଖାଯାଇଛି। ତେବେ କଳାବାଘ ଦେଖାଯିବା ଏକ ଭଲ ଖବର ନୁହେଁ। ଏହା ପ୍ରକୃତି ପାଇଁ ଶୁଭଙ୍କର ନୁହେଁ। ପ୍ରାକୃତିକ ବାଘ ସଂଖ୍ୟା ପାଇଁ ଏହା ଏକ ୱାର୍ନିଂ। କାରଣ ଏମାନଙ୍କ ସଂଖ୍ୟା ବୋଧହୁଏ କମିବାରେ ଲାଗିଛି। ତେଣୁ କଳାବାଘ ବାରମ୍ବାର ଦେଖାଯାଉଛନ୍ତି। ସେଥିପାଇଁ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ଉଚିତ ବୋଲି ସିଂ କହିଛନ୍ତି।

### ମୁକ୍ତି ବଞ୍ଚାଇଥିଲା ...

ଆଶ୍ୱସ୍ତ ହୋଇଥିଲେ। ଦୀର୍ଘ ୫ବର୍ଷ ହେଲା ସେଠାରେ ଆମେ କାମ କରି ଆସୁଛୁ ବୋଲି ଧୀରେନ କହିଛନ୍ତି। ଉଦ୍ଧାର ପରେ ଧୀରେନଙ୍କ ସହ କଥା ହୋଇ ପରିବାର ଲୋକେ ଖୁସି ବ୍ୟକ୍ତ କରିଥିବାବେଳେ ଈଶ୍ୱରଙ୍କ କୃପାରୁ ଭଲରେ ଭଲରେ ଫେରିଆସିଥିବା କହିଛନ୍ତି। ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଯୋଗୀବନ୍ଧ ଗ୍ରାମର ବିଶ୍ୱେଶ୍ୱର ନାଏକ କୁହନ୍ତି, ସୁଡ଼ଙ୍ଗ ଭିତରେ ଆମେ ଭଲରେ ଥିଲୁ। ଏବେ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛୁ। ଖୁବ୍ ଶୀଘ୍ର ଓଡ଼ିଶା ଫେରିବୁ ବୋଲି ସେ ତାଙ୍କ ସ୍ତ୍ରୀ ସୁକାନ୍ତିଙ୍କୁ କହିଛନ୍ତି।

### କଏନ୍ ନେବାକୁ ମନା ...

ସ୍ଥିତି ଉପୁଜୁଛି। ଛୋଟ ଟଙ୍କିଆ କଏନ ନେବାକୁ ଅନେକ ବ୍ୟବସାୟୀ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ଏହି ପ୍ରକାର ମୁଦ୍ରାର ବ୍ୟବହାର ଏକପ୍ରକାର ବନ୍ଦ ହୋଇଯାଇଛି। ତେବେ ଏପରି ଟଙ୍କା ପ୍ରଚଳନରେ ଗ୍ରାହକମାନେ ସମସ୍ୟା ଭୋଗୁଥିଲେ ଏହାକୁ ଏକ୍ସଚେଞ୍ଜ ମେଳା ବା ବ୍ୟାଙ୍କରେ ଏକ୍ସଚେଞ୍ଜ କରାଯାଇପାରିବ। ତେବେ ରାଜ୍ୟରେ ୧୦ଟଙ୍କିଆ କଏନ ବ୍ୟବହାର ହେଉଥିଲେ ମଧ୍ୟ ୨୦ ଟଙ୍କିଆ ମୁଦ୍ରା ପ୍ରଚଳନ ବିଶେଷ ଭାବରେ ପରିଲକ୍ଷିତ ହେଉନାହିଁ। ଉକ୍ତ ମୁଦ୍ରାକୁ ମଧ୍ୟ ଜଣେ ଚାହିଁଲେ ବଦଳାଇପାରିବେ। ଅନ୍ୟପଟେ ବର୍ତ୍ତମାନ ୨ ହଜାର ଟଙ୍କିଆ ନୋଟ୍ ବଦଳ ଜାରି ରହିଛି। ବ୍ୟକ୍ତିଗତ ଭାବେ ଜଣେ ୫ ଖଣ୍ଡ ନୋଟ୍ ବଦଳାଇପାରୁଛନ୍ତି। ମାତ୍ର ପୋଷ୍ଟାଲ ମାଧ୍ୟମରେ ଏହି ସଂଖ୍ୟାକୁ ବଢ଼ାଯାଇଥିବା ଆର୍‌ବିଆଇ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ରେଳ ଧାରଣା କଡ଼ରୁ ଗୁରୁତରଙ୍କୁ ଉଦ୍ଧାର କଲା ଅଗ୍ନିଶମ ବିଭାଗ

ଲୋଇସିଂହା,୨୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବୁର୍ଡା ଗ୍ର ଶୈବପୀଠ ନିକଟ ରେଳ ଧାରଣା କଡରୁ ଜଣେ ଗୁରୁତର ବ୍ୟକ୍ତିଙ୍କୁ ଅଗ୍ନିଶମ ବିଭାଗ ବୁଧବାର ଉଦ୍ଧାର କରିଛି। ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଗୁରୁତରଙ୍କ ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକେ ଶୌଚ ପାଇଁ ଯାଇଥିବାବେଳେ ରେଳ ଧାରଣା କଡ ଚାଷ ଜମିରେ ଜଣେ ବ୍ୟକ୍ତି ପଡି ରହିଥିବା ଦେଖିବାକୁ ପାଇ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଯାତ୍ରୀ ଜଣକ ରାତିରେ କୌଣସି ଟ୍ରେନରୁ ଖସିପଡିଥିବା ସନ୍ଦେହ କରାଯାଉଛି ।

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ ଜେଲ

ଭବାନୀପାଟଣା,୨୯।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ ସହର ହଣ୍ଡାଖାଲ ପଡ଼ାର ସବିତା ମେହେର ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଧର୍ମଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ ଅଭିଯୁକ୍ତ ସ୍ୱାମୀ ମଞ୍ଜିତ ମେହେରଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଜୁନାଗଡ଼ ସହର ହଣ୍ଡାଖାଲ ପଡ଼ାର ମଞ୍ଜିତ ମେହେରଙ୍କ ସହ ପଲାସ ଗାଁର ତୁଳାରାମ ମେହେରଙ୍କ ଝିଅ ସବିତା ମେହେରଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ମଞ୍ଜିତ ନିୟମିତ ସବିତାଙ୍କୁ ଯୌତୁକ ନିର୍ଯାତନା ଦେଉଥିଲେ। ୨୦୧୮ ଜାନୁୟାରୀ ୨୨ରେ ସବିତା ନିଜ ଭଉଣୀର ରିଙ୍ଗ ସେରମନିକୁ ଯିବା ପାଇଁ କହିଥିଲେ। ଏଥିରେ ଯୋଗଦେବେ ନାହିଁ ବୋଲି ମଞ୍ଜିତ ମନା କରିବା ସହ ଘରେ କେହି ନ ଥିବା ସୁଯୋଗ ନେଇ ସବିତାକୁ ତଣ୍ଟି ଚିପି ମାରିଦେଇଥିଲା ମଞ୍ଜିତ। ଏ ନେଇ ଜୁନାଗଡ଼ ଥାନାରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲା ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ପୂର୍ଣ୍ଣଚନ୍ଦ୍ର ନାଗ ପରିଚାଳନା କରିଥିଲେ।

### ମହାତ୍ମା ଠକ୍କର ବାପା ଜୟନ୍ତୀ

ନୂଆପଡ଼ା,୨୯।୧୧(ମକାରୁ ବେମାଲ)

ନୂଆପଡ଼ା ଜିଲା ଧରମବନ୍ଧାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମହାତ୍ମା ଠକ୍କର ବାପାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଉପାଧ୍ୟକ୍ଷ ସୁରେଶ କୁମାର ଦାସ ସଭାପତିତ୍ୱ କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରକାଶ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଧରମବନ୍ଧା ସରପଞ୍ଚ ଭୁନେଶ୍ୱରି ଦଣ୍ଡସେନା, ଓଡ଼ିଆ ଅଧ୍ୟାପକ ବିଶଧାଜ ମାଝି, ଫରେଷ୍ଟ ଗାର୍ଡ ଧନୁର୍ଜ କୁମ୍ଭାର ଏବଂ ମୁଖ୍ୟବକ୍ତା ଭାବେ ସାମାଜକ କର୍ମୀ ତଥା ବନ୍ୟଜନ୍ତୁ ସୁରକ୍ଷା ସମିତି ସଦସ୍ୟ ମାୟାଧର ସରାଫ ଯୋଗଦେଇଥିଲେ। ଏବଂ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ମଞ୍ଚାସିନ ଅତିଥିମାନେ ମହାତ୍ମା ଠକ୍କରବାପାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରକୃତି ବନ୍ଧୁ ଅରୁଣ ବିଶାଳଙ୍କ ଆୟୋଜିତରେ ପରିବେଶ ସୁରକ୍ଷା ଓ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରେ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସାଧାରଣ ଜ୍ଞାନପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ମହେନ୍ଦ୍ର ବାଗ ମଞ୍ଚ ପରିଚାଳନା କରିଥିବାବେଳେ ପ୍ରକୃତିବନ୍ଧୁ ଅରୁଣ ବିଶାଳ ଧନ୍ୟବାଦ ପ୍ରଦାନ କରିଥିଲେ।

# ୨ୟ ଦିବସରେ ତରବୋଡ ଆଞ୍ଚଳିକ ଧନୁଯାତ୍ରା



ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ନୂଆପଡ଼ା,୨୯।୧୧(ମକାରୁ ବେମାଲ)

ନୂଆପଡା ଜିଲା ତରବୋଡ ଖେଳ ପଡିଆରେ ଚାଲିଥିବା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ବୁଧବାର ୨ୟ ଦିବସରେ ପହଞ୍ଚିଛି। ଅନୁଷ୍ଠାନ ସଭାପତି ମକାରୁ ବେମାଲଙ୍କ ସଭାପତିତ୍ୱରେ ଯୁବ କଂଗ୍ରେସ ରାଜ୍ୟ ସମ୍ପାଦକ ଶାହରୁଖ ଖାଁନ ମୁଖ୍ୟଅତିଥି ଏବଂ ସାମାଜିକ କର୍ମୀ ମାଧବ ପ୍ରସାଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖୋଲା ରଙ୍ଗମଞ୍ଚରେ ନାଟକ ଦେବକୀ ଓ ବସୁଦେବଙ୍କ ବିବାହ, ଉଗ୍ରସେନଙ୍କ ଗାଦିଚ୍ୟୁତ ଓ କଂସଙ୍କ ସିଂହାସନ ଆରୋହଣ ମଞ୍ଚସ୍ଥ ହୋଇଥିଲା। ବଲାଙ୍ଗୀର ଜିଲା ଲାଠୋର ଗାଁର କଳାକାରମାନେ ନାଟକ ମଞ୍ଚସ୍ଥ କରୁଛନ୍ତି। କଂସ ଭୂମିକାରେ ସୁଶାନ୍ତ କୁମାର ମେହେର ଅଭିନୟ କରୁଥିବା ବେଳେ ମହାମନ୍ତ୍ରି ହିମାଂଶୁ ମେହେର, ଉଗ୍ରସେନ କିଶୋର ସାହୁ, ଦେବକୀ ରଶ୍ମି, ବାସୁଦେବ ସତ୍ୟ ଶବର, ସେନାପତି ରବୀନ୍ଦ୍ର ସାହୁ, ନାରଦ ନବ କିଶୋର ଠାକୁର, ଚାନୁର ହଂସଧାଜ, ମୁଷ୍ଟିକ ରଘୁମନି ସାହୁ ପ୍ରମୁଖ ଅଭିନୟ କରୁଛନ୍ତି। ଦର୍ଶକଙ୍କ ମନୋରଞ୍ଜନ ପାଇଁ ସାଂସ୍କୃତିକ କର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଉପସଭାପତି ଶ୍ରୀକାନ୍ତ ପ୍ରଧାନ, ସମ୍ପାଦକ ଚନ୍ଦ୍ର ଶେଖର ଅହୀର, ସହ ସମ୍ପାଦକ ସୁମିତ ଶେଖର ଦୂରିଆ, କୋଷାଧ୍ୟକ୍ଷ ସତ୍ୟବ୍ରତ ସାମଲ, ସହ ସମ୍ପାଦକ ଅର୍ଜୁନ ସୁନାନି ପ୍ରମୁଖ ଆୟୋଜନ କରୁଥିବା ବେଳେ ସୁବାଷ ଚନ୍ଦ୍ର ଆଡବଙ୍ଗ ମଞ୍ଚ ପରିଚାଳନା କରିଛନ୍ତି। ଉମାକାନ୍ତ ବନଛୋର, ମୁରଲୀ ଦୀପ, ବାଞ୍ଛାନିଧି ଗହିର, ଗୋପାଳ ବନ ଛୋର, ଗୋପୀ ଅହୀର୍, ଅନନ୍ତ ସିନ୍ଦୂର, ଚୈତରାମ ତାଣ୍ଡି, ଖଗେଶ୍ୱର ଚିରାଙ୍ଗୁଲ, ଶେଖର ଗହିର, ବିକାଶ ବାଗ, ପପୁ ମହରା, ମେମିଛନ ଶବର, କିଷନ ମହରା, ପଦ୍ମନ ବନଛୋର ପ୍ରମୁଖ ସହଯୋଗ କରୁଛନ୍ତି ।

# ୧୦ଦଫା ଦାବି ନେଇ ଗର୍ଜିଲେ ଆଶାକର୍ମୀ



ଆଶାକର୍ମୀମାନେ ଶୋଭାଯାତ୍ରା କରୁଛନ୍ତି।

ଭବାନୀପାଟଣା,୨୯।୧୧(ଉତ୍ତମ କୁମାର ଦାଶ)

**ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ**

୧୦ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଆଶାକର୍ମୀ। ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କେନ୍ଦ୍ର ସରକାରଙ୍କ ବିରୋଧରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦାବି ପୂରଣ ନ କଲେ ଆଗାମୀ ଦିନରେ ଦିଲ୍ଲୀରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି। କଳାହାଣ୍ଡି ଜିଲା ଆଶା କର୍ମୀ ବିଜୁ ଶ୍ରମିକ ସାମୁଖ୍ୟ ସଂଘ ପକ୍ଷରୁ ଭବାନୀପାଟଣା ସହର ରେଡକ୍ରସ କଲ୍ୟାଣ ମଣ୍ଡପଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ୧୦ ଦଫା ଦାବିଗୁଡିକ ହେଲା ସମସ୍ତ ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା, ସର୍ବନିମ୍ନ ମାସିକ ୧୮ ହଜାର ଟଙ୍କା ଦରମା, ୫ ଲକ୍ଷ ଟଙ୍କା ବିମା ରାଶି ଦେବା, ଅବସରପାଇଥିବା ଆଶା କର୍ମୀଙ୍କ ଝିଅ କିମ୍ବା ବୋହୂଙ୍କୁ ପ୍ରଥମେ ଚୟନ କରିବା ଆଦି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଯଥାଶୀଘ୍ର ସରକାର ଦାବି ପୂରଣ ନ କଲେ ଆଗାମୀ ଦିନରେ ଦିଲ୍ଲୀରେ ଆନ୍ଦୋଳନ ଜୋରଦାର ହେବ ବୋଲି ଚେତାବନୀ ଦେଇଛନ୍ତି ଆଶାକର୍ମୀ। ରାଜ୍ୟ ଆଶାକର୍ମୀ ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ପଙ୍କଜିନୀ ନାଏକ ଓ ଜିଲା ସଭାନେତ୍ରୀ ଶାନ୍ତି ମାଝିଙ୍କ ନେତୃତ୍ୱରେ ବିକ୍ଷୋଭ ହୋଇଥିଲା।

# ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ଗୋଲାମୁଣ୍ଡା,୨୯।୧୧(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ସଡ଼କ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୋଲାମୁଣ୍ଡା ଥାନା ଖମାର ହଳଦୀ ଗ୍ରାମର ରମଣୀ ନିଆଲ। ସ୍ଥାନୀୟ ଲୋକେ କହିବା ଅନୁସାରେ ରମଣୀ ଦଶପୁର ରାସ୍ତା ଦେଇ ନିଜ ଗାଁ ଖମାରହଳଦୀକୁ ଆସୁଥିଲେ। ବିଳମ୍ବିତ ରାତିରେ ଭାରସାମ୍ୟ ହରାଇ ବାଇକ୍‌ରୁ ଖସି ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ପଠାଇଥିଲେ। ପରେ ଡାକ୍ତର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ସକାଳେ ଦଶପୁର ଫାଣ୍ଡି ପୋଲିସ ବୀରବନ୍ଧୁ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ. ୧୦୨/୨୩) ରୁଜୁ ହୋଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପ୍ରକାଶ



@ ପପୁ



@ ଜ୍ୟୋର୍ତିମୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବେଦାନ୍ତ ପକ୍ଷରୁ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର

ଲାଞ୍ଜିଗଡ଼,୨୯।୧୧(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ସିଏସଆର୍ ବିଭାଗ ଏବଂ ବେଦାନ୍ତ ହସ୍ପିଟାଲର ମିଳିତ ଆନୁକୂଲ୍ୟରେ ଲାଞ୍ଜିଗଡଠାରେ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବେଦାନ୍ତ ସିଏସଆର୍ ବିଭାଗ ମୁଖ୍ୟ ଶିଶିର ତରଫଦାର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ବେଦାନ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅକ୍ଷୟ କୁମାର ସାହୁ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅମିତ କୁମାର, ସିଏସଆର୍ ବିଭାଗ କାର୍ଯ୍ୟନିର୍ବାହୀ ବର୍ଣ୍ଣିରାଣୀ ପାଟଗିରି, ରତୁପର୍ଣ୍ଣା ଚାଟାର୍ଜୀ ପ୍ରମୁଖ ଯୋଗଦେଇଥିଲେ। ବେଦାନ୍ତ ହସ୍ପିଟାଲ ମୁଖ୍ୟ ପରିଚାଳନା ଅଧିକାରୀ ଅମର କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରର ବେଦାନ୍ତ ହସ୍ପିଟାଲର ମୋବାଇଲ ହେଲ୍‌ଥ ୟୁନିଟର ମେଡିକାଲ ଅଫିସର ଡା.ପ୍ରଶାନ୍ତ ପରମାଣିକ, ଆସିଷ୍ଟାଣ୍ଟ କମ୍ୟୁନିଟି ମ୍ୟାନେଜର ଅଶୋକ ଖୋରା ଓ ମହେନ୍ଦ୍ର ନିଆଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୪୦ଜଣ ବୃଦ୍ଧାବୃଦ୍ଧ ଓ ଚକ୍ଷୁ ରୋଗୀଙ୍କ ପରୀକ୍ଷା ଓ ପରାମର୍ଶ ସହିତ ଅସ୍ତ୍ରୋପଚାର ପାଇଁ ଭବାନୀପାଟଣାସ୍ଥିତ ଶ୍ରୀ ଜଗନ୍ନାଥ ନେତ୍ରାଳୟକୁ ପଠାଯାଇଛି। ଶିବିର ପରିଚାଳନାରେ ବେଦାନ୍ତ ହସ୍ପିଟାଲ ଓ ବେଦାନ୍ତ ଲିମିଟେଡ ସିଏସଆର୍ ବିଭାଗ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




ଲାଞ୍ଜିଗଡଠାରେ ଆୟୋଜିତ ମୋତିଆବିନ୍ଦୁ ଅସ୍ତ୍ରୋପଚାର ଶିବିର।

# ଛାତ୍ର କଂଗ୍ରେସର ନିଯୁକ୍ତି କ୍ରାନ୍ତି କାର୍ଯ୍ୟକ୍ରମ

ବଲାଙ୍ଗୀର,୨୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)




ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଛାତ୍ର କଂଗ୍ରେସ ସଦସ୍ୟ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ**

ଭାରତୀୟ ଜାତୀୟ କଂଗ୍ରେସର ଛାତ୍ର ସଙ୍ଗଠନ ଭାରତୀୟ ଜାତୀୟ ଛାତ୍ର ୟୁନିଅନ୍ (ଏନ୍ଏସ୍ୟୁଆଇ) ପକ୍ଷରୁ ବୁଧବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ନିଯୁକ୍ତି କ୍ରାନ୍ତି ବିକ୍ଷୋଭ ସମାବେଶ ଓ ଧାରଣା ଦିଆଯାଇଥିଲା। ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ନିଯୁକ୍ତି କ୍ରାନ୍ତି କାର୍ଯ୍ୟକ୍ରମରେ ଓଡ଼ିଶାରେ ବେକାରୀ ଓ ବେରୋଜଗାରୀ ସମସ୍ୟାକୁ ଆଖି ଆଗରେ ରଖି ଛାତ୍ର କଂଗ୍ରେସ ପକ୍ଷରୁ ନିଯୁକ୍ତି କ୍ରାନ୍ତି ଅଭିଯାନ ଆରମ୍ଭ କରାଯାଇଥିବା ସୂଚନା ଦିଆଯାଇଥିଲା। ଓଡ଼ିଶାରେ ନବୀନ ସରକାରଙ୍କ ଦୀର୍ଘବର୍ଷ ଶାସନ କାଳରେ ବେକାର ଯୁବକ ଯୁବତୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏବେ ମଧ୍ୟ ଓଡିଶା ସରକାରଙ୍କ ୨ ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି। ପଶ୍ଚିମ ଓଡ଼ିଶାର ଲୋକ ମାନଙ୍କ ପ୍ରତି ବୈମାତୃକ ମନୋଭାବ ଜାରି ରହିଛି ବୋଲି ସଭାପତି ସାହୁ ଅଭିଯୋଗ କରିଥିଲେ। ପଶ୍ଚିମ ଓଡ଼ିଶା ତଥା ବଲାଙ୍ଗୀର ଜିଲାରେ ଶିଳ୍ପ କାରଖାନା ନଥିବା ହେତୁ ଅନେକ ଲୋକ ଦାଦନ ଖଟି ଯାଉଛନ୍ତି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପକମାନେ ପାଠ ପଢ଼ାଉଛନ୍ତି। ଦେଓଗାଁ ଟିନିକଲ ପୁନଃ କାର୍ଯ୍ୟକ୍ଷମ କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଥିଲେ ସୁଦ୍ଧା ସରକାର ଏହାକୁ କାର୍ଯ୍ୟକ୍ଷମ କରିନାହାନ୍ତି। ଅନ୍ୟାନ୍ୟ ରାଜ୍ୟରେ ବେକାରୀ ଭତ୍ତା ଦିଆଯାଉଥିଲେ ମଧ୍ୟ ଓଡିଶାରେ ଏଭଳି କିଛି ବ୍ୟବସ୍ଥା ନାହିଁ। ସରକାରଙ୍କ ଏଭଳି ଛାତ୍ର ବିରୋଧୀ କାର୍ଯ୍ୟକ୍ରମର ପ୍ରତିବାଦ ସ୍ୱରୂପ ବୁଧବାର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ସଙ୍ଗଠନର ଆର୍ତ୍ତ ଘିବେଲା, ସଞ୍ଜୀବ ନାଗ, ନିତିଶ ପ୍ରଧାନ, ଶୁଭେନ୍ଦୁ ସାହୁ, ରୋଷନ୍ ନାୟକ, ମନୋରଞ୍ଜନ ବିଶ୍ୱାଳ, ସୁଜିତ୍ କୁମ୍ଭାର, ସାନୁ ମନହୀରା, ଅମୀୟ ବଗର୍ତ୍ତୀ, ଆଶିଷ ମହାରଣା, ଆଲୋକ ନାୟକ, ସୋହନ, ଅଭିଷେକ ଡୋରା, ଚିନ୍ମୟ ବେହେରା, ଚନ୍ଦନ ସାହୁ, ରମନ ପ୍ରଭୃତି ଛାତ୍ର ନେତା ଉପସ୍ଥିତ ଥିଲେ। ମାର୍ଗଦର୍ଶକ ଭାବେ ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଜିଲା କଂଗ୍ରେସ କମିଟି ଉପସଭାପତି ମନୀଷ ମିଶ୍ର, ଜିଲା କଂଗ୍ରେସ କମିଟି ପ୍ରବକ୍ତା ଅଜୟ ବାଲି, ଜିଲା କିଶାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ର, କୈଳାଶ ମିଶ୍ର ଉପସ୍ଥିତ ଥିଲେ। ଆଡ଼ିସିନାଲ ତହସିଲଦାର ସମ୍ପୂର୍ଣ୍ଣାନନ୍ଦ ବେଜ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ଗ୍ରହଣ କରିଥିଲେ।

# ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କିଙ୍ଗ୍ ଶିଳ୍ପ ପରିଦର୍ଶନ

ବେହେରା,୨୯।୧୧(ଭୂପେଶ ତିୱାରୀ): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ଦନ୍ତେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଧନ୍ଦାମୂଳକ ଶିକ୍ଷା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ବ୍ୟାଙ୍କିଙ୍ଗ୍ ଶିଳ୍ପ ପରିଦର୍ଶନ କରିଛନ୍ତି। ବେହେରା ଶାଖା ଭାରତୀୟ ଷ୍ଟେଟବ୍ୟାଙ୍କ ଭ୍ରମଣ କରି ଛାତ୍ରୀଛାତ୍ରମାନେ ଶିଳ୍ପଭିତ୍ତିକ ଜ୍ଞାନ ଆହରଣ କରିଥିଲେ। ଏଥିରେ ବ୍ୟାଙ୍କ ମ୍ୟାନେଜର ଜଗତ ରାମ ମାଝି, କ୍ୟାସିଆର ଲିଙ୍କନ ମିଶ୍ର ପିଲାମାନଙ୍କୁ ବ୍ୟାଙ୍କିଙ୍ଗ୍ ସେବା ସହ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ। ଧନ୍ଦାମୂଳକ ଶିକ୍ଷା ଦାୟିତ୍ୱରେ ଥିବା ଶିକ୍ଷକ ସଚ୍ଚିଦାନନ୍ଦ ଗଉଡ଼, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପ୍ରଶିକ୍ଷକ ହରେକୃଷ୍ଣ ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ପରିଦର୍ଶନ କରି ବିଷୟ ଭିତ୍ତିକ ତାଲିମ ପାଇଥିଲେ। ଏଥିରେ ସ୍କୁଲ ପ୍ରଧାନ ଶିକ୍ଷକ ରୂପେନ୍ଦ୍ର ବାଗୁଆ, ଚକ୍ରଧର ବାରିକ, ରମେଶ ଚନ୍ଦ୍ର ବେହେରା, ପ୍ରେମଲାଲ କାଣ୍ଡ ଉପସ୍ଥିତ ରହି ଛାତ୍ରୀଛାତ୍ରମାନଙ୍କ ଉତ୍ସାହ ବଢାଇବା ସହ ସହଯୋଗ କରିଥିଲେ।




ଧନ୍ଦାମୂଳକ ଶିକ୍ଷା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଛାତ୍ରୀଛାତ୍ରମାନେ।

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.13507/Estt. Date:12.10.2023

ADVERTISEMENT

No.CAD-3053:Applications are invited from interested retired Govt. employees (Engineering personnels such as JEs/ AEs) for posting as OSDs (Officer on Special Duty) on contractual basis for a period of one year, to work under different developmental schemes including MGNREGS, PMAY and other Govt. flagship programmes executed at block levels in Ganjam District. A consolidated remuneration fixed to Rs. 20.000/- per month shall be paid to the OSD. The final selection of the OSDs shall be made through a walk-in-interview at Zilla Parishad Level on the recommendation of the Selection Committee constituted as per Resolution No.23750/Gen dt-27.08.2014 of GA & PG Deptt., Odisha. The detailed Advertisement along-with Guidelines vide Letter No.23123/PR&DW dt- 07.10.2023 of Govt. in Panchayati Raj and Drinking Water Deptt may be downloaded from the District website: www.ganjam.nic.in.

Sd./- Collector-cum-CEO, Zilla Parishad, Ganjam

ଜିଲ୍ଲା ପରିଷଦ, ଗଞ୍ଜାମ, ଛତ୍ରପୁର
ZILLA PARISHAD, GANJAM, CHATRAPUR
Phone:06811-263965, Fax:06811-263552
E-mail:ori-dganjam@nic.in
L.No.15328/Estt. Date:23.11.23

OFFICE ORDER

The last date of submission of application for the post of OSD (Engineering personnel) invited vide this Office Advertisement No.13507/Estt. Dt.12.10.2023 of Zilla Parishad, Ganjam is further extended upto 15.12.2023 instead of 17.11.2023 and the tentative date of Walk-in-Interview is extended to 20.12.2023 instead of 30.11.2023. All other contents of the Advertisement remain unaltered.

Sd./- Chief Development Officer-cum-EO, Zilla Parishad, Ganjam
OIPR-19372/11/0005/2324

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-3050

OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR

Tender Call Notice No. File No.:IDCO/HO-P&C/O-3775/04/2023/V-1 37533
Dated 24.11.2023

Bid Identification No.:P&C/EST/E-150/2023-24

NOTICE INVITING TENDER THROUGH e-Procurement

Name of the Work:Repairing and Replacement of Switchgears of ASLS and APFC Panel at IDCO, Fortune Tower,Bhubaneswar
Tender Value:Rs.69,75,000.00

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No:- P&C/EST/E-150/2023-24 | 02 (Two) Calendar Months | 17.00 Hours of dt.29.11.2023 | 17.00 Hours on dt.22.12.2023 |

Further details can be seen from the e-Procurement Portal www.Tendersodisha.gov.in. and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

OIPR-14003/11/0291/2324
Sd./-Chief General Manager (P&C) IDCO, Bhubaneswar

# ୩ଶହ ନିର୍ମାଣ ଶ୍ରମିକଙ୍କୁ ପରିଚୟପତ୍ର ବଣ୍ଟନ

ଲାଠୋର,୨୯।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ରାଧାକୃଷ୍ଣ ମନ୍ଦିର ପରିସରରେ ଜିଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ବିଡ଼ିଓ ଆକାଶ ରଞ୍ଜନ ସାହୁ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ୩ଶହ ଶ୍ରମିକଙ୍କୁ ଏହି ଅବସରରେ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା। ପରେ ୧୦୩ ଶ୍ରମିକ ପରିବାରକୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ୬୬ ପରିବାରଙ୍କୁ ବିବାହ ସହାୟତା ବାବଦକୁ ୩୩ ଲକ୍ଷ ଟଙ୍କା, ୧୯ପରିବାରକୁ ମୃତ୍ୟୁକାଳୀନ ସହାୟତା ବାବଦକୁ ୩୭ ଲକ୍ଷ, ୧୮ପରିବାରଙ୍କୁ ଅନ୍ତେଷ୍ଟିକ୍ରିୟା ବ୍ୟୟ ବାବଦକୁ ୯୦ ହଜାର ଟଙ୍କା ଏହିପରି ସର୍ବ ମୋଟ ୧୦୩ ଶ୍ରମିକ ପରିବାରଙ୍କୁ ୭୦ ଲକ୍ଷ ୯୦ ହଜାର ଟଙ୍କାର ଡ଼େମୋ ଚେକ ମୁଖ୍ୟଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ଆସନ୍ତା ଦୁଇଦିନ ମଧ୍ୟରେ ହିତାଧିକାରୀଙ୍କ ବ୍ୟାଙ୍କ ପାସ୍‌ବୁକ୍‌ରେ ସହାୟତା ଅର୍ଥ ଜମା ହୋଇଯିବ ବୋଲି ଜିଲା ଶ୍ରମ ଅଧିକାରୀ କହିଛନ୍ତି। ଏହି ଅବସରରେ ଟ୍ରେଡ଼ ୟୁନିୟନ ସଦସ୍ୟଙ୍କ ସହ ଅତିରିକ୍ତ ଜିଲାଶ୍ରମ ଅଧିକାରୀ ବିନୋଦ ବିହାରୀ ନାଏକ, ଟିଟିଲାଗଡ଼ ଶ୍ରମ ନିରୀକ୍ଷକ ପ୍ରଶାନ୍ତ କୁମାର ସୁନା, ଆଗଲପୁର, ଲୋଇସିଂହା, ପୁଇଁତଲା ଶ୍ରମ ନିରୀକ୍ଷକ ଅଶୋକ କୁମାର ଡୁଙ୍ଗଡୁଙ୍ଗ ଯୋଗ ଦେଇଥିଲେ।



ଅତିଥି ଜଣେ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

**୧୦୩ ଶ୍ରମିକ ପରିବାରଙ୍କୁ ସହାୟତା ରାଶି ପ୍ରଦାନ**

## ସଂକ୍ଷେପରେ

### ବିଦ୍ୟାଳୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ବେଲପଡ଼ା,୨୯।୧୧(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ଆସ୍ଥା ପବ୍ଲିକ ସ୍କୁଲ ଖେଳ ପଡିଆରେ ବିଦ୍ୟାଳୟସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥିଭାବେ ଯୋଗଦେଇ ସ୍କୁଲ ଚେୟାରମ୍ୟାନ ଶଙ୍କର ପ୍ରସାଦ ଜୈନ କ୍ରୀଡ଼ା ପତାକା ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପଲ ବି.ସରକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଜୈନ, ସମ୍ମାନୀତ ଅତିଥି ସ୍କୁଲ ସମ୍ପାଦକ ଅନନ୍ତ ଜୈନ ଯୋଗଦେଇ କ୍ରୀଡ଼ା କସରତ ସାମାଜିକ ଜୀବନକୁ ଶୃଙ୍ଖଳିତ କରିଥାଏ ବୋଲି କହିଥିଲେ। ଛାତ୍ରୀଛାତ୍ରମାନେ ଦୌଡ, ଲମ୍ବଡ଼ିଆଁ, ଉଚ୍ଚଡିଆଁ, ଗୋଲ ଫିଙ୍ଗା ଆଦି ୭୦ଟି ବିଭାଗରେ କ୍ରୀଡ଼ା ପ୍ରଦର୍ଶନ କରିଥିଲେ।

### ଭୀମ ଭୋଇ ସାମର୍ଥ୍ୟ ଶିବିର

ଖପ୍ରାଖୋଲ,୨୯।୧୧(ଅଭୟ ତ୍ରିପାଠୀ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମ ଭୋଇ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଶିବିରକୁ ମୁଖ୍ୟ ଅତିଥିଭାବେ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମଦନ ହୋତା, ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ବିଡ଼ିଓ ଆକାଶ ରଞ୍ଜନ ସାହୁ ଯୋଗଦେଇଥିଲେ। ବିଏସଏସଓ କନିଷ୍କ ବିଭାର ଏଥିରେ ଅଧ୍ୟକ୍ଷତା କରିଥିଲେ। ଶାରୀରିକ, ମାନସିକ ସ୍ତରରେ ଅନଗ୍ରସରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ପ୍ରମାଣପତ୍ର ପ୍ରଦାନ, ବିଭିନ୍ନ ଉପକରଣ ପ୍ରଦାନ ପାଇଁ ହିତାଧିକାରୀ ଚିହ୍ନଟ ଉପରେ କହିଥିଲେ। ଏହି ଅବସରରେ ୧୧୭ଜଣ ନାମ ପଞ୍ଜିକରଣ କରିଥିବା ଜଣାଯାଇଛି।

### ବ୍ଲକସ୍ତରୀୟ ସାଂସ୍କୃତିକ ଓ କ୍ରୀଡ଼ା ପ୍ରତିଯୋଗିତା

କଣ୍ଟାବାଞ୍ଜି, ୨୯।୧୧(ଗୁରୁଦୟାଲ ହଂସ)

ଭିନ୍ନକ୍ଷମ ପିଲାମାନଙ୍କୁ ନେଇ ବ୍ଲକସ୍ତରୀୟ ସାଂସ୍କୃତିକ ଓ କ୍ରୀଡା ପ୍ରତିଯୋଗିତା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଚଟୁଅନକାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୯୦ଜଣ ଭିନ୍ନକ୍ଷମ ଛାତ୍ରୀଛାତ୍ର ଉପସ୍ଥିତ ରହି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ମୁଖ୍ୟ ଅତିଥିଭାବେ ଏବିଓ ଫକୀର ଚନ୍ଦ୍ର ବିଶି ଯୋଗଦେଇ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ହଥାଲ ସିଆରସିସି ଅମରେନ୍ଦ୍ର କୁମାର ବାଗ, ପ୍ରଧାନ ଶିକ୍ଷୟିତ୍ରୀ ଅନିତା ତ୍ରିପାଠୀ, ବିଆରଟି ଜ୍ୟୋତି ବିକାଶ ବାରିକ,ସୁନୀଲ କୁମାର ସାହୁ, ସିଆରସିସି ଅନୁପ ଦାସ, ଗଜପ୍ରସାଦ ଦାସ, ଶିକ୍ଷକ ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### କୋଇଲା ବୋଝେଇ ଟ୍ରେନରେ ନିଆଁ

ଲାଠୋର,୨୯।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ଅଟକି ରହିଥିବା ଏକ କୋଇଲା ବୋଝେଇ ଟ୍ରେନରେ ବୁଧବାର ନିଆଁ ଲାଗିଥିଲା। ଷ୍ଟେଶନ ମାଷ୍ଟରଙ୍କଠାରୁ ଖବର ପାଇ ଖପ୍ରାଖୋଲ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ହରିଶଙ୍କର ରୋଡ଼ ଷ୍ଟେଶନରେ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପରେ ଟ୍ରେନଟି ରାୟପୁର ଅଭିମୁଖେ ଯାତ୍ରା କରିଥିଲା। ୱାଲଟିଅରରୁ ରାୟପୁର ଅଭିମୁଖେ ଯାଉଥିବା ଏହି କୋଇଲା ବୋଝେଇ ଟ୍ରେନ ତୁରେକେଲା ଷ୍ଟେଶନ ଅତିକ୍ରମ କରୁଥିବା ବେଳେ ବିଭାଗୀୟ କର୍ମଚାରୀ ଦେଖି ହରିଶଙ୍କର ରୋଡ଼ ଷ୍ଟେଶନ ମାଷ୍ଟରଙ୍କୁ ଜଣାଇଥିଲେ।

# ଭାଜପାର ବିକ୍ଷୋଭ, ଦାବିପତ୍ର ପ୍ରଦାନ



ଭାଜପା ନେତା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଟିଟିଲାଗଡ,୨୯।୧୧(ଶରତ ମିଶ୍ର)

ରାଜ୍ୟ ସରକାରଙ୍କ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି। ପିସି ନ ଦେଲେ କାମ ହେଉନାହିଁ। ସରକାରୀ ଅର୍ଥ ବାଟମାରଣ ହେଉଛି। ଏହିଭଳି ଅଭିଯୋଗ କରି ବୁଧବାର ଟିଟିଲାଗଡ ନଗର ଓ ବ୍ଲକ ଭାଜପା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀଙ୍କ ନେତୃତ୍ୱରେ ଭାଜପା କାର୍ଯ୍ୟାଳୟରୁ ଏକ ରାଲି ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇଥିଲା। ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଉପଜିଲାପାଳଙ୍କ ଅନୁପସ୍ଥିତରେ ଉପସ୍ଥିତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିଭଳି ଭାଜପା ନେତା ମୁକେଶ ଜୈନଙ୍କ ନେତୃତ୍ୱରେ ଏକ ଦାବିପତ୍ର ବିଡିଓ ସୁଶାନ୍ତ କୁମାର ରଣାଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ କାର୍ଯ୍ୟାଳୟ ଘେରାଉ ସମୟରେ ଜିଲା ଭାଜପା ସାଧାରଣ ସମ୍ପାଦକ ମୁକେଶ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ଲକ୍ଷ୍ମଣ ବାଗ, ଏମ୍‌ପି ପ୍ରତିନିଧି ଆଲୋକ ନାୟକ, ରତିଲାଲ ପ୍ରଧାନ, ଚେୟାରମ୍ୟାନ ବାଗ, ନରେଶ ବେହେରା ଉପସ୍ଥିତ ଥିଲେ।

# ପଞ୍ଚାୟତ ଡିଗ୍ରୀ କଲେଜରେ ଯୋଗ ଶିବିର



ଯୋଗ ଶିବିର ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

ଲାଠୋର,୨୯।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟରେ ବୁଧବାର ଯୁବ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ମାଧ୍ୟମରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଶ୍ନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାଟଣାଗଡ଼ ବିଧାୟକ ସରୋଜ ମେହେର ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ବିଦ୍ୟାର୍ଥୀମାନେ ପାଠ ପଢିବା ସହ ଶାରୀରିକ ସୁସ୍ଥତା ପାଇଁ ଖେଳକୁଦ ଓ ଯୋଗ କରିବା ନିତ୍ୟାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟ ଅତିଥିଭାବେ ଖପ୍ରାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷା ନିରୂପମା ପଟେଲ, ଜୋନ ୩ ଜିଲା ପରିଷଦ ସଭ୍ୟା ସଂଯୁକ୍ତା ମେହେର, ଲାଠୋର ଥାନା ଅଧିକାରୀ ଝସକେତନ ଭୋଇ, ବନ ଅଧିକାରୀ ଶୈଳେଶ କୁମାର ବିଶି, ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟ ପରିଚାଳନା ସମିତି ସଭାପତି ନୀଳମାଧବ ପଣ୍ଡା ଯୋଗ ଦେଇଥିଲେ। ସର୍ବଭାରତୀୟ ଯୋଗ ପ୍ରଶିକ୍ଷକ ଡ଼. ହରିଭାଇ ଆର୍ଯ୍ୟନ ଶିବିରାର୍ଥୀଙ୍କୁ ଯୋଗ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଶିବିରରେ ବିଧାୟକ ଲାଠୋର ଅଞ୍ଚଳର ଖବରଦାତା ଭୁବନେଶ୍ୱର ବାରିକ, କପିଳ ସୁନା ଏବଂ ସଦାନନ୍ଦ ବେହେରାଙ୍କୁ ସମ୍ମାନୀତ କରିଥିଲେ। ସାମାଜିକ ସଚେତନତା ପ୍ରୋଗ୍ରାମ ଅଧିକାରୀ ଅଧ୍ୟପକ କାହ୍ନୁଚରଣ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାବାଳିକା ଅପହରଣକାରୀଙ୍କ ପତ୍ତାପାଉନି ପୋଲିସ

ଲୋଇସିଂହା,୨୯।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡ଼ା ଗ୍ରାମର ଜଣେ ନାବାଳିକା ଅପହରଣକାରୀଙ୍କୁ ଧରିବାରେ ଲୋଇସିଂହା ପୋଲିସ ବିଫଳ ହୋଇଛି। ଏନେଇ ମଙ୍ଗଳବାର ଲୋଇସିଂହା ବ୍ଲକ ସଭାଗୃହରେ ଅନୁଷ୍ଠିତ ଜିଲାପାଳ ଓ ଏସ୍‌ପିଙ୍କ ଜନ ଅଭିଯୋଗ ଶୁଣାଣିରେ ଫେରାଦ ହୋଇଛନ୍ତି ନାବାଳିକାଙ୍କ ପରିବାର। ଅଭିଯୋଗ ଅନୁଯାୟୀ, ସମ୍ପୃକ୍ତ ନାବାଳିକାକୁ ଗ୍ରାମର ଜଣେ ଯୁବକ ଗତ ଅକ୍ଟୋବର ୨୮ ତାରିଖରେ ଅପହରଣ କରି ନେଇଥିବା ନେଇ ପୀଡିତାଙ୍କ ମା' ଲୋଇସିଂହା ଥାନାରେ ଅଭିଯୋଗ କରିଥିଲେ । ଏନେଇ ଥାନାରେ ଏକ ମାମଲା(୨୬୫/୨୩) ରୁଜୁ ହୋଇଥିଲା ଇତିମଧ୍ୟରେ ସୁବର୍ଣ୍ଣପୁର ଜିଲା ରାମପୁର ଥାନା ବଡକର୍ଲେ ଗ୍ରାମରେ ଅପହୃତା ନାବାଳିକାଙ୍କୁ ଛାଡି ଅପହରଣକାରୀ କୁଆଡେ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକେ ନାବାଳିକାଙ୍କୁ ଉଦ୍ଧାର କରି ରାମପୁର ଥାନା ଜିମା ଦେଇଥିଲେ। ନଭେମ୍ବର ୧୧ରେ ରାମପୁର ପୋଲିସ ଆପହୃତା ନାବାଳିକାଙ୍କୁ ଲୋଇସିଂହା ପୋଲିସକୁ ହସ୍ତାନ୍ତର କରିଥିଲା। ଲୋଇସିଂହା ପୋଲିସ ଅପହୃତାଙ୍କ ଡାକ୍ତରୀ ମାଇନା କରିଛି। ଅପରପକ୍ଷେ ଲୋଇସିଂହା ଜେଏମଏଫସି କୋର୍ଟରେ ପୀଡିତାଙ୍କର ୧୬୪ ବୟାନ ରେକର୍ଡ ପରେ ବଲାଙ୍ଗୀର ସ୍ୱଧାର ଗୃହରେ ରଖାଯାଇଛି। ଅପହରଣକାରୀ ପୋଲିସକୁ ଚକମା ଦେଖାଉଛନ୍ତି ନା ଜାଣିଶୁଣି ତାଙ୍କୁ ଧରୁନି ବୋଲି ପୀଡିତାଙ୍କ ମା' ଅଭିଯୋଗ ଶୁଣାଣିରେ ଉପସ୍ଥିତ ଅତିରିକ୍ତ ଏସ୍‌ପିଙ୍କ ନିକଟରେ ଫେରାଦ ହୋଇଛନ୍ତି।

# ରବି ଫସଲ ପାଇଁ ଚାଷୀଙ୍କୁ ବିହନ ଯୋଗାଅ


ଲୋକ ଉନ୍ନତି ସଂଗଠନ କର୍ମକର୍ତ୍ତା ବିଡିଓଙ୍କୁ ଫେରାଦ ହେଉଛନ୍ତି।

**ବିଡିଓଙ୍କୁ ଫେରାଦହେଲା ଲୋକଉନ୍ନତି ସଂଗଠନ**

ଦେଓଗାଁ,୨୯।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଖରିଫଧାନ ଚାଷପରେ ଦ୍ୱୀତିୟ ଚାଷ ପାଇଁ ତୈଳବୀଜ ଓ ଡାଲିଜାତୀୟ ବିହନ ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ମାଗଣାରେ ଦେବାପାଇଁ ଲୋକଉନ୍ନତୀ ସଂଗଠନ ଦାବି କରିଛି। ଏ ନେଇ ସଙ୍ଗଠନ ପକ୍ଷରୁ ବିଡିଓ କ୍ଷମାନିଧି ଭୋଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ବିଡିଓ ଭୋଇଙ୍କୁ ବ୍ଲକ କାର୍ଯ୍ୟାଳୟରେ ସାକ୍ଷାତ କରି ଚାଷୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅଣଧାନ ଚାଷ ଉପରେ ଚାଷୀମାନେ କିପରି ଆଗ୍ରହୀ ହେବେ ସେ ଉପରେ ଆଲୋଚନା କରିଥିଲେ। ଜୈବବୀଜ ଓ ଡାଲି ଜାତୀୟ ବିହନ ପ୍ରଦାନ କରାଗଲେ ଚାଷୀମାନେ ଉପକୃତ ହେବାସହ ଜୈବିକ ପଦ୍ଧତିରେ କୃଷିପ୍ରତି ଚାଷୀଙ୍କୁ ସଚେତନ କରାଇବା ପାଇଁ ଦାବି କରିଥିଲେ। ଏହି ଅବସରରେ ପୂର୍ବତନ ସମ୍ପାଦକ ମିଥୁନ ସୁନା, ସହସଂଯୋଜକ ଶୁଶିଲ ନନ୍ଦ, ଜନସାଥି ଶରତ ସୁନା, ବନମାଳୀ ଛତ୍ରିଆ, ବିଦ୍ୟାଧର ଜାଲ ତଥା ସଂଗଠନ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଲୁର୍କୀ ଧନୁଯାତ୍ରା ପାଇଁ ନୂତନ କମିଟି ଗଠିତ

ଗୁଡଭେଲା,୨୯।୧୧(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ସମରା ପଞ୍ଚାୟତ ଅଧିନ ଲୁର୍କୀ ଚୈତନ୍ୟ ମଣ୍ଡପରେ ୧୪୮ତମ ଧନୁଯାତ୍ରା ମହୋତ୍ସବ ପାଇଁ କମିଟି ପୂର୍ବତନ ସଭାପତି ସରୋଜ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୧୯ରୁ ୨୫ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହୋବାକୁ ଥିବା ବେଳେ ନୂତନ କମିଟି ଗଠିତ ହୋଇଯାଇଛି। ସର୍ବସମ୍ମତି କ୍ରମେ ସଭାପତିଭାବେ ପୁରନ୍ଦର ପ୍ରଧାନ, ଉପସଭାପତି ବିଶ୍ୱନାଥ ସାହୁ, ସମ୍ପାଦକ ରାଘବ ପ୍ରଧାନ, ସହସମ୍ପାଦକ ଅଜୁ ପ୍ରଧାନ ଓ କୋଷାଧକ୍ଷ ଶିବୁ ପ୍ରଧାନ, ଉପଦେଷ୍ଟା ପଞ୍ଚାନନ ନାଏକଙ୍କୁ ଚୟନ କରାଯାଇଥିଲା। କମିଟି ସଭ୍ୟଭାବେ କ୍ଷୀରୋଦ୍ର ପ୍ରଧାନ, ମେଘନାଦ ବଘାର, ଟାଙ୍ଗୁରୁ ପ୍ରଧାନ, ଶମ୍ଭୁ ପ୍ରଧାନ, ସନ୍ତୋଷ ସାହୁ, ବୀରେନ୍ଦ୍ର ପ୍ରଧାନ, ବିହାରୀ ପ୍ରଧାନ, ଶ୍ରୀକାନ୍ତ ଚନ୍ଦନ, ତରଣୀସେନ ପ୍ରଧାନ, ରମେଶ ମନହିରା, ଆକାଶ ପ୍ରଧାନ, ଦୀପକ କୁମାର ପ୍ରଧାନ, ଅଙ୍କିତ ପ୍ରଧାନ, ପଞ୍ଚାନନ ବିଶ୍ୱାଳ, ଆକାଶ ଭୋଇ, ସୁବ୍ରତ ପ୍ରଧାନ, ବିଘ୍ନ ପ୍ରଧାନ, ରଞ୍ଜନ ବିଶ୍ୱାଳ ବିଭୁ ଚନ୍ଦନଙ୍କୁ ରଖାଯାଇଛି।

# ଲାଠୋରରେ ଖୋଲିଲା ଧାନମଣ୍ଡି


ମଣ୍ଡି ଉଦ୍‌ଘାଟନ ଅବସରରେ ପୂଜାର୍ଚ୍ଚନା କରାଯାଉଛି।

ଲାଠୋର,୨୯।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ନୂତନ ଥାନା ସମ୍ମୁଖରେ ବୁଧବାର ସେବା ସମବାୟ ସମିତି ସଭାପତି ଈଶ୍ୱର ଖର୍ସେଲଙ୍କ ଅଧ୍ୟକ୍ଷତାରେ ସରକାରୀ ଧାନ ମଣ୍ଡି ଖୋଲିଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମଣ୍ଡିର ଶୁଭ ଉଦଘାଟନ କରିଥିଲେ। ପ୍ରଥମେ ଧାନ ଓଜନରେ ବ୍ୟବହୃତ ବିଭିନ୍ନ ପ୍ରକାର ମେଶିନ ପୂଜାର୍ଚ୍ଚନା କରାଯାଇଥିଲା। ହେଲେ ଧାନ କ୍ରୟ ଟାର୍ଗେଟ ଆସି ନ ଥିବାରୁ ମଣ୍ଡି ଉଦ୍‌ଘାଟନ ଦିନ ଚାଷୀମାନେ ଧାନ ବିକ୍ରି କରି ପାରି ନାହାନ୍ତି। ଚାଷୀ ପୀତାମ୍ବର ସାହୁ, ଭୋଲା ରଣା, ସଫେଦ ହଂସ, ବିମଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା ସମିତି ସମ୍ପାଦକ ଜଗଦୀଶ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଧନ୍ୟବାଦ ଦେଇଥିଲେ ଡ଼ିଇଓ ବୀରେନ୍ଦ୍ର ସିଂ ବୁଡ଼େକ।

## ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା

**ଦେଓଗାଁ,୨୯।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ):** ବଲାଙ୍ଗୀର ଜିଲା ଦେଓଗାଁ ନେହେରୁ ଖେଳପଡିଆରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଛି। ବୁଧବାର ପ୍ରଥମ ପର୍ଯ୍ୟାୟରେ ଶିଶୁ ବାଟିକା, ପ୍ରଥମ ଓ ଦ୍ୱୀତିୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଶାରିରିକ ପ୍ରମୁଖ କୁନୁ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାକୁ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରଶାନ୍ତ ଗଡତ୍ୟା ଶୁଭାରମ୍ଭ କରିଥିଲେ। ପ୍ରଧାନାଚାର୍ଯ୍ୟ ସନ୍ତୋଷ କୁମାର ସା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଶିଶୁ ବାଟିକାର ବେଙ୍ଗ ଦୌଡ, ଚଷମାପିନ୍ଧା ଦୌଡ, ସଙ୍ଗତ ଚୌକିଖେଳ, ପ୍ରଥମ ଓ ଦ୍ୱୀତିୟ ଶ୍ରେଣୀର ୫୦ମିଟର ଦୌଡ, ବଲ ଫିଙ୍ଗା, ବ୍ରୋଡଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୮୦ଜଣ ଶିଶୁ ଭାଇଭଉଣୀ ଭାଗ ନେଇଥିଲେ । ଖେଳକୁ ଶାନ୍ତନୁ ଭୋଇ, ନନ୍ଦିନୀ ଠାକୁର, ସଞ୍ଜୁ ପାଣ୍ଡେ ପ୍ରମୁଖ ପରିଚାଳନା କରିଥିଲେ।

# ସାହିତ୍ୟ, ସଂସ୍କୃତିର ସେତୁ ଥିଲେ ସତ୍ୟନାରାୟଣ



ସତ୍ୟନାରାୟଣ ବେହେରା ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସମାରୋହରେ ମଞ୍ଚାସୀନ ଅତିଥି।

**ସତ୍ୟନାରାୟଣ ବେହେରା ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସମାରୋହରେ ବକ୍ତାଙ୍କ ମତ**

ବଲାଙ୍ଗୀର,୨୯।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବରିଷ୍ଠ ସାମ୍ବାଦିକ, ମଞ୍ଚ ଓ ଚଳଚିତ୍ର ଅଭିନେତା, ସାରସ୍ୱତ ପୁରୁଷ ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ସ୍ମୃତି ସମାରୋହ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଛି। ସତ୍ୟନାରାୟଣ ବେହେରା ସ୍ମୃତି ଦାତବ୍ୟ ନ୍ୟାସ ପକ୍ଷରୁ ଆୟୋଜିତ ସମାରୋହରେ ଅଧାପକ ସନ୍ଦୀପ କୁମାର କୁଅଁର ସଭାପତିତ୍ୱ କରିଥିଲେ। ବରେଣ୍ୟଅତିଥି ଭାବେ ଓଡିଶା ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ ତଥା ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦ୍‌ଗାତା, ଜିଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗୀର ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଯୋଗ ଦେଇଥିଲେ। ଅତିଥିମାନେ ସ୍ୱର୍ଗତ ସତ୍ୟନାରାୟଣଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ସରଳ, ନିରାଡ଼ମ୍ବର ଜୀବନ, ଉଚ୍ଚ ବିଚାର, ସାହିତ୍ୟ ସାଧନା ଏବଂ ଦୀର୍ଘ ସାମ୍ବାଦିକତା ଜୀବନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥଲେ। ସମାଜ-ସାହିତ୍ୟ-ସଂସ୍କୃତିର ସମନ୍ୱୟ ଦିଗରେ ସେ ସେତୁ ଭଳି କାର୍ଯ୍ୟ କରୁଥିଲେ। ତାଙ୍କର ସାମାଜିକ ସମର୍ପଣ ଭାବ ଆଜିର ସମୟ ଏବଂ ଆଗାମୀ ବଂଶଧରଙ୍କ ପାଇଁ ମାର୍ଗଦର୍ଶନ ହୋଇରହିବ ବୋଲି କହିଥିଲେ।

ନାଟ୍ୟଭୂଷଣ ଛୁରିଆ ସ୍ୱର୍ଗତ ବେହେରାଙ୍କ ଜୀବନ ଦର୍ଶନ ଉପରେ ବକ୍ତବ୍ୟ ରଖି ଛାତ୍ରାବସ୍ଥାରୁ ତାଙ୍କ ଉତ୍ସର୍ଗୀକୃତ ଭାବ, ସାଙ୍ଗଠନିକ ଦକ୍ଷତା ଏବଂ ଗଭୀର ଭଲ ପାଇବା ପ୍ରେରଣା ବୋଲି କହିଥିଲେ। ପଦ୍ମଶ୍ରୀ ଉଦ୍‌ଗାତା ସ୍ୱର୍ଗତ ବେହେରା ପିଲାଦିନରୁ କିଭଳି ସାହିତ୍ୟ ଓ ସାମ୍ବାଦିକତା ଦିଗରେ ଆଗ୍ରହୀ ଥିଲେ କହିଥିଲେ। ବରଣ୍ୟେ ଅତିଥି ହାଉସିଂ ବୋର୍ଡ ଅଧ୍ୟକ୍ଷ ସିଂଦେଓ ସ୍ୱର୍ଗତ ବେହେରାଙ୍କ ସ୍ମୃତିରକ୍ଷା ପାଇଁ ଏକ ଲାଇବ୍ରେରୀ ଏବଂ ଏକ ସ୍ମୃତି ପୁରସ୍କାର ପ୍ରସ୍ତାବ ଦେଇ ଏଦିଗରେ ସେ ସହଯୋଗ କରିବେ ବୋଲି କହିଥିଲେ। ସଭାପତି କୁଅଁର ସ୍ୱର୍ଗତ ବେହେରାଙ୍କ ଅନେକ ଅପ୍ରକାଶିତ ଲେଖା ଆଗାମୀ ଦିନରେ ନ୍ୟାସ ପକ୍ଷରୁ ପ୍ରକାଶ କରାଯିବ ବୋଲି ସୂଚନା ଦେଇଥିଲେ। ସ୍ମୃତି ସଭାକୁ ନ୍ୟାସ ସଦସ୍ୟ ସାମ୍ବାଦିକ ବୀରେନ୍ଦ୍ର କୁମାର ଝାଙ୍କର ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ସତ୍ୟନାରାୟଣ ବେହେରା ସ୍ମୃତି ଦାତବ୍ୟ ନ୍ୟାସର ନ୍ୟାସୀ ସୁଧାକର ବେହେରା ଓ ସଭାପତି କୁଅଁର ଅତିଥିମାନଙ୍କୁ ଅଙ୍ଗବସ୍ତ୍ର ଓ ଫୁଲଗଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କବୟିତ୍ରୀ କସ୍ତୁରୀ ରଥ ମନ୍ତ୍ରପାଠ କରିଥିଲେ। ଶେଷରେ ନ୍ୟାସ ସଦସ୍ୟ ଶରତ ଚନ୍ଦ୍ର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ବୁଦ୍ଧିଜୀବୀ, ମହିଳା, ସ୍ୱର୍ଗତ ବେହେରାଙ୍କ ପରିବାର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ


ନଗରପାଳ ବରିୟାମ ସିଂ ସାଲୁଜା ଡିସ୍‌କସ ଥ୍ରୋ ଫିଙ୍ଗ ପ୍ରତିଯୋଗିତାର ଉଦ୍‌ଘାଟନ କରୁଛନ୍ତି।

କଣ୍ଟାବାଞ୍ଜି,୨୯।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ସ୍ଥାନୀୟ ଏନଏସି ନଗରପାଳ ବରିୟାମ ସିଂ ସାଲୁଜା ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପିଇଟି ଜ୍ୟୋତିରାଣି ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ତୁରେକେଲା ରାଜୀବ ଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଧ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମୁଖ୍ୟ ଅତିଥି, ତୁରେକେଲା ବ୍ଲକ ସରପଞ୍ଚ ସଂଘ ସଭାପତି ଜଳନ୍ଧର ମହାକୁଡ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ।

## ସଂକ୍ଷେପରେ

### ବୌଦ୍ଧରେ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ



ବୌଦ୍ଧ,୨୯।୧୧(ଅଜିତ କୁମାର ବାରିକ) ବୌଦ୍ଧ ଗାୟତ୍ରୀ ଶକ୍ତିପୀଠ ନିକଟରେ ଥିବା ଭୈରବୀ ମନ୍ଦିର ପଡିଆରେ ୨୪ କୁଣ୍ଡିୟ ବିଶ୍ୱଶାନ୍ତି ଗାୟତ୍ରୀ ମହାଯଜ୍ଞ ବୁଧବାର ଦିନ ଶୁଭାରମ୍ଭ ହୋଇଛି । ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲା ଶାଖା ତରଫରୁ ଆୟୋଜିତ ଏହି ମହାଯଜ୍ଞକୁ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ଋଷିପୁତ୍ରମାନଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ମହିଳାଙ୍କ ଦ୍ୱାରା ମହାନଦୀ ଆଳତି ଘାଟରୁ କଳସରେ ପାଣି ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଅଣାଯାଇଥିଲା । ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଜଙ୍ଗଲ, ପରିବେଶ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରି ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଧ୍ୟାତ୍ମିକ ଚେତନା ରହିବା ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗ ଦେଇଥିଲେ। ଏହି ଯଜ୍ଞ କାର୍ଯ୍ୟକ୍ରମକୁ ବ୍ରହ୍ମକୁମାର ଦିବ୍ୟଶ୍ରୀ, ସୀତାରାମ ସ୍ୱାଇଁ, ଶିବଚନ୍ଦ୍ର ସାହୁ, ସରୋଜ ପ୍ରଧାନ ସୁବାସ ଚୌହାନ, ହୃଦାନନ୍ଦ ମେହେର, ପ୍ୟାରୀମୋହନ ଶତପଥୀ, ପ୍ରଫୁଲ୍ଲ କୁମାର ଚାନ୍ଦ, ଅଧ୍ୟାପକ ପ୍ରବୀର ଦାସ ପରିଚାଳନା କରିଥିଲେ । ଏହି ଯଜ୍ଞାନୁଷ୍ଠାନ ୪ ଦିନ ଧରି ଅନୁଷ୍ଠିତ ହେବ। ପ୍ରତିଦିନ ସନ୍ଧ୍ୟାରେ ପ୍ରବଚନ କାର୍ଯ୍ୟକ୍ରମ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି।

### ମଣ୍ଡି ଖୋଲିନି: ଚାଷୀ ମହଲରେ ଅସନ୍ତୋଷ

ବିନିକା,୨୯।୧୧ (ରାମ ଗୋପାଳ ବାଘ ) ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଚାଷୀଙ୍କ ଧାନ ଅମଳ ସରି ଆସିଲାଣି । କିନ୍ତୁ ମଣ୍ଡି ଖୋଲି ନ ଥିବାରୁ ଚାଷୀ ଉଚିତ୍ ମୂଲ୍ୟରେ ଧାନ ବିକ୍ରି କରି ପାରୁନାହିଁ । ଅଧିକାଂଶ ଚାଷୀ କମ ଦାମରେ ଦଲାଲ ହାତରେ ଧାନ ଟେକି ଦେବାକୁ ବାଧ ହେଉଛି । ବର୍ଷ ସାରା ପରିଶ୍ରମ କରି ଅମଳ କରିଥିବା ଧାନକୁ ବେପାରୀକୁ ବିକ୍ରି କରିବାକୁ ପଡୁଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।

### ଗୋକୁଳାଷ୍ଟମୀ ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବିନିକା,୨୯।୧୧(ରାମ ଗୋପାଳ ବାଘ) ସୁବର୍ଣ୍ଣପୁର ଜିଲା ବିନିକା ବ୍ରଜ ବିହାରୀ ନୃତ୍ୟ କଳା ପରିଷଦ ତରଫରୁ ଆସନ୍ତା ୨ତାରିଖରୁ ୧୦ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଗୋକୁଳାଷ୍ଟମୀ ଯାତ୍ରା ପାଇଁ କଂସାରିପଡାସ୍ଥିତ ଦଧିବାମନ ମନ୍ଦିର ସମ୍ମୁଖରେ ଯାତ୍ରା କମିଟି ପକ୍ଷରୁ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ଏଥିରେ ପୂଜକ ଭାବେ ମାନଭଞ୍ଜନ ପୂଝାରୀ ଯୋଗ ଦେଇଥିଲେ । କର୍ତ୍ତା ଓ ଯାତ୍ରା କମିଟି ସଭାପତି ସୀତାରାମ ଦାସ, ଯାତ୍ରା କମିଟି ଉପ ସଭାପତି ଈଶ୍ୱର ମାହାନା, ସମ୍ପାଦକ ସଞ୍ଜୟ ଦାସ, ଗୁରୁ ମନୋଜ ଦାସ, ରଘୁନାଥ ସାହୁ, ନିତ୍ୟ ଗୋବିନ୍ଦ ସାହୁ, ରାଜ କିଶୋର ଦାସ, ନରେନ୍ଦ୍ର ଦାସ,ସୂର୍ଯ୍ୟ ନାରାୟଣ ଦାସ,ରଞ୍ଜନ ସାହୁ, ବୃନ୍ଦାବନ ସାହୁ, କୈଳାସ ଦାସ, ରାଜା ଦାସ, ପ୍ରଫୁଲ୍ଲ ଦାସ, ଗୌରୀ ସୁବୁଦ୍ଧି, ପୁଷ୍ପା ସାହୁଙ୍କ ସମେତ ପଡ଼ାବାସୀ ଉପସ୍ଥିତ ଥିଲେ ।

## ବୌଦ୍ଧରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦ୍‌ଘାଟିତ

# ଦୁଗ୍ଧର ବିକଳ୍ପ ନାହିଁ



ମେଳା ଉଦ୍‌ଘାଟନ ଅବସରରେ ଅତିଥିବୃନ୍ଦ ।

ବୌଦ୍ଧ,୨୯।୧୧( ଅଜିତ କୁମାର ବାରିକ)

ବୌଦ୍ଧରେ ଦୁଇଦିନିଆ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମେଳା ବୁଧବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଜଙ୍ଗଲ ପରିବେଶ,ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ବୌଦ୍ଧ କଚେରୀ ଖେଳପଡିଆଠାରେ ଆୟୋଜିତ ଏହି ମେଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଅମାତ କହିଥିଲେ, ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ କରିବା ପାଇଁ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ଅଧୀନରେ ବିଭିନ୍ନ ଯୋଜନାରେ ରାଜ୍ୟ ସରକାର ସହାୟତା ଯୋଗାଇ ଦେଉଛନ୍ତି ଏବଂ ଏହାର ଉପଯୋଗ କରି ଚାଷୀର ଆର୍ଥିକ ଅବସ୍ଥାରେ ସୁଧାର ଆସିପାରିଛି। ସମ୍ମାନିତ ଅତିଥି ଭାବେ କଣ୍ଟାମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ଯୋଗଦେଇ ଜିଲାରେ ଗୋ ସଂପଦର ବିକାଶ ହେଲେ ଚାଷୀର ଉନ୍ନତି ହୋଇପାରିବ ଏବଂ ମତ୍ସ୍ୟଚାଷ ପାଇଁ ଜିଲାରେ ସୁଦୃଢ ଭିତ୍ତିଭୂମି ରହିଥିବା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଆରକ୍ଷୀ ଅଧୀକ୍ଷକ ସଂଯୁକ୍ତା ବାର୍ଲା, କୃଷି ବିଜ୍ଞାନ କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ଅମ୍ବିକା ନାୟକ, ଅବସରପ୍ରାପ୍ତ ପ୍ରାଣୀ ଚିକିତ୍ସକ ଡ. ପ୍ରଫୁଲ୍ଲ କୁମାର ନାଏକ ଯୋଗଦେଇ ଚାଷୀମାନଙ୍କୁ ଗୋପାଳନ ଓ ମତ୍ସ୍ୟ ଚାଷରେ ସଫଳ ହେବା ପାଇଁ ବିଭିନ୍ନ ପରାମର୍ଶ ଦେଇଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ପ୍ରାଣୀ ସଂପଦ ବିକାଶ ବିଭାଗର ଡ. ଅଶେଷ କର ଯୋଗଦେଇ ମେଳାର ଉଦ୍ଦେଶ୍ୟ ଏବଂ ଚାଷୀମାନେ କିପରି ଗୋପାଳନ ଓ ମତ୍ସ୍ୟ ଚାଷ କରି ସ୍ୱାବଲମ୍ବୀ ହୋଇପାରିବେ ସେନେଇ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଅଧ୍ୟକ୍ଷତା କରି ଜିଲାରେ ଦୁଗ୍ଧଚାଷୀମାନଙ୍କ ପାଇଁ ଦୃଢ ଭିତ୍ତିଭୂମି ସୃଷ୍ଟି ହୋଇ ପାରିଥିବା ପ୍ରକାଶ କରିବା ସହ ଦୁଗ୍ଧର ବିକଳ୍ପ ନାହିଁ ବୋଲି କହିଥିଲେ। ଉତ୍ସବରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ରାମାରାଓ ପାଲୋ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ । ପ୍ରାଣୀ ଚିକିତ୍ସକ ଡ. ସଂଘମିତ୍ରା ପରମାଣିକ ମଞ୍ଚ ପରିଚାଳନା କରିଥିଲେ। ଏହି ମେଳା ଅବସରରେ ମାଛଚାଷ ପାଇଁ ମା’ ସନ୍ତୋଷୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଅଇଁଳାପାଲି, ଶ୍ରେଷ୍ଠ ମାଛ ଯାଆଁଳା ଉତ୍ପାଦନକାରୀ ଭାବରେ ବାଉଁଶୁଣୀର ଉପେନ୍ଦ୍ର ମିଶ୍ର, ଶ୍ରେଷ୍ଠ ଗୋ ଉଦ୍ୟୋଗୀ ଭାବରେ କୃଷ୍ଣପାଲିର ତନୁଜ ମହାନ୍ତି ଓ ଶ୍ରେଷ୍ଠ ଦଳଗତ ବ୍ରଏଲର ଚାଷୀ ଭାବେ ବାମଣ୍ଡାର ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ କଳାସୀ ଓ ବାଲିଯାତ୍ରା



କଳାସୀ ଯାତ୍ରାରେ ବରୁଆଙ୍କ ଶୋଭାଯାତ୍ରା ।

ଡୁଙ୍ଗୁରିପାଲି,୨୯।୧୧(ଦୀନବନ୍ଧୁ ସୁନା): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ସ୍ଥାନରେ କଳାସୀ ଓ ବାଲିଯାତ୍ରା ସମ୍ପନ୍ନ ହୋଇଯାଇଛି। ଗତ ୨୩ ତାରିଖ ଏକାଦଶୀ ଦିନ ଦିଗଶିରା ଅଙ୍ଗନଦୀ ଯାତ୍ରା ପଡିଆରେ କଳାସୀ ଯାତ୍ରା ଅନୁଷ୍ଠିତ ହୋଇଥିଲା । ବଡ଼ଫଟାମୁଣ୍ଡା, ନରିଆବାହାଲ ଗାଁରେ ମଧ୍ୟ ଏହି ଯାତ୍ରା ହୋଇଥିଲା । ପରେ ଚେରୁପାଲି, ଭାଟବାହାଲି, କେନ୍‌ଟିକିରା, ସହଲାରେ କଳାସୀ ଯାତ୍ରା ହୋଇଥିଲା । ଏହି ଯାତ୍ରାରେ ବରୁଆମାନେ ପ୍ରଥମେ ଗାଁ ମନ୍ଦିରରୁ ବାହାରି ଏକ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ଯାତ୍ରା ପୂଜାସ୍ଥଳୀରେ ପହଞ୍ଚି ଥିଲେ । ସେଠାରେ ଗାଁର ମଙ୍ଗଳ କାମନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ନିଜର ମାନସିକ ପୂରଣ ପାଇଁ ଭକ୍ତମାନେ ଅଧିଆ (ପାଲ) ପଡିଥିଲେ। ଏହି ଅବସରରେ କଳାସୀ ଦେବୀଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ଦିନ ସମଲେଇଚୁଆଁ ଓ ସାରସମାଲ ଗାଁ ଯାତ୍ରା ପରେ ବାଲିଯାତ୍ରା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପରରାପାଲି ଓ ସୁଲେଇ ଗାଁରେ ମହାଆଡମ୍ବରରେ ବାଲିଯାତ୍ରା ହୋଇଥିଲା।

## ଧର୍ମଶାଳା କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ର ।

ସୋନପୁର,୨୯।୧୧(ମୃତ୍ୟୁଞ୍ଜୟ ଶତପଥୀ) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଧର୍ମଶାଳା ଯୁକ୍ତ ଦୁଇ ମହାବିଦ୍ୟାଳୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ତୃତୀୟ ଓ ଚତୁର୍ଥ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ପ୍ରଯୋଜନାରେ କ୍ରୀଡ଼ା, ସାମାଜିକ କାର୍ଯ୍ୟକଳାପ ଓ ସଂସ୍କୃତିର ଏକ ସମନ୍ୱିତ ସମାରୋହ ଅୟୋଜିତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଂସ୍କୃତିକ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ନମିତା ରଥ ଓ ସାମାଜିକ କାର୍ଯ୍ୟକଳାପ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସୌମିତ୍ରୀ ପଧାନ, କ୍ରୀଡା ବିଭାଗ ମୁଖ୍ୟ ପ୍ରଫୁଲ୍ଲ ପାତ୍ର ଓ ପ୍ରାଧ୍ୟାପକ ପ୍ରତୁଳ ଚନ୍ଦ୍ର ତ୍ରିପାଠୀ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ନୋଡ଼ାଲ ଅଫିସର ପ୍ରାଧ୍ୟାପକ ଡ. ପୁରୁଷୋତ୍ତମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଅଧ୍ୟାପକମାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନରେ ଗଠିତ ହୋଇଥିବା ବିଭିନ୍ନ କମିଟିର ଛାତ୍ରୀଛାତ୍ରଙ୍କ ସହଯୋଗରେ ତୃତୀୟ ଦିବସରେ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତା, କବିତା ଆବୃତ୍ତି, ମୁକ୍ତ ହସ, ନୃତ୍ୟ, ଇଂରାଜୀ ବକ୍ତୃତା ଓ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ଏଇଏସ୍ କଲେଜ ଇତିହାସ ବିଭାଗ ସ୍ୱାଗତ ଉତ୍ସବ

ତରଭା,୨୯।୧୧(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭାସ୍ଥିତ ଏଇଏସ କଲେଜରେ ବୁଧବାର ଅଧ୍ୟକ୍ଷା ମିନତୀ ମିଶ୍ରଙ୍କ ସଭାପତିତ୍ୱରେ ଯୁକ୍ତ ଦୁଇ ପ୍ରଥମ ବର୍ଷ ଇତିହାସ ବିଭାଗ ଛାତ୍ରୀଛାତ୍ରମାନଙ୍କୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱାରା ଫୁଲ ଚନ୍ଦନ ଦିଆଯାଇ ସ୍ୱାଗତ କରାଯିବା ସହ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ତରଭା ଜେଏନଭି ଅଧ୍ୟକ୍ଷ ଜୟରାମ ନାଏକ ଯୋଗଦେଇ ଭଲ କାମ କରି ଭବିଷ୍ୟତରେ ଇତିହାସ ପୃଷ୍ଠାରେ ନିଜ ନାମ ଲିପିବଦ୍ଧ କରିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ବିଭୀଷଣ ପଧାନ ଓ ପ୍ରଭାକର ଦାଶ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ ଏବଂ କଲ୍ୟାଣ ନାଏକଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଉପଦେଶ ଦେଇଥିଲେ। ଏହି ଅବସରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ ଅଞ୍ଜଳି ଭୋଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହାଛଡା ଛାତ୍ର କାହ୍ନୁ ପାତ୍ର, ବର୍ଷାରାଣୀ ମେହେର ଓ ସନ୍ଧ୍ୟାରାଣୀ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଅଧ୍ୟକ୍ଷା ସୁଶ୍ରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ୨୩ରୁ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ



ଖବରଦାତା ସମ୍ମିଳନୀରେ ଧନୁଯାତ୍ରା ନେଇ ସୂଚନା ପ୍ରଦାନ କରା

ଅମରପାଲି,୨୯।୧୧(ପୀତାମ୍ବର ସାହୁ)

- ଖବରଦାତା ସମ୍ମିଳନୀରେ ସୂଚନା
- ୭ ଦିନ ଧରି ହେବ ମୁକ୍ତାକାଶ ରଙ୍ଗମଞ୍ଚରେ ଲୀଳା ନାଟକ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମଠାରେ ଜାନୁୟାରୀ ୨୩ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ବୀରମହାରାଜପୁରସ୍ଥ ଜଳସେଚନ ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ବୀରମହାରାଜପୁର ଧନୁଯାତ୍ରା ମହୋତ୍ସବ କମିଟିର ସଭାପତି କିଶୋର ହୋତାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି। ଉକ୍ତ ବୈଠକରେ ଧନୁଯାତ୍ରା କମିଟି ସଂଯୋଜକ ଅକ୍ଷୟ ସରାଫ, ସହ ସଂଯୋଜକ ଚିନ୍ମୟ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ସ୍ୱୟମ୍ଭୁନାଥ ଖଣ୍ଡଗିରି, ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ମିଶ୍ର, ଆଲୋକ କୁମାର ଦେହୁରୀ, ଆଶ୍ରୟ ମହାନନ୍ଦ,ସିଡୁ ଥାନାପତି, ପ୍ରକାଶ କୁମାର ପଧାନ, ରାମ ଭୁକ୍ତା, ଟିଟୁ ପଣ୍ଡାଙ୍କ ସମେତ ଶତାଧିକ କମିଟି ସଦସ୍ୟ ଯୋଗଦାନ କରିଥିଲେ । ଧନୁଯାତ୍ରା ସାଙ୍ଗକୁ ମୀନାବଜାର ଓ ଅନ୍ୟାନ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଉକ୍ତ କାର୍ଯ୍ୟକ୍ରମରେ ଗୋପ ଲୀଳା, ସାହିତ୍ୟ ସଭା, କବି ସମ୍ମିଳନୀ, ଖାଦ୍ୟ ପ୍ରତିଯୋଗିତା, ପାଲା, ଦାସକାଠିଆ, ଢୋଲ, ମୃଦଙ୍ଗ, ଝୋଟି ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯିବ। ଏହାସହିତ ପୁସ୍ତକ ଓ ସ୍ମରଣିକା ପ୍ରକାଶ ପାଇବାକୁ ନିଷ୍ପତ୍ତି ନିଆଯାଇଛି । ଧନୁଯାତ୍ରାରେ ଚିଚିଣ୍ଡାର ଝସକେତନ ପଧାନ କଂସ ଭୂମିକାରେ ଅଭିନୟ କରିବାର ଆୟୋଜନ କମିଟି ସଭାପତି ହୋତା ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଧନୁଯାତ୍ରା କମିଟିର ସଂଯୋଜକ ଅକ୍ଷୟ ସରାଫ ଓ ସହ ସଂଯୋଜକ ଚିନ୍ମୟ କୁମାର ସାହୁ ଉପସ୍ଥିତ ଥିଲେ।

## ଆଜିଠୁ ୧୦ମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

### ଅଂଶଗ୍ରହଣ କରୁଛନ୍ତି ରାଜ୍ୟର ଶ୍ରେଷ୍ଠ ୯ ଦଳ

ଅମରପାଲି,୨୯।୧୧(ପୀତାମ୍ବର ସାହୁ) ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ପଞ୍ଚଖଣ୍ଡା ଖେଳପଡିଆ ଠାରେ ଗୁରୁବାର ଠାରୁ ଆରମ୍ଭ ହେବ ୧୦ମ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନୀୟ କମିରା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ଉକ୍ତ କ୍ରିକେଟ ଟୁର୍ନାମେଣ୍ଟରେ ରାଜ୍ୟର ଶ୍ରେଷ୍ଠ ୯ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଉଦ୍‌ଘାଟନୀ ମ୍ୟାଚ ଏମଏମସିସି ସମ୍ବଲପୁର ଓ କମିରା କ୍ରିକେଟ ଆସୋସିଏଶନ ମଧ୍ୟରେ ହେବ। ୧ ତାରିଖ ଶୁକ୍ରବାର ଦିନ ପ୍ରଥମ ମ୍ୟାଚ ପ୍ରଥମ ଦିନର ବିଜେତା ଓ ଷ୍ଟାର ଇଲେଭେନ,କଟକ ମଧ୍ୟରେ ହେବ। ଏହି ଦିନ ଦ୍ୱିତୀୟ ମ୍ୟାଚ ଷ୍ଟାର-୧୧ ୟୁନିଟ -୯( ଭୁବନେଶ୍ୱର) ଓ ଇମେଜ -୧୧(ଭଦ୍ରକ) ମଧ୍ୟରେ ହେବ। ଏହି ମ୍ୟାଚର ବିଜେତା ଦ୍ୱିତୀୟ ଦିବସର ପ୍ରଥମ ମ୍ୟାଚର ବିଜେତା ସହିତ ପ୍ରଥମ ସେମି ଫାଇନାଲ ଖେଳିବ। ୨ ତାରିଖ ଶନିବାର ପ୍ରଥମ ମ୍ୟାଚ କମଣ୍ଡୋ -୧୧, ଭୁବନେଶ୍ୱର ଓ ଏସ ଏସ ଲୁଟୁ ୱାରିଅର, ଅନୁଗୁଳ ମଧ୍ୟରେ ହେବ। ଶନିବାର ଦିନ ଦ୍ୱିତୀୟ ମ୍ୟାଚ ବ୍ରହ୍ମଗିରି -୧୧(ପୁରୀ) ଓ ଜାହାଁ -୧୧ ହିଟମାଇଣ୍ଡ (ଭଦ୍ରକ) ମଧ୍ୟରେ ହେବ। ଶନିବାରର ପ୍ରଥମ ମ୍ୟାଚର ବିଜେତା ଓ ଦ୍ୱିତୀୟ ମ୍ୟାଚର ବିଜେତା ମଧ୍ୟରେ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ହେବ। ୩ ତାରିଖ ଦିନ ଏହାର ଫାଇନାଲ ମ୍ୟାଚ ହେବାର ସ୍ଥିରୀକୃତ ହୋଇଛି। ଟୁର୍ନାମେଣ୍ଟର ଚାମ୍ପିୟନ ଦଳକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ନଗଦ ୩୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏହାସହିତ ପ୍ରତ୍ୟହ ମ୍ୟାନ ଅଫ ଦି ମ୍ୟାଚ, ମ୍ୟାନ ଅଫ ଦି ସିରିଜ,ଶ୍ରେଷ୍ଠ ବୋଲର,ଶ୍ରେଷ୍ଠ ବ୍ୟାଟସ ମ୍ୟାନ,ଶ୍ରେଷ୍ଠ ସିକ୍ସର, ଶ୍ରେଷ୍ଠ ଉଇକେଟ କିପର ଆଦି ପୁରସ୍କାର ପ୍ରଦାନ କରାଯିବ ବୋଲି ଟୁର୍ନାମେଣ୍ଟ ପରିଚାଳନା କମିଟିର ସଭାପତି ନିର୍ମଳ ମୁଦୁଲି ପ୍ରକାଶ କରିଛନ୍ତି।

## ଦେଣ୍ଡୁପଦରରେ ସମ୍ବିଧାନ ଦିବସ ପାଳିତ

### ସମ୍ବିଧାନ ନାରୀ ସମାଜର ରକ୍ଷା କବଚ

ବିନିକା,୨୯।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ଦେଣ୍ଡୁପଦର ଗ୍ରାମର ଠିକାଦାରପଡାଠାରେ ମଙ୍ଗଳବାର ସମ୍ବିଧାନ ଦିବସ ଭୀମ ସେର୍ଣ୍ଣ ନାରୀ ଏକତା ମିଶନ ସଭାନେତ୍ରୀ ଧୀମତି ମଞ୍ଜୁ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଶାଗ୍ୟ କୁମ୍ଭାର, ମୁଖ୍ୟବକ୍ତା ଜୟନ୍ତୀ ବାଗ, ସମ୍ମାନିତ ଅତିଥି ଭାବେ ବାସନ୍ତୀ ବାଗ ଯୋଗଦେଇ ସମ୍ବିଧାନ ନାରୀ ସମାଜର ରକ୍ଷା କବଚ ବୋଲି କହିବା ସହିତ ସମ୍ବିଧାନ ବିଷୟରେ ଆଲୋକପାତ କରିଥିଲେ । ପ୍ରିୟା ନାଗ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରୀତି ଦୀପ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ଶତାଧିକ ଏସଏଚଜି ମହିଳା ଯୋଗ ଦେଇଥିଲେ ।

## ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ ଆଥ୍‌ଲେଟିକ୍ ମିଟ୍

ସୋନପୁର,୨୯।୧୧(ମୃତ୍ୟୁଞ୍ଜୟ ଶତପଥୀ)



ଅତିଥିଙ୍କ ଗହଣରେ ପୁରସ୍କୃତ ହୋଇଥିବା କୃତି ଛାତ୍ରୀମାନେ ।

ସୋନପୁର କଲେଜରେ ବୁଧବାର ଯୁବ ଓଡିଶା ନବୀନ ଓଡିଶା ପକ୍ଷରୁ ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ପାଇଁ ଦିନିକିଆ ଆଟଲେଟିକ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ୧୦୦, ୨୦୦, ୪୦୦ମିଟର ଦୌଡ, ଡିସକସ୍ ଥ୍ରୋ, ଫୁଟବଲ, ବ୍ୟାଡମିଣ୍ଟନ, ମ୍ୟୁଜିକ୍ ଚେୟାର, ଲମ୍ଫ ଡିଆଁ ଓ ଉଚ୍ଚ ଡିଆଁ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୌର ପରିଷଦ ଉପାଧ୍ୟକ୍ଷା ମଲ୍ଲିକା ଦାନୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କଲେଜ ଅଧ୍ୟକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ, ଚିଫ ନୋଡାଲ ଅଫିସର ଡ. ମହେନ୍ଦ୍ର କୁମାର ଦାଶ, କ୍ରୀଡା ନୋଡାଲ ଅଫିସର ଗିରିଶ ବେହେରା, ଅଧ୍ୟାପକ ଅଶ୍ୱିନୀ ହୋତା ଓ ଦେବେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରୀଙ୍କ ମଧ୍ୟରେ ଚାମ୍ପିୟନ ରେଣୁକା ବାରିକ ଓ ଛାତ୍ରଙ୍କ ମଧ୍ୟରେ ରୋହନ ଥାପ୍ପାଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। ଚନ୍ଦନ ବେହେରା, ଅଭିଷେକ ଶର୍ମା, ରୋହନ ସୁନା, ସ୍ୱାଗତ ମିଶ୍ର ଓ ସୁନିଲ ଭୋଇ ସହଯୋଗ କରିଥିଲେ ।

## ଧାନମଣ୍ଡି ଖୋଲିବାରେ ବିଳମ୍ବ, ଭାଜପାର ବିକ୍ଷୋଭ

ସୋନପୁର,୨୯।୧୧(ମୃତ୍ୟୁଞ୍ଜୟ ଶତପଥୀ)



ଭାଜପା ନେତୃବୃନ୍ଦ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ସୁବର୍ଣ୍ଣପୁର ଜିଲାରେ ଧାନ ଅମଳ ଆରମ୍ଭ ହୋଇଗଲାଣି । କିନ୍ତୁ ଏପର୍ଯ୍ୟନ୍ତ ମଣ୍ଡି ଖୋଲିନି । ଡିସେମ୍ବର ୬ ତାରିଖରେ ଜିଲାର ବିନିକା ଓ ଡୁଙ୍ଗୁରିପାଲି ବ୍ଲକରୁ ଧାନ କିଣା ଆରମ୍ଭ ହେବ ବୋଲି ଜିଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି । ପଡୋଶୀ ବରଗଡ ଓ ବଲାଙ୍ଗୀର ଜିଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ସୁବର୍ଣ୍ଣପୁର ଜିଲାରେ ଚାଷୀ ସରକାରୀ ଦରରେ ଧାନ ବିକ୍ରି କରି ପାରୁନାହାନ୍ତି । ଚାଷୀ ଅଣ୍ଡର ରେଟ୍‌ରେ ଧାନ ବିକ୍ରି କରିବାକୁ ବାଧ ହେଉଥିବା ଭାଜପା ଅଭିଯୋଗ କରିଛି । ଏ ନେଇ ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଶିବରାଜ ବେହେରାଙ୍କ ନେତୃତ୍ୱରେ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଅତିଶୀଘ୍ର ଜିଲାର ସମସ୍ତ ଧାନ ମଣ୍ଡି ଖୋଲିବା, ଧାନ କିଣା ସମୟରେ କଟ୍‌ନି ଛଟ୍‌ନି ବନ୍ଦ କରିବା, ମଣ୍ଡି ଭିତ୍ତିଭୂମିକୁ ସୁଦୃଢ କରିବା ଓ ଟୋକନ୍ ବ୍ୟବସ୍ଥା ଉଚ୍ଛେଦ ପାଇଁ ଭାଜପା ପକ୍ଷରୁ ଦାବି ହୋଇଛି। ଏହି ଅବସରରେ ସୋନପୁର ଉପଜିଲାପାଳ ଡ. ଇପ୍‌ସିତା ମିଶ୍ରଙ୍କ ଜରିଆରେ ରାଜ୍ୟପାଳ ରଘୁବର ଦାସଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଭାଜପା ଜିଲା ସଭାପତି ପ୍ରମୋଦ ମହାପାତ୍ର, ବରିଷ୍ଠ ନେତା ଅଶୋକ ପୃଷ୍ଟି, ଶରତ ଶତପଥୀ, ସାନନ୍ଦ ମେହେର, ସ୍ୱରୂପ ପାତ୍ର, ରୂପଧର ପ୍ରଧାନ, ଶ୍ୟାମ ସୁନ୍ଦର ଶତପଥୀ, ପୂର୍ଣ୍ଣଚନ୍ଦ୍ର ବିଶି ଓ ବିଶେଶ୍ୱର ପାଣିଗ୍ରାହୀ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।








ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟରେ ଆୟୋଜିତ ଫୁଡ୍ ଫେଷ୍ଟିଭାଲରେ ଛାତ୍ରୀମାନେ ମିଲେଟରୁ ପ୍ରସ୍ତୁତ ବିଭିନ୍ନ ବ୍ୟଞ୍ଜନ ପ୍ରଦର୍ଶିତ କରିଛନ୍ତି।

ଜଣେ ଛାତ୍ରୀ ରଙ୍ଗୋଲି ପକାଉଛନ୍ତି।

## ସଂକ୍ଷେପରେ

### ବୋରିଂରୁ ପମ୍ପ ଚୋରି, ଥାନାରେ ଅଭିଯୋଗ

**କୁତ୍ରା,୨୯।୧୧(ଦେବାଶିଷ ସାହୁ)** ସୁନ୍ଦରଗଡ ଜିଲା କୁତ୍ରା ଥାନା ଅନ୍ତର୍ଗତ ଲତାଲଗା ଗ୍ରାମର ମକୁନ୍ଦ କୁଜୁର ଚାଷୀଙ୍କ ଚାଷ ଜମିରେ ବୋରିଂରେ ଲାଗିଥିବା ପାଣି ପମ୍ପ ମଙ୍ଗଳବାର ରାତିରେ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଉକ୍ତ ଗ୍ରାମର ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ। ପାଣି ପମ୍ପ ଚୋରି ହୋଇଥିବା ଜମିର ନିକଟବର୍ତ୍ତୀ ଅଞ୍ଚଳରେ ଆହୁରି ଅନେକ ଚାଷୀଙ୍କ ଜମିରେ ମଧ୍ୟ ଚାଷ ପାଇଁ ପାଣି ପମ୍ପ ଲାଗିଥିବା ବେଳେ ଏହି ଚୋରି ଯୋଗୁ ସେମାନେ ଚିନ୍ତିତ ହୋଇ ପଡିବା ସହ ରାତିରେ ପମ୍ପ ଜଗିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

### ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଦାବି



**ବିଶ୍ରା,୨୯।୧୧(ବଟ କୃଷ୍ଣ ସ୍ୱାଇଁ)** ବିଶ୍ରା ଷ୍ଟେଶନ ନିକଟରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ପାଇଁ ଦାବି ହେଉଛି। ଦୀର୍ଘ ବର୍ଷ ଧରି ଏହା ଅବହେଳିତ ଅବସ୍ଥାରେ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚକରି ସମସ୍ତ ମନ୍ଦିର, ମଠ, ପର୍ଯ୍ୟଟସ୍ଥଳକୁ ଉନ୍ନତୀକରଣ କରୁଥିବା ବେଳେ ଆଜି ବି ଅବହେଳିତ ଅବସ୍ଥାରେ ପଡି ରହିଛି ଏହି ମନ୍ଦିର। ସରକାର ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ମନ୍ଦିର କମିଟି ସଦସ୍ୟମାନେ ନିବେଦନ କରିଛନ୍ତି।

### ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା

**ବରଗଡ଼ ,୨୯।୧୧(ପ୍ରେମାନନ୍ଦ ଖମାରୀ)** ବରଗଡ଼ ସୌଖିନ ରଙ୍ଗମଞ୍ଚରେ ଜିଲା ବରିଷ୍ଠ ନାଗରିକ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବେଶ ଆଚାର୍ଯ୍ୟ ବୈଠକରେ ଯୋଗଦେଇ ବରିଷ୍ଠ ନାଗରିକମାନଙ୍କୁ କିପରି ସୁସ୍ଥ ଭାବେ ରଖି ସମାଜରେ ତାଙ୍କୁ ଉଚିତ ସମ୍ମାନ ଦିଆଯିବ, ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିଜସ୍ୱ ଗୃହ ପାଇଁ ପ୍ରଥମ ପର୍ଯ୍ୟାୟରେ ଦଶ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସେ ସୂଚନା ଦେଇଥିଲେ। ସେହିପରି ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟର ଅଧାପିକା ସଂଘମିତ୍ରା ମିଶ୍ର, ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘ ସଭାପତି ପ୍ର: ଟହଲୁ ସାହୁ, ଜିଲା ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରମୋଦ ଝାଙ୍କର, ପ୍ରହଲ୍ଲାଦ ମହାପାତ୍ର, ଭାରତ ଭୂଷଣ ଦାଶ ମଞ୍ଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ। କେଦାର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହା ପୂର୍ବରୁ ନିର୍ମଳ କିଶୋର କର ଓ ଅଶୋକ ପଶାୟତଙ୍କ ସଂଯୋଜନାରେ କାମିନୀ ଦାଶ ଓ ଅନୀତା ବଢେଇ ଭଜନ ପରିବେଷଣ କରିଥିଲେ। ଗୋପାଳ ମିଶ୍ର ଓ ପ୍ରମୋଦ ଦାଶ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

# ହାତୀ ଆତଙ୍କ ଯୋଗୁ ବିଦ୍ୟାଳୟ ଛୁଟି

**କୁତ୍ରା,୨୯।୧୧(ଦେବାଶିଷ ସାହୁ)**

ବଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ କୁତ୍ରା ଅଞ୍ଚଳରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। କେତେବେଳେ ହାତୀ ଫସଲ ନଷ୍ଟ କରୁଛି ତ ଆଉ କେତେବେଳେ ଲୋକଙ୍କ ଜୀବନ ନେଉଛି। ଗତ ସପ୍ତାହେ ହେଲାଣି କୁତ୍ରା ଓ ବଡଗାଁ ଅଞ୍ଚଳରେ ୪୦ ଟିକିଆ ହାତୀ ପଲଙ୍କ ଉପଦ୍ରବ ଜାରି ରହିଛି। ବିଶେଷକରି ପଞ୍ଚରା, ନୂଆଗାଁ, ପତ୍ରାପଡା, କୁଲସର, ରାଏଡିହି, ଝିରପାଣି, କିରିଙ୍ଗସେରା ଅଞ୍ଚଳରେ ଏହି ହାତୀପଲ ଆତଙ୍କ ଖୋଳାଇଛନ୍ତି। ମଙ୍ଗଳବାର ହାତୀ ଜଣଙ୍କୁ କଚାଡି ମାରିବା ପରେ ବୁଧବାର କୁତ୍ରା ବ୍ଲକର କରିଙ୍ଗସେରା ଅଞ୍ଚଳକୁ ଆସି ଗ୍ରାମର ଶ୍ମଶାନ ଭାଙ୍ଗିବା ସହ ବହୁ ଲୋକଙ୍କ ଧାନ ଫସଲ ଖାଇ ଦଳିମକଚି ନଷ୍ଟ କରିଛନ୍ତି। ହାତୀ ପଲଙ୍କ ଉପଦ୍ରବ ଦେଖି ପୁରା ଅଞ୍ଚଳ ଭୟଭୀତ ଥିବାବେଳେ କଲିଜାପଥର ମିଶନ ପ୍ରାଥମିକ ବିଦ୍ୟାଳୟ ଠାରୁ ୫ ଶହ ମିଟର ଦୂରରେ ଉକ୍ତ ହାତୀପଲ ଡେରା ପକାଇଥିବାରୁ ପିଲାଙ୍କ ସୁରକ୍ଷାକୁ



ହାତୀ ଆତଙ୍କ ଯୋଗୁ ବିଦ୍ୟାଳୟ ବନ୍ଦ ରହିଛି।

**ଭାଙ୍ଗିଲେ ଶ୍ମଶାନ, ନଷ୍ଟ କଲେ ଫସଲ**

ଦୃଷ୍ଟିରେ ରଖି ବିଦ୍ୟାଳୟକୁ ଅପରାହ୍ନରେ ଛୁଟି କରିଦିଆଯାଇଛି। ବନବିଭାଗ ହାତୀପଲଙ୍କ ଗତିବିଧି ଉପରେ ନଜର ରଖିଥିବା ଜଣାପଡିଛି। ମଙ୍ଗଳବାର ରାତିରେ ବନବିଭାଗ ଡ୍ରୋନ ମାଧ୍ୟମରେ ହାତୀପଲଙ୍କ ଗତିବିଧି ଉପରେ ନଜର ରଖି ଏଥିରେ ୨୭ଟି ହାତୀ ଥିବା ଜାଣିବାକୁ ପାଇଥିଲା। ଏହି ହାତୀ ମଣିଷ ଲଢେଇର କେବେ ଅନ୍ତ ହେବ ତାକୁ ବନବିଭାଗ ଦୃଷ୍ଟିଦେବା ସହ ହାତୀପଲଙ୍କୁ ଅନ୍ୟତ୍ର ଘଉଡେଇବାକୁ ଦାବି ହେଉଛି।

# ବିଦ୍ୟାଳୟ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



ଅତିଥିଙ୍କ ଗ୍ରହଣରେ ଛାତ୍ରୀଛାତ୍ର।

**କୁତ୍ରା,୨୯।୧୧(ଦେବାଶିଷ ସାହୁ)**

ସୁନ୍ଦରଗଡ ଜିଲା କୁତ୍ରା ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ କୁତ୍ରା ବିଇଓ ଶରତ କୁମାର ପତି, ପୂର୍ବତନ ପ୍ରଧାନ ଶିକ୍ଷକ ବିଶିକେଶନ ସାହୁ, ଏବିଇଓ ଲକ୍ଷ୍ମଣ ଜାମୁଡା, ଅନୁଷ୍ଠାନର ଆଲୁମିନି ସଭାପତି ଶଙ୍କରପ୍ରଶାଦ ଟପ୍ପୋ, ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ ପ୍ରମୁଖ ଯୋଗଦେଇ ଉଦ୍‌ଘାଟିତ କରିବା ସହ ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ମନସ୍କ ହେବାକୁ ପ୍ରେରଣା ଦିଏ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ୩୨୬ଟି ପ୍ରକଳ୍ପ ପ୍ରଦର୍ଶିତ ହେବା ସହ ପରିବହନ ଓ ଯୋଗାଯୋଗ, ସ୍ୱାସ୍ଥ୍ୟ, ଜୀବନ, ଗଣିତ ଓ କୃଷି ଆଧାରିତ ପ୍ରକଳ୍ପ ଗୁଡିକ ବେଶ ଚିତ୍ତାକର୍ଷକ ହୋଇଥିଲା। ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜେଏସ୍‌ଡବ୍ଲ୍ୟୁ ସିଏସ୍ଆର ପ୍ରବନ୍ଧକ ଅଲେଖ ଦଳେଇ , ବରିଷ୍ଠ ଶିକ୍ଷକ ତଥା ଜିଲା ସ୍କାଉଟ କମିଶନର ବିଭୀଷଣ ବାରିକ, ଅନୱର ଅହମ୍ମଦ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ସଂପାଦିକା ଦୀପିକା କେରକେଟା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ସହିତ ବିବରଣୀପାଠ କରିଥିଲେ। ସଭାକାର୍ଯ୍ୟକୁ ଅବିନାଶ କର ପରିଚାଳନା କରିଥିଲେ। ଅନୁଷ୍ଠାନର ଶ୍ରେଷ୍ଠ ପ୍ରକଳ୍ପ ଭାବେ ସୁଭମ ମାଝି, ରିତେଶ ଓରାମ, ସାଗର ମାଝି, ଅନମୋଲ କିସପଟା, ଲକ୍ଷ୍ମୀପ୍ରିୟା ଶଣ୍ଢ ଓ ତପସ୍ୱିନୀ ଟପ୍ପୋ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷୟିତ୍ରୀ ରୀତା କଣ୍ଡୁ, ଲିପିକା କାଲୋ, ସଂଗୀତା ଦେଇ, ସୁନିତା ପଟେଲ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଏସ୍‌ୟୁଜେର ବରଗଡ଼ ଶାଖା ଗଠିତ

**ବରଗଡ଼, ୨୯।୧୧(ପ୍ରେମାନନ୍ଦ ଖମାରୀ)** ବରଗଡ ସହରର ଏକ ହୋଟେଲ ସଭାକକ୍ଷରେ ବୁଧବାର ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ପକ୍ଷରୁ ବରଗଡ ଜିଲା ଶାଖା ଗଠିତ ହୋଇଛି। ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କଠାରେ ଦୀପ ପ୍ରଜ୍ୱଳନ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାରେ ଜିଲା ସଂଘର ଆବାହକ ବିଜୟ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜ୍ୟ ସଂଘର ସଭାପତି କୈଳାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ରାଜ୍ୟ ସହ ସମ୍ପାଦକ ମହେନ୍ଦ୍ର ଦର୍ଜି, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଗଗନ ଶର୍ମା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶଶିଭୂଷଣ ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ (ଏସ୍‌ୟୁଜେ) ବରଗଡ଼ ଶାଖାର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା। ଏଥିରେ ବିଜୟ କୁମାର ସାହୁ ସଭାପତି, ବାଲାଜୀ ବୀଭୁରଞ୍ଜନ ତରାସିଆ ଏବଂ ପ୍ରଭାକର ଦାଶ ଉପସଭାପତି, ମାଧବ ପ୍ରସାଦ ସାହୁ ସମ୍ପାଦକ, ନରସିଂହ ଚରଣ ସାହୁ ଏବଂ ସୁଶାନ୍ତ ପଣ୍ଡା ସହ ସମ୍ପାଦକ, ନିତ୍ୟାନନ୍ଦ ବାଗ କୋଷାଧକ୍ଷ ମନୋନୀତ ହୋଇଥିଲେ।

# ଅବସରପ୍ରାପ୍ତ ପାରାମେଡିକାଲ କର୍ମଚାରୀଙ୍କୁ ୨ ବର୍ଷ ଜେଲଦଣ୍ଡ

**ସୁନ୍ଦରଗଡ,୨୯।୧୧(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ଜଜ୍ ରାଜ ଲକ୍ଷ୍ମୀ ପଟ୍ଟନାୟକ ବୁଧବାର ଏକ ଲାଞ୍ଚ ମାମଲାର ଶୁଣାଣି କରି ବୀରକେରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅବସରପ୍ରାପ୍ତ ତଥା ପୂର୍ବତନ ପାରାମେଡିକାଲ କର୍ମଚାରୀ ଧନଞ୍ଜୟ ପାଣିଗ୍ରାହୀ(୭୧)ଙ୍କୁ ୨ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧ହଜାର ଟଙ୍କା ଜୋରିମାନା ଓ ଅନାଦେୟ ଅଧିକ ଜେଲ ଦଣ୍ଡ ପାଇଁ ଜଜ୍ ତାଙ୍କ ରାୟରେ ଆଦେଶ କରିଛନ୍ତି। ମାମଲାର ରାୟ ବିବରଣୀରୁ ପ୍ରକାଶ ଯେ, ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ଗୁଟିଦେରହ ଗ୍ରାମର ଅଭିଯୋଗକାରୀ ଭୁଗୁଲୁ ଧନୁଓ୍ୱାରଙ୍କ ଠାରୁ ପୁଅର ଜନ୍ମ ସାର୍ଟିଫିକେଟ ପାଇଁ ୧୪୦୦ଟଙ୍କା ଦାବି କରିଥିଲେ। ୨୦୧୨ ଜୁନ ୭ରେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ତାଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ



କେସ ନମ୍ବର ୩୬ରେ ଏକ ମାମଲା ରୁଜୁ ହୋଇଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଶ୍ୟାମ ସୁନ୍ଦର ମିଶ୍ର ପରିଚାଳନା କରୁଥିଲେ। ରାଉରକେଲା ଭିଜିଲାନ୍ସ ୟୁନିଟର ତତ୍କାଳୀନ ଭିଜିଲାନ୍ସ ଡିଏସପି ପିକେ ଦାସ, ସମ୍ବଲପୁର ଭିଜିଲାନ୍ସ ଡିଏସପି ଆରକେ ପ୍ରଧାନ ମାମଲାର ତଦନ୍ତକାରୀ ଅଫିସର ଥିଲେ।

# ବ୍ଲକ ସ୍ତରୀୟ ଦିବ୍ୟାଙ୍ଗ କ୍ରୀଡ଼ା ପ୍ରତିଯୋଗିତା



ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର।

**ଲହୁଣୀପଡା,୨୯।୧୧(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କଲେଇପୋଷ ପଞ୍ଚାୟତ ନୂଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଭିନ୍ନକ୍ଷମ କ୍ରୀଡା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଇଓ ଭଗବାନ ବାଙ୍କୀରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଏବିଇଓ ନରହରି କିଷାନ, ଓଏଭି ବିଦ୍ୟାଳୟ ଅଧକ୍ଷ ଆଶ୍ୱିନ ଗୋପାଳ, ବିଏସଏସଓ ଜାହ୍ନବୀ ମାହାନ୍ତ, କଲେଇପୋଷ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନେଶ୍ୱର ମାହାନ୍ତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୀମସେନ କିଷାନ ଓ ମୁଖ୍ୟ ବକ୍ତାଭାବେ କୁମାର ଗୌତମ ବାରିକ ଯୋଗଦେଇଥିଲେ। ନୂଆପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପରମେଶ୍ୱର କିଷାନଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ହରିପଦ ଜେନା ପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଉପସ୍ଥିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀଙ୍କୁ ଏବିଇଓ ଇମାକ୍ରିପା ମିଞ୍ଜ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ଓ ସିଆର୍‌ସିସି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବିକାମାନେ ଉପସ୍ଥିତ ଥିଲେ। ଶେଷରେ ବିଆରଟି ମମତା ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମେନ୍ଦ୍ରଙ୍କୁ ବୀରମିତ୍ରପୁରରେ ସ୍ୱାଗତ

**କୁଆଁରମୁଣ୍ଡା, ୨୯।୧୧(ମହେନ୍ଦ୍ର କୁମାର ସାହୁ)**

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ରାଞ୍ଚିରୁ ୧୪୩ ନମ୍ବର ଜାତୀୟ ରାଜପଥରେ ରାଉରକେଲା ଯିବା ବାଟରେ ଓଡ଼ିଶା–ଝାଡ଼ଖଣ୍ଡ ସୀମାନ୍ତ ବୀରମିତ୍ରପୁରଠାରେ ବିଧାୟକ ଶଙ୍କର ଓରାମ,ପାନପୋଷ ସାଂଗଠନିକ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ବରିଷ୍ଠ ଭାଜପା ନେତା ଧିରେନ୍ ସେନାପତି ପ୍ରମୁଖ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ଅନୁରୂପଭାବେ କୁଆଁରମୁଣ୍ଡା ବଜାରରେ ଭାଜପା କର୍ମୀମାନେ ବାଣ ଫୁଟାଇ ବାଜା ବଜାଇ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଉରକେଲା ଅଭିମୁଖେ ବାହାରିଥିଲେ। ଗୁରୁବାର ଏନଆଇଟି ପରିସରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟର ଶିଳାନ୍ୟାସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।



# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ, ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟନ

**ଲେଫ୍ରିପଡା,୨୯।୧୧(ଦେଶରଞ୍ଜନ ପଟେଲ)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଡୁମାବାହାଲ ବାସୁଦେବ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବୁଧବାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଏବଂ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭାରପ୍ରାପ୍ତ ଅଧକ୍ଷ ଅରବିନ୍ଦ ପଟେଲଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥିଭାବେ ଲେଫ୍ରିପଡା କ ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝି ଏବଂ ସମ୍ମାନିତ ଅତିଥିଭାବେ ଡୁମାବାହାଲ ସରପଞ୍ଚ ସୁରେନ୍ଦ୍ର ସା, ରାଜବାହାଲ ସରପଞ୍ଚ କ୍ରିଷ୍ଟିନା ଖେସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ନାଏକ ଯୋଗଦେଇ କ୍ରୀଡା ମଶାଲ ପ୍ରଜ୍ୱଳନ ସହ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଦେବେନ୍ଦ୍ର କୁମାର ଚୌଧୁରୀ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ସଂସ୍କୃତ ଶିକ୍ଷକ ଶିବରାଜ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ରଜନୀ ରଉଡିଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ପ୍ରତିଯୋଗୀତା ପରିଚାଳିତ ହୋଇଥିଲା। ରାଜନୀତି ବିଜ୍ଞାନ ଅଧାପିକା ଦିବ୍ୟା ତନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ସିଏଚ୍‌ସିରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ, ସମିତି ବୈଠକରେ ଅଭିଯୋଗ

**ବଡ଼ଗାଁ,୨୯।୧୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଠିକ ସମୟରେ ସ୍ୱାସ୍ଥ୍ୟ ସେବା ମିଳୁ ନ ଥିବାରୁ ରୋଗୀ ଅସୁବିଧା ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବଡ଼ଗାଁ ବ୍ଲକ୍ ସହିତ କୁତ୍ରା ଓ ବାମରା ବ୍ଲକର କେତେକ ଗ୍ରାମବାସୀ ନିର୍ଭର କରିଥାନ୍ତି। ହେଲେ ଡାକ୍ତରଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ରୋଗୀ ୩୦ କି.ମି. ଦୂର ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ବାଧ ହେଉଛନ୍ତି। ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ରୋଗୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ବୁଝିବା ପାଇଁ ଡାକ୍ତର ଅଧିକାଂଶ ଦିନ ଆସୁନାହାଁନ୍ତି। ତେବେ ବିପର୍ଯ୍ୟସ୍ଥ ସ୍ୱାସ୍ଥ୍ୟ ସେବାକୁ ନେଇ ୨ ଥର ପଞ୍ଚାୟତ ସମିତି ବୈଠକରେ ବ୍ଲକ ଅଧକ୍ଷା ଦୁଲାରୀ ସୋରେଙ୍ଗ, ସାଂସଦ ପ୍ରତିନିଧି ଶିଶିର ରାଉତରାୟ, ଫୁଲବାରୀ ସରପଞ୍ଚ ଯୋଗେନ୍ଦ୍ର କିଷାନ, ଦାଣ୍ଡଜମରା ସରପଞ୍ଚ ଗୋବର୍ଦ୍ଧନ ହାହା, ଡୁଡାଲଗା ସରପଞ୍ଚ ସୁଦୀପ ବାଡା, ଜରଙ୍ଗଲୋଇ ସରପଞ୍ଚ ମେନକା କାଲୋଙ୍କ ସହିତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟମାନେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି କରିବା ସହିତ ଡାକ୍ତରଙ୍କ କାର୍ଯ୍ୟରେ ଅବହେଳାକୁ ନେଇ ଅସନ୍ତୋଷ ପ୍ରକାଶ କରି ବୈଠକରେ ଉପସ୍ଥିତ ବଡ଼ଗାଁ ସିଏଚସି ଅଧିକାରୀଙ୍କୁ ଜଣାଇଥିଲେ। ହେଲେ କୌଣସି ସୁଫଳ ମିଳୁନାହିଁ। ମଙ୍ଗଳବାର ମଧ୍ୟାହ୍ନରେ ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ କଣ୍ଟିଆମୁରା ଗ୍ରାମକୁ ଏକ ସାମାଜିକ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବାବେଳେ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଭାଜପାର କେତେକ କର୍ମକର୍ତ୍ତା ଡାକ୍ତରଖାନାରେ ପୋଷ୍ଟମର୍ଟମ ହେଉ ନ ଥିବା ଓ ଡାକ୍ତରଙ୍କ କାର୍ଯ୍ୟରେ ଅବହେଳାକୁ ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ପୂର୍ବରୁ ମଧ୍ୟ ବିଧାୟକଙ୍କଠାରେ ଜନ ପ୍ରତିନିଧି ଓ ଗ୍ରାମବାସୀ ସମସ୍ୟାର ସମାଧାନ ପାଇଁ ନିବେଦନ କରଥିଲେ। ସମସ୍ୟା ଉପରେ ବିଧାୟକ ଭୋଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ମଙ୍ଗଳବାର ରାତିରେ ବଜରଙ୍ଗ ଦଳର କର୍ମକର୍ତ୍ତା ରାଜେଶ ଦାସଙ୍କ ସହିତ କେତେକ ଯୁବକ ଡାକ୍ତରଖାନାକୁ ଯାଇଥିବାବେଳେ ଜଣେ ହେଲେ ବି ଡାକ୍ତର ସେଠାରେ ନ ଥିଲେ। ଇତମା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କୁ ୨ ଦିନ ହେଲା ଡାକ୍ତର ଦେଖିବାକୁ ଆସି ନ ଥିବା ସେ କହିଥିଲେ। ରୋଗୀଙ୍କ ଏହି ଅଭିଯୋଗ ଓ ଲାଗିରହିଥିବା ସମସ୍ୟା ଉପରେ ବଡ଼ଗାଁ ସିଏଚସି ଅଧିକାରୀ ବସନ୍ତ ଟପ୍ପୋଙ୍କୁ ପଚିରିବାରୁ, ଡାକ୍ତରଙ୍କ ଅଭାବ ରହିଛି, କେତେଜଣ ଚୁକ୍ତିଭିତ୍ତିକ ଡାକ୍ତର ନିଯୁକ୍ତି ଦିଆଯାଇଛି। ନିୟମିତ ଡାକ୍ତର ନିଯୁକ୍ତି କରାଯାଇନାହିଁ। ଆଗାମୀ ବୈଠକରେ ଏହାକୁ ନେଇ ଜଣାଇବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର

ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ସୁଗୁଡା କ୍ଲଷ୍ଟର ଅନ୍ତର୍ଗତ ଗୁଣ୍ଡୁରିପୋଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ରାଣୀ ଲକ୍ଷ୍ମୀବାଈ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା ଏଥିରେ ସଭାପତିତ୍ୱ କରିଥିଲେ। ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ତିଲେଇବଣି ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନାରାୟଣ ସିଂ ସାମାଡ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଶିବିରକୁ ଉଦ୍‌ଘାଟନ କରିବା ସହ ଆୟୋଜନର ଉଦ୍ଦେଶ୍ୟ ଉପରେ ଉପସ୍ଥିତ ଛାତ୍ରୀଙ୍କୁ ବୁଝାଇଥିଲେ। ସମ୍ମାନିତ ଅତିଥିଭାବେ ସୁଗୁଡା କ୍ଲଷ୍ଟରର ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଅନିଲ କୁମାର ବାର୍ଲାଙ୍କ ତତ୍ତ୍ୱାବଧାନରେ ସମଗ୍ର ଶିକ୍ଷା ପକ୍ଷରୁ ମାଷ୍ଟର ଟ୍ରେନର ଭାବେ ଅମିତା ଭଞ୍ଜ ଓ ଖୁସି ମୁଣ୍ଡା ଯୋଗଦେଇ ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ସଭାକୁ ସୁଗୁଡା କ୍ଲଷ୍ଟରର ପୂର୍ବତନ ସିଆର୍‌ସିସି ଭକ୍ତେଶ୍ୱର ପ୍ରଧାନ ପରିଚାଳନା କରିବାସହ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିବିର ଆୟୋଜନରେ ଶିକ୍ଷକ ଗୋପ ରଞ୍ଜନ ପ୍ରଧାନ, କ୍ଷମାନିଧି ସାହୁ ଓ ଗଗନ ଚନ୍ଦ୍ର ପ୍ରଧାନ ସକ୍ରିୟ ସହଯୋଗ କରିଥିଲେ।

### 'ଜ୍ୟୋତି'ର ୩୬ତମ ପ୍ରତିଷ୍ଠା ଦିବସ

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)

ହୁମାସ୍ଥିତ ବୀର ସୁରେନ୍ଦ୍ର ସାଏ ବୃଦ୍ଧାଶ୍ରମଠାରେ ଚକ୍ଷୁଦାନ ଓ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟ କରୁଥିବା ଜ୍ୟୋତି ଅନୁଷ୍ଠାନର ୩୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଡ. ପରେଶ ଚନ୍ଦ୍ର ଦାନିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚକ୍ଷୁଦାନ, ଚକ୍ଷୁ ସୁରକ୍ଷା ଓ ଯତ୍ନ ଉପରେ ଆଲୋଚନା ହୋଇଥିଲା। ଚକ୍ଷୁ ବିଶେଷଜ୍ଞ ଡା. ସୁରେଶ ଚନ୍ଦ୍ର ଦାନି ଅନ୍ତେବାସୀଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ଏହି ଅବସରରେ ଅନ୍ତେବାସୀମାନେ ମୃତ୍ୟୁ ପରେ ଚକ୍ଷୁଦାନ କରିବା ପାଇଁ ସହମତି ପ୍ରକାଶ କରିଥିବା ଜ୍ୟୋତି ସଂସ୍ଥାର ମୁଖ୍ୟ ଡ. ପରେଶ ଦାନି ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଜ୍ୟୋତିର ସଦସ୍ୟ ଡ. ସନ୍ତୋଷ କୁମାର ଦାଶ, ବ୍ରଜବନ୍ଧୁ ସାହୁ, ଅଖିଳ ରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ପାଟ୍ଟଯୋଶୀ, ରତନ ବହିଦାର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସଂଯୋଜକ କଳ୍ପନା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ଗାଁ କଲ୍ୟାଣ ସମିତି ବୈଠକ

ପଡିଆବାହାଲ, ୨୯।୧୧ (ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକ ବାହାମ ପଞ୍ଚାୟତ ବାହାମଠାରେ ବୁଧବାର ଗାଁ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସଭାପତିଙ୍କ ଅନୁପସ୍ଥିତିରେ ବାହାମ ୱାର୍ଡ ସଭ୍ୟ ନରେନ୍ଦ୍ର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗାଁର ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋଚନା ହୋଇଥିଲା। ଗାଧୁଆ ଘାଟ ପରିଷ୍କାର, ମନ୍ଦିରରୁ ଘାଟ ପର୍ଯ୍ୟନ୍ତ ରାସ୍ତାରୁ ଘାସ ହଟାଇବା ପାଇଁ ଘାସମରା ଔଷଧ ପକାଇବାକୁ ନିଷ୍ପତ୍ତି ନିଆଯାଇଥିଲା।

### ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ବୁଧବାର ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ନେଇ ଯୋଗ ଶିବିର ଆୟୋଜିତ ହୋଇଥିଲା। ଏଥିସହ ଭୋଟର ପଞ୍ଜୀକରଣ, ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟ ଛାତ୍ରୀଛାତ୍ର କିଭଳି ରାଜ୍ୟର ବିକାଶ କାର୍ଯ୍ୟକ୍ରମରେ ଭାଗିଦାରୀ ହୋଇପାରିବେ ସେ ବିଷୟରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଯୋଗ ଗୁରୁ ଚିତ୍ତରଞ୍ଜନ ପଣ୍ଡା, ସମ୍ବଲପୁର ବଡି ବିଲଡର ଆସୋସିଏଶନ ସଭାପତି ସତୀଶ ବିଶି, ସାମାଜିକ କର୍ମୀ ଦେବାଶିଷ ପରିଡା, କାର୍ଯ୍ୟକାରୀ ସଭାପତି ନିଶାନ୍ତ ବହିଦାର, ଭୋଳା ମହନ୍ତ, ଅଧ୍ୟାପକ ଦୁର୍ଲଭ କୁମାର ସା, ଡ଼. ରଘୁମଣି ନାୟକ, ମୋନାଲିସା ବେହେରା ପ୍ରମୁଖ ସହଯୋଗ କରିଥିଲେ। ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ସୁରେଶ ଏକ୍କା ଓ ମିଲି ସାହୁ ପରିଚାଳନା କରିଥିଲେ।

# ବରଗଡ଼ର ସ୍ୱର୍ଣ୍ଣା ଦଳ ବିଜୟୀ

## ଜିଲାସ୍ତରୀୟ ମା' ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର,୨୯।୧୧(ବି.ଶଙ୍କର)

ଧନକଉଡ଼ା ବ୍ଲକ କଳାମାଟି ପଞ୍ଚାୟତର ମାଉଳିବାଗ ଖେଳପଡିଆଠାରେ ବୁଧବାର ଜିଲାସ୍ତରୀୟ ସପ୍ତମ ମା' ମାଉଳି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବରଗଡର ସ୍ୱର୍ଣ୍ଣା ଦଳ ବିଜେତା ହୋଇଥିବା ବେଳେ ସମ୍ବଲପୁରର ବୁର୍ଲା ସମଲେଶ୍ୱରୀ ଦଳ ଉପବିଜେତା ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ସମଲେଶ୍ୱରୀ ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ବିନିମୟରେ ୭୫ ରନ ସଂଗ୍ରହ କରିଥିଲା। ଜବାବରେ ସ୍ୱର୍ଣ୍ଣା ଦଳ ଗୋଟିଏ ବଲ ବାକି ଥାଇ ୭୭ ରନ କରି ମ୍ୟାଚ ଜିତି ନେଇଥିଲା। ରେଙ୍ଗାଲି ଜୋନ-୧ ଜିଲା ପରିଷଦ ଚୋଳଶ୍ରୀ ମହାନନ୍ଦ, ସମ୍ବଲପୁର ଜିଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ରାଜ୍ୟ ଯୁବ ସମ୍ପାଦକ ମନୋଜ ମହାପାତ୍ର, ପୂର୍ବତନ କଳାମାଟି ସରପଞ୍ଚ ଶ୍ରୀହରି ନାଗ, ବରିଷ୍ଠ ନାଗରିକ ସୁକଚେନ ସିଂ, ଜିଲା ଯୁବ ସମ୍ପାଦକ ମଞ୍ଜୁ ଓରାମ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଜିଲାସ୍ତରୀୟ ଫୁଟ୍‌ବଲ: ହିନ୍ଦ୍ କ୍ଲବ ବିଜୟୀ

ସମ୍ବଲପୁର,୨୯।୧୧(ବି.ଶଙ୍କର)

ସମ୍ବଲପୁର ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଡାକ୍ତର ସନାତନ ବେହେରା ସ୍ମାରକୀ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବୁଧବାର ମ୍ୟାଚରେ ହିନ୍ଦ୍ କ୍ଲବ ବିଜୟୀ ହୋଇ ସେମିଫାଇନାଲକୁ ପହଞ୍ଚିଛି। ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମଠାରେ ହିନ୍ଦ୍ କ୍ଲବ ବନାମ ବାମରା କ୍ରୀଡା ସଂଘ ମଧ୍ୟରେ ମ୍ୟାଚ ହୋଇଥିଲା। ହିନ୍ଦ୍ କ୍ଲବ ୭-୦ ଗୋଲ ସ୍କୋର କରି ଏକତରଫା ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ସରଫରାଜ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ରେଫରି ଭାବେ କର୍ଣ୍ଣ ବେହେରା, ବଳରାମ ମଟାରି, ସୁବାସ ରାଉତ, ରାଜାରାମ ଓରାମ ମ୍ୟାଚ ପରିଚାଳନା କରିଥିଲେ। ଜିଲା କ୍ରୀଡା ସଂଘ ଫୁଟ୍‌ବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ପୁରୁଖା ଫୁଟ୍‌ବଲ ଖେଳାଳି ବୁଧୁରାମ ମୁଣ୍ଡା ମୁଖ୍ୟ ଅତିଥି ଓ କ୍ରିକେଟ ଖେଳାଳି ସୟଦ ଜିନ୍ଦା, ଜିଲା କ୍ରୀଡା ସଂଘ ଖେଳ ସମ୍ପାଦକ ରାଜେଶ ସେଠ୍, କୋଷାଧ୍ୟକ୍ଷ ଉମାପତି ତ୍ରିପାଠୀ ସମ୍ମାନିତ ଅତିଥି ଥିଲେ।


ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଏକ ଦୃଶ୍ୟ।

# ବାଳିକା ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା


ବିଜ୍ଞାନ ମେଳାରେ ଉପସ୍ଥିତ ଅତିଥିବୃନ୍ଦ ଓ ଛାତ୍ରୀ।

ସମ୍ବଲପୁର,୨୯।୧୧(ପ୍ରମୋଦ ବହିଦାର)

ଲେଡିଲୁଇସ୍ ବାଳିକା ବିଦ୍ୟାଳୟରେ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ଧନକଉଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ସମ୍ମାନିତ ଭାବେ ଜିଲା ଶିକ୍ଷାଧିକାରୀ ମୀନାରାଣୀ ମଙ୍ଗଳ ଏବଂ ବକ୍ତାଭାବେ ପ୍ରଫେସର ସୁକଲ୍ୟାଣ ଦାସ ଓ ପ୍ରଫେସର ସଞ୍ଜୟ କୁମାର ପଟ୍ଟନାୟକ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ବିଜ୍ଞାନର ବିଭିନ୍ନ ଦିଗ ଉପରେ ଅବଗତ କରିଥିଲେ। ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହା ବିବରଣୀ ପାଠ କରିଥିଲେ। ଶେଷରେ ହୀରାକୁଦ ବିଦ୍ୟାଳୟର ସପ୍ତର୍ଷୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଧନକଉଡ଼ା ବ୍ଲକ ଅନ୍ତର୍ଗତ ୩୬ଟି ବିଦ୍ୟାଳୟରୁ ମୋଟ ୧୪୭ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରେଷ୍ଠ ପ୍ରକଳ୍ପ ପାଇଁ ତନ୍ମୟ ଦାଶ, ରୁଦ୍ରପ୍ରସାଦ ସାହୁ, ଅର୍ପିତା ପ୍ରଧାନ, ଆଦିତ୍ୟ କୁମାର ସାହୁ, ପିଙ୍କି ଯାଦବ, ଲିଜା ସାହୁ, ରାକ୍ଷୀ ଶର୍ମା, ଧରିତ୍ରୀ ପ୍ରଧାନ, ସୁଜାତା ସାହୁ, ସତ୍ୟ ସ୍ୱରୂପ ନାୟକ, ଲକ୍ଷ୍ମୀପ୍ରିୟା ରାଉତ, ସ୍ମୃତି ରଞ୍ଜନ ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

### ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ପଡିଆବାହାଲ, ୨୯।୧୧(ରାଧାମୋହନ ଷଡ଼ଙ୍ଗୀ)

ଝୁଝୁମୁରା ବ୍ଲକ ଅନ୍ତର୍ଗତ କନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପତଙ୍ଗ ସଙ୍ଗଠନ ସହାୟତାରେ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ବିଷୟରେ ଏକ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଶିଶୁ ସମସ୍ୟାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ପତଙ୍ଗ ପକ୍ଷରୁ ଜିଜ୍ଞାସା ନାଏକ ଯୋଗଦେଇ ଶିଶୁ ସୁରକ୍ଷା ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ଭୋଇ ଶିଶୁମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପତଙ୍ଗର ଗୋଲିନା ପାତ୍ର ଶିଶୁମାନେ ନିଜ ଅଧିକାର ବିଷୟରେ ଜାଣିବା ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖିଥିଲେ। ପରେ ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର ପ୍ଲାକାର୍ଡ ଧରି ସ୍ଲୋଗାନ ଦେବାସହ ଶିଶୁମାନେ ଗ୍ରାମ ପରିକ୍ରମା କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ପଡିଆବାହାଲ, ୨୯।୧୧(ରାଧାମୋହନ ଷଡ଼ଙ୍ଗୀ)

ବିକାଶ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ବୁଧବାର ଝୁଝୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା କଲେଜଠାରେ ଛାତ୍ରୀଛାତ୍ରଙ୍କୁ ନେଇ ସାଧାରଣ ଜ୍ଞାନ, ନୃତ୍ୟ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଟି ବିଭାଗରେ ତିନି ଜଣଙ୍କୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ଅକ୍ଷୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର ମୁଖ୍ୟ ଅତିଥି ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବାନନ୍ଦ ଭୁସାଗର, ରାଧାମୋହନ ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ଅମିତ ନାଗ, ପ୍ରସନ୍ନ ସାହୁ, ଅଧ୍ୟାପିକା ରଶ୍ମିତା ସାହୁ, ସୁନିତା ଚାନ୍ଦ ପ୍ରତିଯୋଗିତା ପରିଚାଳନା କରିଥିଲେ।

# ରାଜ୍ୟପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ


କୃଷକ ମୋର୍ଚ୍ଚାର ସଦସ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)

ରାଜ୍ୟର ସମସ୍ତ ଧାନମଣ୍ଡି ଗୁଡିକ ଅବିଳମ୍ବେ ଖୋଲାଯିବା ସହ ଏଗୁଡିକୁ ସବୁଦିନ ଖୋଲା ରଖିବା, ଧାନ କ୍ରୟ ସମୟରେ କଟନୀ ଛଟନୀ ବନ୍ଦ କରିବା, ଧାନମଣ୍ଡିରେ ମିଲରଙ୍କ ଦାଦାଗିରି ବନ୍ଦ କରିବା ଓ ମିଲରଙ୍କ ଅବାଧ ପ୍ରବେଶକୁ ବନ୍ଦ କରିବା ଓ ଧାନକିଣା କ୍ଷେତ୍ରରେ ଟୋକନ ବ୍ୟବସ୍ଥା ଉଚ୍ଛେଦ ଦାବିରେ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା କୃଷକ ମୋର୍ଚ୍ଚା ସଭାପତି ଯୋଗେଶ୍ୱର ବିଶ୍ୱାଳଙ୍କ ନେତୃତ୍ୱରେ ଦଳୀୟ ନେତା ଓ କର୍ମୀ ଉପ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉପ ଜିଲାପାଳ ପରକ୍ଷୀତ ସାହୁଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପରୋକ୍ତ ୫ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକ ପତ୍ର ପ୍ରଦାନ ସମୟରେ ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଉପସଭାପତି ସତ୍ୟନାରାୟଣ ପାଣି, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, ପୌର ପରିଷଦ ଉପାଧ୍ୟକ୍ଷ ତଥା ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ପ୍ରଜିତ କୁମାର ଭୋଜ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁତିଆଙ୍କ ସମେତ ଅନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# କିଶୋର ନ୍ୟାୟ ଅଧିନିୟମ ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ ଓ ଅନ୍ୟମାନେ।

ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)

ବିପଦ ସଙ୍କୁଳ ଅବସ୍ଥାରେ ଥିବା ଶିଶୁମାନଙ୍କ ସୁରକ୍ଷା ଓ ଯତ୍ନ ପାଇଁ କିଶୋର ନ୍ୟାୟ ବ୍ୟବସ୍ଥାକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଡିଏସପି ଏଚଆରପିସି ଅଜୟ ତିର୍କୀଙ୍କ ଅଧ୍ୟକ୍ଷତା ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅବାହକତ୍ୱରେ କିଶୋର ନ୍ୟାୟ ଅଧିନିୟମ ସମ୍ପର୍କରେ ଏକ ଜିଲା ସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଜିଲାର ସମସ୍ତ ପୋଲିସ ଥାନାରୁ ମହିଳା ଓ ଶିଶୁ ଡେସ୍କ ଅଧିକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ ଅଧିନସ୍ଥ ଆଇସିଡିଏସର କର୍ମଚାରୀ, ଶିଶୁଙ୍କ ପାଇଁ କାମ କରୁଥିବା ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଜିଲା ଶିକ୍ଷା ବିଭାଗର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହି ଜିଲା ସ୍ତରୀୟ କର୍ମଶାଳାରେ ସମ୍ମାନିତ ଅତିଥିଭାବେ କିଶୋର ନ୍ୟାୟ ପରିଷଦର ସଦସ୍ୟ ଡ.ସମୀର ନନ୍ଦ ଓ ଗାୟତ୍ରୀ ଦିବେଦୀ, ଶିଶୁ ମଙ୍ଗଳ ସମିତିର ଟିକେଶ୍ୱର ଧଳ, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ , ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦ ସିଂ , ଆକ୍ସନଆଡ ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସାମାଜିକ ଯୋଜନାରୁ ବଞ୍ଚିତ ଶିଶୁ ଓ ସେମାନଙ୍କ ପରିବାରକୁ କିଶୋର ନ୍ୟାୟ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରି ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ଏହି ଆଇନରେ ଥିବା ବିଭିନ୍ନ ପ୍ରବଧାନ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଆଇନ ସେବା ପ୍ରଧୀକରଣର ଆଇନଜୀବୀ ଯଥା ପୂର୍ଣ୍ଣଚନ୍ଦ୍ର ବୁଡ ଓ ପ୍ରୀତି ବେହେରା କିଶୋର ନ୍ୟାୟ ଅଧିନିୟମର ପ୍ରଭାବୀ କାର୍ଯ୍ୟକାରିତା ପାଇଁ ଆଇନଜୀବୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଜିଲା ସ୍ତରୀୟ ସମାବେଶକୁ ବିଭାଗୀୟ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଓ ଦେବରଞ୍ଜନ ପ୍ରଧାନ ପରିଚାଳନା କରିଥିଲେ।

# ଓଁରା ଜୁନିୟର କଲେଜରେ କ୍ରୀଡ଼ା ଉତ୍ସବ

ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)

ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଯାୟୀ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟ ସ୍ଥିତ ଓଁରା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ରୀଡା ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟ ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ସମରେନ୍ଦ୍ର କୁମାର ଜିତ ଏହି କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉଭୟ ବାଳିକା ଓ ବାଳକ ବର୍ଗରେ ବିଭିନ୍ନ କ୍ରୀଡା ଓ ଦୌଡକୁଦ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ଶିବୁନ ସାହୁ ଓ ବାଳିକା ବିଭାଗରେ ଦୀପା ଧିବର ଚାମ୍ପିୟନ ହୋଇଥିଲେ। ଅପରାହ୍ନରେ ଅନୁଷ୍ଠାନର ଅଧ୍ୟକ୍ଷ ଯାତ୍ରାକର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କ୍ରୀଡା ଉତ୍ସବ ଆୟୋଜନରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।



କ୍ରୀଡ଼ା ଉତ୍ସବରେ ଉପସ୍ଥିତ ଅତିଥି ବୃନ୍ଦ।

# ସଂଘର ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଚାଲ ଆହ୍ୱାନ

ଦେବଗଡ଼,୨୯।୧୧(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ବସନ୍ତ ନିବାସଠାରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଡିଭିଜନ ସମ୍ପାଦକ ଭୁପେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେବଗଡ଼ ଡିଭିଜନର ତିଲେଇବଣି, ରିଆମାଳ, ଦେବଗଡ଼, ବାରକୋଟ, କଣ୍ଡଲ , ରେଙ୍ଗାଲବେଡା, କୁଣ୍ଢେଇଗୁଳା, ବାମ୍ଫର୍ଡା ରେଞ୍ଜର ଶତାଧିକ ସିଜିନାଲ କର୍ମକର୍ତ୍ତା ଯୋଗଦେଇଥିଲେ। ସଂଘ ପକ୍ଷରୁ ନଭେମ୍ବର ୯ରେ ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ୧୨ ଦଫା ସମ୍ବଳିତ ଦାବି ପତ୍ର ପ୍ରସ୍ତୁତ କରାଯାଇଛି। ଏହି ଦାବିପତ୍ର ଅନୁସାରେ ଜିଏସଟି ଉଚ୍ଛେଦ, ସର୍ବନିମ୍ନ ମଜୁରୀ ଘୋଷଣା ସହିତ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ବୃଦ୍ଧି ଘୋଷଣା କରିବା, ୨୦୨୪ ପାଇଁ ତୋଳାଳୀଙ୍କ ପତ୍ର ମୂଲ୍ୟ ବୃଦ୍ଧି କରିବା, ବନ୍ଧେଇ ଶ୍ରମିକଙ୍କ ମଜୁରୀ ବୃଦ୍ଧି କରିବା, ୬୨ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସାମାଜିକ ନିରାପତ୍ତା ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରିବା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ବାକି ଥିବା ତୋଳାଳୀ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରିବା, ଛାତ୍ର ବୃତ୍ତି ଆବେଦନକୁ ସରଳୀକରଣ କରିବା, କନ୍ୟା ବିବାହ ସହାୟତାର ପୁନଃ ପ୍ରଚଳନ କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚ ସରକାରୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ପୂର୍ବରୁ ଅନେକ ଦାବି ପୂରଣ ହୋଇ ଥିବାବେଳେ ଅବଶିଷ୍ଟ ଦାବି ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରା ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଡିସେମ୍ବର ୧୦ତାରିଖ ସୁଦ୍ଧା ଆଲୋଚନା ଜରିଆରେ ଦାବି ପୂରଣ ନ ହେଲେ ଭୁବନେଶ୍ୱରରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ବିଶାଳ ସମାବେଶ ହେବବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ ଦେବଗଡ଼ ଡିଭିଜନରୁ ୧ହଜାର ତୋଳାଳୀ, କର୍ମଚାରୀ, ପ୍ରତିନିଧି ଉପସ୍ଥିତ ରହିବେ ବୋଲି ନିଷ୍ପତ୍ତି ହୋଇଛି। ଏହି ସମାବେଶରେ ସାରା ଓଡ଼ିଶାର ୧୯ଟି ଡିଭିଜନ ତୋଳାଳୀ କର୍ମଚାରୀ ଉପସ୍ଥିତ ରହିବା ପାଇଁ ରାଜ୍ୟ ସଭାପତି ବିଜୟ ମହାନ୍ତି ଆହ୍ୱାନ କରିଛନ୍ତି। କେନ୍ଦୁପତ୍ର ୱେଲଫ୍ୟାର ବୋର୍ଡ ଉପଦେଷ୍ଟା ତଥା ସଂଘ ସମ୍ପାଦକ ସଞ୍ଜିତ ମହାନ୍ତି ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବା ସହ ଯୋଜନା ସବୁ ଲୋକଙ୍କ ପାଖରେ ପହଞ୍ଚେଇବା ପାଇଁ ଆହ୍ୱାନ କରିଥିଲେ। ଏହା ସହିତ ଶ୍ରମିକ ଓ ତୋଳାଳୀଙ୍କ ଦାବି ସମୂହକୁ ସରକାରଙ୍କ ପାଖରେ ପହଞ୍ଚାଇବା ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଭାରେ ରାଜ୍ୟ ସମ୍ପାଦକ ମହମ୍ମଦ ମୃତୁଜା ଦେବଗଡ଼ ଡିଭିଜନ ପକ୍ଷରୁ ସମସ୍ତ ସିଜିନାଲ କର୍ମଚାରୀଙ୍କୁ ଭୁବନେଶ୍ୱର ଯିବା ସହ ସମାବେଶରେ ସାମିଲ ହେବା ପାଇଁ ଆହ୍ୱାନ କରିଥିଲେ। ସଭାରେ ଭୂପେନ୍ଦ୍ର ନାୟକ, ବିଶ୍ୱନାଥ ସ୍ୱାଇଁ, ପରିକ୍ଷିତ ବେହେରା, ଗୁରୁ ଚରଣ ପ୍ରଧାନ, ରମେଶ ସାହୁ, ଗନ୍ଧର୍ବ ପ୍ରଧାନ, ଛବିଳ ସ୍ୱାଇଁ, ଅରୁଣ ସାହୁ, ଘନଶ୍ୟାମ ପ୍ରଧାନ, କୌସିକ ସାହୁ, ହୃଦାନନ୍ଦ ପ୍ରଧାନ, ଗୋବିନ୍ଦ ଗଡ଼ନାୟକ, ଭଗବାନ ପ୍ରଧାନ, ରମାକାନ୍ତ ସାହୁ, ଆଲୋକ ଅମାତ, ଅଲେଖ ମହାନନ୍ଦ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



## ସଂକ୍ଷେପରେ

### ଶିଶୁ ମନ୍ଦିର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଖଡ଼ିଆଳ,୨୯।୧୧ (ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡା ଉଦଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଡୁଆଝର ସରପଞ୍ଚ ଜିତୁ କୁମ୍ଭାର, ବିଦ୍ୟାଳୟ କମିଟି ସଭାପତି ନୃପରାଜ ଶବର, ପୂର୍ବତନ ପରିଚାଳନା କମିଟି ସମ୍ପାଦକ ଗୋବର୍ଦ୍ଧନ ମେହେର ମଞ୍ଚାସୀନ ଥିବାବେଳେ ପ୍ରଧାନ ଆଚାର୍ଯ୍ୟ ସଭାପତିତ୍ୱ କରି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରାରମ୍ଭରୁ ଅଷ୍ଟମ ଶ୍ରେଣୀର ୩୨୦ଜଣ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ। ଗୁରୁଜୀ ଗୁରୁମା ପ୍ରବୀଣ ସାହୁ, ବୀଣାଶ୍ରୀ ବିଶି, ଉମାକାନ୍ତ ମାଝି, ଦୈତାରି ଜଗତ, ସାତ୍ୟକି ହାତୀ, ରାମ, ସବିତା, ସ୍ୱପ୍ନ ସୁନ୍ଦର, ସଞ୍ଜୁ, ସଂଯୁକ୍ତା, ସତ୍ୟଭାମା, ରିଙ୍କି ନିହାରିକା, ଆରତୀ ତଥା ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ।

### ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନୂତନ ଭୋଟର ପଞ୍ଜୀକରଣ

ନର୍ଲା,୨୯।୧୧ (ସନ୍ତୋଷ ପାତ୍ର)

କଳାହାଣ୍ଡି ଜିଲା ନର୍ଲା ଡିଗ୍ରୀ ମହାବିଦ୍ୟାଳୟରେ ନୂତନ ଭୋଟର ପଞ୍ଜୀକରଣ ଓ ସଂଶୋଧନ କାର୍ଯ୍ୟକ୍ରମ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ଉପସ୍ଥିତ ରହି କଲେଜ ଛାତ୍ରୀଛାତ୍ରମାନଙ୍କୁ ଗଣତନ୍ତ୍ରରେ ଭୋଟରଙ୍କ ଅଧିକାର ଓ କର୍ତ୍ତବ୍ୟ ବିଷୟରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଣ୍ଡେଲ ସରପଞ୍ଚ ପଦ୍ମଲୋଚନ ଜାଲ, ମନ୍ମୟ ଚାନ୍ଦ, ସରୋଜ କୁମାର ବୁଦ୍ଧିଆ, ଶକ୍ତିକାନ୍ତ ଶତପଥି, ଯୁବ ନେତା ବାବୁ ବୁଦ୍ଧିଆ, ଆଶୁତୋଷ ପାଢ଼ୀ, ଦୀନେଶ ସାହୁ, ଅଜିତ ନାଏକ, ଧର୍ମେନ୍ଦ୍ର ବାହୁକ, ମୋତିରଞ୍ଜନ ସାହୁ, ଭବାନୀ ସାହୁ, ସଚିନ, ସୌରଭ ଭୋଇଙ୍କ ସମେତ ବହୁ କର୍ମୀ ସହଯୋଗ କରିଥିଲେ। ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଭୋଟର ପଞ୍ଜୀକରଣ ଓ ଶଂସୋଧନ କରାଯାଇଛି।

# ମଣ୍ଡି ଅବ୍ୟବସ୍ଥା ନେଇ ଦାବିପତ୍ର

- ସମସ୍ୟା ଶୀଘ୍ର ସମାଧାନ ନ ହେଲେ ଆନ୍ଦୋଳନ
- ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ୬ ଦଫା ଦାବି

ଭବାନୀପାଟଣା,୨୯।୧୧ (ଉତ୍ତମ କୁମାର ଦାଶ)


ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

କଳାହାଣ୍ଡି ଜିଲାରେ ଖରଫ ଧାନ ଅମଳ ଆରମ୍ଭ ହୋଇଥିବାବେଳେ ମଣ୍ଡି ଖୋଲିବା ବିଳମ୍ବ ଓ ଅବ୍ୟବସ୍ଥା ନେଇ ବୁଧବାର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭବାନୀପାଟଣା ଉପଜିଲାପାଳଙ୍କୁ ଏକ ୬ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ରାଜ୍ୟ ସରକାର ଶୀଘ୍ର କଳାହାଣ୍ଡି ଜିଲାର ସମସ୍ତ ଧାନମଣ୍ଡି ଖୋଲନ୍ତୁ, ଧାନମଣ୍ଡି ସବୁଦିନ ପାଇଁ ଖୋଲା ରହୁ, ଧାନକିଣା କାରବାରରେ କଟନି ଛଟନି ବନ୍ଦ କରାଯାଉ, ଧାନମଣ୍ଡିରେ ମିଲରମାନଙ୍କ ଦାଦାଗିରି ବନ୍ଦ କରିବା ସହିତ ମିଲରମାନଙ୍କ ପ୍ରବେଶକୁ ବନ୍ଦ କରାଯାଉ, ଧାନକିଣା କାରବାରରେ ଟୋକନ ବ୍ୟବସ୍ଥାକୁ ଉଚ୍ଛେଦ ଓ ଜାନୁୟାରୀ ଶେଷ ସୁଧା ସମସ୍ତ ଚାଷୀଙ୍କ ଧାନକିଣା ଯାଉ ବୋଲି ଆଦି ଦାବି କରିଛି ଭାଜପା କୃଷକ ମୋର୍ଚ୍ଚା। କେନ୍ଦ୍ର ସରକାର ଚାଷୀଙ୍କୁ ଧାନ ବିକ୍ରୟ ଓ ସଂଗ୍ରହ ପାଇଁ ମାଗଣାରେ ବସ୍ତା, ସୁତଲି, ଧାନ ଓଜନ କରିବା, ମଣ୍ଡିର ଭିତ୍ତିଭୂମି, ଚାଷୀଙ୍କୁ ପିଇବା ପାଣି ଓ ଅନ୍ୟାନ୍ୟ ସୁବିଧା ପାଇଁ ଆର୍ଥିକ ସହଯୋଗ ଯୋଗାଇ ଦେବା ସତ୍ତ୍ୱେ ରାଜ୍ୟ ସରକାର ଅନିୟମିତା ଚଳାଇଥିବା ଅଭିଯୋଗ ଆଣିଛି ଭାଜପା କୃଷକ ମୋର୍ଚ୍ଚା। ଜିଲା କୃଷକ ମୋର୍ଚ୍ଚା ସଭାପତି କେଶରୀ ଦୁର୍ଗାଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ ସମୟରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ଜିଲା ସଭାପତି ଭବେନ୍ଦ୍ର ପଣ୍ଡା, ବରିଷ୍ଠ ମହିଳା ନେତ୍ରୀ ସୁନୀତି ମୁଣ୍ଡ, ଯୁବନେତା ରୋହିତ ଦୁର୍ଗା, କୃଷକ ମୋର୍ଚ୍ଚା ଉପସଭାପତି ଦେବଦତ୍ତ ପଣ୍ଡା, ଜୁନାଗଡ ନଗର ମୋର୍ଚ୍ଚା ସଭାପତି ସୁଶାନ୍ତ ବାଗ, ଜିଲା ମିଡିଆ ପ୍ରମୁଖ ପ୍ରେମନାଥ ନାଏକ, ବୋରଡା ମଣ୍ଡଳ ମୋର୍ଚ୍ଚା ସଭାପତି କିଶୋର ଚନ୍ଦ୍ର ମିଶ୍ର, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଶରତଚନ୍ଦ୍ର ନାଏକ, ଅନୁସୁଚିତ ମୋର୍ଚ୍ଚା ଜିଲା ଉପସଭାପତି ବିଭିଷଣ ନାଏକ, ଜିଲା ସାଧାରଣ ସମ୍ପାଦକ ଯୁଗଳ ପୋଢ, ଟାଉନ ସଭାପତି ସନ୍ତୋଶ ବିଶି, ମୋର୍ଚ୍ଚା ମିଡିଆସେଲ ପ୍ରଭାରୀ ଶୌଲ୍ୟ ପରିଡା, କୈଶବ ବିହାରୀ ସମେତ ଅନେକ କୃଷକ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଚାଷୀଙ୍କ ଉପରୋକ୍ତ ସମସ୍ୟାଗୁଡିକ ଶୀଘ୍ର ସମାଧାନ କରା ନ ଗଲେ ଆଗାମୀ ଦିନରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ମଣ୍ଡି ଓ ରାଜ ରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ ହେବ ବୋଲି କୃଷକ ମୋର୍ଚ୍ଚା ଜିଲା ସଭାପତି କେଶରୀ ଦୁର୍ଗା ଦୁର୍ଗା ପ୍ରକାଶ କରିଛନ୍ତି।

# କୁନି ବୈଜ୍ଞାନିକଙ୍କ ୧୨୮ ପ୍ରକଳ୍ପ ପ୍ରଦର୍ଶିତ



କୁନି ବୈଜ୍ଞାନିକମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

କର୍ଲାମୁଣ୍ଡା,୨୯।୧୧ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ବୁଧବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ସମସ୍ତ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ କନିଷ୍ଠ ବର୍ଗରେ ୮୧ଜଣ ଓ ବରିଷ୍ଠ ବର୍ଗରେ ୪୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କର୍ଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ବିଜୟ ଲକ୍ଷ୍ମୀ ନାଗଙ୍କ ଅଧକ୍ଷତାରେ ଉଦଯାପନୀରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ମୁଖ୍ୟବକ୍ତା ଭାବେ ବିଜେପୁର ହାଇସ୍କୁଲ ପ୍ରଧାନ ଶିକ୍ଷକ ଉମେଶ ଦାଶ, ସମ୍ମାନିତ ଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ଗୋଷ୍ଠୀ ବିଜ୍ଞାନ ସାଧନା କେନ୍ଦ୍ର ସଭାପତି ଲଳିତ ମୋହନ ସାହୁ, ସମ୍ପାଦକ ସଞ୍ଜୀବ କୁମାର ନାଗ, ଆୟୋଜକ କମିଟି ସମ୍ପାଦକ ତଥା ରିଞ୍ଜା ଗ୍ରାମପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ରାମ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମାଧ୍ୟମିକ ବିଦ୍ୟାଳୟସ୍ତରରେ ରିଞ୍ଜା ଗ୍ରା.ପ. ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ନାଗ, ରେଗଡା ଆଦର୍ଶ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଆଶିଷ କୁମାର ଭୋଇ ଓ ପ୍ରାଥମିକ ବିଦ୍ୟାଳୟସ୍ତରରେ ଗଜବାହଲ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସୌଭାଗ୍ୟ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ସୁରେଶ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପରିବେଷିତ ସଂସ୍କୃତିକ କାର୍ଯ୍ୟକ୍ରମ ମନମୋହିଥିଲା। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟା ସଦସ୍ୟମାନେ ସହଯୋଗ କରିଥିଲେ।

# 'ନବୀନ ଓଡ଼ିଶା'ର ସାରଥି ହେବାକୁ ଆହ୍ୱାନ


ଭବାନୀପାଟଣାରେ ବିଜେଡି ଯୁବ ଓ ଛାତ୍ର କର୍ମଶାଳାରେ ଉପସ୍ଥିତ ଅତିଥିବୃନ୍ଦ।

ଭବାନୀପାଟଣା,୨୯।୧୧ (ଉତ୍ତମ କୁମାର ଦାଶ)

**ବିଜେଡି ଯୁବ ଓ ଛାତ୍ର କର୍ମଶାଳା**

କଳାହାଣ୍ଡି ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବୁଧବାର ଭବାନୀପାଟଣା ଟାଉନ ହଲଠାରେ 'ମୁଁ ବି ହେବାକୁ ଚାହେଁ ନବୀନ ଓଡ଼ିଶାର ସାରଥି' ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କଳାହାଣ୍ଡି ଓ ନୂଆପଡା ଜିଲାର ବିକାଶରେ ସମସ୍ତେ ଯୁବ ଛାତ୍ର କର୍ମକର୍ତ୍ତା ଅଗ୍ରଣୀ ଭୂମିକା ନେବା ସହ ନୂତନ ଓଡ଼ିଶା ଗଠନ ଦିଗରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁରଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ରାଜ୍ୟ ଛାତ୍ର ବିଜେଡି ସଭାପତି ତଥା ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଯୋଗଦେଇ ନବୀନ ଓଡ଼ିଶାର ସାରଥି ହେବା ପାଇଁ ଆହ୍ୱାନ ଦେଇଥିଲେ। ମଞ୍ଚାସୀନ ଅତିଥି ଭାବେ ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଧର୍ମଗଡ ବିଧାୟକ ମହୌଷଧି ବାଗ, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବୈକୁଣ୍ଠ ନାୟକ, ଧୃତି ମାର୍ଥା, ଜିଲା ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ବରିଷ୍ଠ ଉପ ସଭାପତି ମଣ୍ଟୁ ନାଏକ, ରାଜ୍ୟ ଛାତ୍ର ଉପସଭାପତି ଅଭିଷେକ ମହାପାତ୍ର, ପ୍ରଦୋଷ ପରିଡା, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ଅବିନାଶ ପ୍ରଧାନ, ତାରିଣୀ ପ୍ରସାଦ ନାୟକ, ରବି ପଟ୍ଟନାୟକ, ଜିଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ନୂଆପଡା ଜିଲା ଛାତ୍ର ବିଜେଡି ସଭାପତି ଅମିତ ସିଂଦେଓ, ଜୋନ ସଭାପତି ଚିରାଗ ସିଂଦେଓ, ଛାତ୍ର ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ସୁମନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ନୂଆ ଭୋଟର ପଞ୍ଜୀକରଣ ସହିତ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସାମିଲ କରାଯିବ ନେଇ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକ୍ରମରେ କଳାହାଣ୍ଡି ଓ ନୂଆପଡା ଜିଲାର ସମସ୍ତ ବ୍ଲକ ସଭାପତି, ଜିଲା ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଉଲ୍ଲେଖନୀୟ ଅବଦାନ ପାଇଁ ୪ଜଣ ହେବେ ସମ୍ମାନିତ

ଭବାନୀପାଟଣା,୨୯।୧୧ (ଉତ୍ତମ କୁମାର ଦାଶ)

ଆସନ୍ତା ଡିସେମ୍ବର ୧୪ରୁ ୧୭ ତାରିଖ ୪ ଦିନ ଧରି ଭବାନୀପାଟଣା ଲାଲାବାହାଦୁର ଶାସ୍ତ୍ରୀ ଷ୍ଟାଡିୟମଠାରେ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେବ ନୃତ୍ୟ ସଙ୍ଗମ ୨୦୨୩। ଏଥିରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା

**ନୃତ୍ୟ ସଙ୍ଗମ ୨୦୨୩**






ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବ। ଚଳିତବର୍ଷ ଲୋକକଳା ପାଇଁ ଲୋକ ସଙ୍ଗୀତ ଗାୟକ ତଥା ନିର୍ଦ୍ଦେଶକ ଗୁରୁଶ୍ରୀ କାଳୀ ପ୍ରସାଦ ଷଡଙ୍ଗୀ ବଲାଙ୍ଗୀରଙ୍କୁ ଲୋକକଳାରତ୍ନ ସମ୍ମାନ ପାଇଁ, ନାଟକ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ବିଶିଷ୍ଟ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ ଅଶୋକ କୁମାର ପାତ୍ର, ଭବାନୀପାଟଣାଙ୍କୁ ନାଟ୍ୟମୁନି ସମ୍ମାନ, ତଥା ନାଟକ କ୍ଷେତ୍ରରେ ଦୀର୍ଘ ଦିନରୁ ନାଟକର ଉନ୍ନତି କରି ଆସୁଥିବା ବିଶିଷ୍ଟ ନାଟ୍ୟକାର ଜିତୁ ପଟ୍ଟନାୟକ ଖରିଆରଙ୍କୁ ନାଟ୍ୟଶ୍ରୀ ସମ୍ମାନ ଓ ଶିକ୍ଷାକ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଉତ୍କଳ ସଙ୍ଗୀତ ବିଶ୍ୱ ବିଦ୍ୟାଳୟ ଅଧ୍ୟାପକ, ବିଶିଷ୍ଟ ଶିକ୍ଷାବିତ୍ ଆଶିଷ ମହାପାତ୍ର, ଭୁବନେଶ୍ୱରଙ୍କୁ ପ୍ରତିଭା ଶିକ୍ଷା ସମ୍ମାନ-୨୦୨୩ ପାଇଁ ଅନୁଷ୍ଠାନ ତରଫରୁ ଚୟନ କରାଯାଇଛି। ଚାରିଦିନ ଧରି ଏହି ଜାତୀୟ ଲୋକ ଉତ୍ସବରେ ଏହି କୃତୀ ସନ୍ତାନମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ।

### ବରଗାଁ ପାକ୍ସରେ ମଣ୍ଡି ଉଦ୍‌ଘାଟିତ

ଖଡ଼ିଆଳ,୨୯।୧୧ (ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକର ବରଗାଁ ପାକ୍ସରେ ବୁଧବାର ମଣ୍ଡି ଉଦଘାଟିତ ହୋଇଛି। ବରଗାଁ ପାକ୍ସ ସଭାପତି ସତ୍ୟପ୍ରିୟ ମୁଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରି ଚାଷୀମାନେ ଠିକ ସମୟରେ ଧାନ ବିକ୍ରି କରି ଠିକ ସମୟରେ ଟଙ୍କା ପାଇ ପାରିବେ ବୋଲି କହିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ପାଦକ ଭାଗିରଥି ପଟେଲ, ଚାଷୀ ମକାର୍ଧ୍ୱଜ ରଣାଙ୍କ ସମେତ ବହୁ ଚାଷୀ ଯୋଗଦେଇଥିଲେ। ମଣ୍ଡିରେ ୨ଟି ଗ୍ରାମପଞ୍ଚାୟତ ଖୁଦପେଜ ଓ ବରଗାଁର ୭୯୭ ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ବେଳେ ୩୬ ହଜାର ୫୪୫ କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଧାର୍ଯ୍ୟ କରାଯାଇଛି। ଦରକାର ପଡ଼ିଲେ ଅଧିକ ଧାନ ବିକ୍ରୟ ପାଇଁ ବ୍ୟବସ୍ଥା କରାଯିବ ବୋଲି ପାକ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମଣ୍ଡି ପାଇଁ ସମସ୍ତ ଆନୁଷଙ୍ଗିକ ସୁବିଧା ସୁଯୋଗ କରିବା ସହ ଧାନ କଟଣି ଛଟଣି ନ କରିବାକୁ ଚାଷୀମାନେ ଦାବି କରିଥିଲେ। ଧାନ ବିକ୍ରୟ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଥିବା ପାକ୍ସ ସଭାପତି ଓ ସମ୍ପାଦକ କହିଛନ୍ତି। ଖଡ଼ିଆଳ ବ୍ଲକରେ ଚଳିତ ବର୍ଷ ୧୩ଟି ସ୍ଥାନରେ ଧାନମଣ୍ଡି ଖୋଲା ଯାଇଥିବା ଜଣାପଡ଼ିଛି।

### ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ


କାଣ୍ଡେଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବାଲ୍ ବିଜ୍ଞାନ ମେଳା।

କେସିଙ୍ଗା,୨୯।୧୧ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ କାଣ୍ଡେଲ ସରକାରୀ ହାଇସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ କାଣ୍ଡେଲ ସରପଞ୍ଚ ପାର୍ବତୀ ଶର୍ମା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଆୟୋଜିତ ବିଜ୍ଞାନମେଳାରେ ବରିଷ୍ଠ ବିଭାଗରୁ ୩୧, କନିଷ୍ଠ ବିଭାଗରୁ ୩୬ ଏବଂ ସର୍ବକନିଷ୍ଠ ବିଭାଗରୁ ୧୩ଟି ବିଭିନ୍ନ ବିଦ୍ୟାଳୟରୁ ୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୁନି ବୈଜ୍ଞାନିକମାନେ ନିଜର ପ୍ରକଳ୍ପ ପ୍ରଦର୍ଶିତ କରିବା ସହିତ ପ୍ରାଞ୍ଜଳ ଭାବରେ ଦର୍ଶକମାନଙ୍କୁ ବୁଝାଇଥିଲେ। ପ୍ରଦର୍ଶନୀ ପରେ ବିଦ୍ୟାଳୟରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଜ୍ଞାନମେଳାର ସଭାପତି ବି ଏମ ଆଚାରୀ ନିଜର ସମ୍ଭାଷଣ ପ୍ରଦାନ କରିଥିଲେ। ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟଅତିଥି, ମୁଖ୍ୟବକ୍ତା କାଣ୍ଡେଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଡ଼ଃ ହରେକୃଷ୍ଣ ଧଳ, ସ୍ୱତନ୍ତ୍ର ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଦାସ, ବିଏସଆର୍‌ସି ସଭାପତି ବିଏମ ଆଚାରୀ, ବିଏସଆର୍‌ସି ସମ୍ପାଦକ ସମୀର କୁମାର ବେହେରା ଉପସ୍ଥିତ ହୋଇ ପ୍ରକଳ୍ପ ଆଣିଥିବା ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ସହ ଆଲୋଚନା

ନୂଆପଡ଼ା,୨୯।୧୧ (ମକାରୁ ବେମାଲ)


ଜିଲାପାଳଙ୍କ ସହ ଭାଜପା ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ନୂଆପଡ଼ା ଜିଲା ଭାଜପାର ଏକ ପ୍ରତିନିଧି ଟିମ୍ ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲାପାଳ ହେମକାନ୍ତ ସାଏଙ୍କ ସହ ଆଲୋଚନା କରିଛନ୍ତି। ଟିମ୍‌ରେ ଜିଲା ସଭପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଦୁମଣି ପାଣଗ୍ରାହୀ, ପ୍ରସନ୍ନ ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ତୁଳସ ପଟେଲ, କମଳେଶ ଦୀକ୍ଷିତ, ଯୁବ ମୋର୍ଚ୍ଚା ସଭପତି ଅଭିନନ୍ଦନ ପଣ୍ଡା, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଗୋଲ୍ଡି ଅଗ୍ରୱାଲ, ଲାଲାରାମ ସାହୁ ପ୍ରମୁଖ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷତ କରି ଜିଲାର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରି ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ଧାନ ମଣ୍ଡିରେ ଚାଷୀଙ୍କ ଶୋଷଣ ତଥା ମିଲର୍ସ ଓ ଅଧିକାରୀ ରାଜ ଖତମ କରିବା ପାଇଁ ଦାବି କରାଯାଇଥିଲା। ଗତ ୯ ବର୍ଷରେ ଜିଲାରେ ଚାଷୀଙ୍କଠାରୁ ବିଭିନ୍ନ ଉପାୟରେ କଟନି ଛଟନି, ବସ୍ତା, ଅଭାବୀ ବିକ୍ରୀ ଇତ୍ୟାଦି ମିଶାଇଲେ ପ୍ରାୟ ଆନୁମାନିକ ସାଢ଼େ ସାତ ଶହ କୋଟି ଟଙ୍କା ଲୁଟ କରାଯାଇଛି ବୋଲି ଏମ୍‌ପି ଉଦବେଗ ଓ କ୍ଷୋଭ ପ୍ରକାଶ କରିଥିଲେ। ଏହି ଯୋଜନା ବଦ୍ଧ ଶୋଷଣ ବ୍ୟବସ୍ଥା ବିରୋଧରେ ଉଦାହରଣ ଯୋଗ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅଙ୍କୁଶ ଲଗେଇବା ପାଇଁ ଜିଲାପାଳଙ୍କଠାରେ ଦାବି କରିଥିଲେ।

# ପ୍ରଥମ ଦିନରେ ୧୭୦ କୁଇଣ୍ଟାଲ ଧାନ କ୍ରୟ

କୋକସରା,୨୯।୧୧ (ଦୁଷ୍ମନ୍ତ କୁମାର ପାଟଯୋଶୀ)

**କୋକସରାରେ ଖରିଫ ଧାନ ମଣ୍ଡି ଉଦ୍‌ଘାଟିତ**

କଳାହାଣ୍ଡି ଜିଲା କୋକସରାଠାରେ ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ଓ ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ବୁଧବାର ଶୁଭାରମ୍ଭ ହୋଇଛି। କୋକସରା ସମବାୟ ସମିତି ସଭାପତି କିଶୋର ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ଉପଜିଲାପାଳ ବିରଞ୍ଚି ନାରାୟଣ ଦାରୁଆନ, ମୁଖ୍ୟବକ୍ତା ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ ଚିଫ ସିଏସଓ ପବିତ୍ର କୁମାର ସାହୁ, ଉପଖଣ୍ଡ ଯୋଗାଣ ଅଧିକାରୀ ଧର୍ମଗଡ଼ ଦୁର୍ଗା ପ୍ରସାଦ ମାଝି, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ମୁଖୀଗୁଡା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଅବକାଶ ବେହେରା, କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳକ ଇନ୍ଦ୍ରମଣି ଧ. ମାଝି, ମିଲର୍ସ ଆସୋସିଏଶନ ଉପସଭାପତି ଯୁଗଳ କିଶୋର ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଥମ ଦିନରେ ୩ଜଣଙ୍କ ୧୭୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। କୁଇଣ୍ଟାଲ ପ୍ରତି ଚାଷୀଙ୍କଠାରୁ ୫ରୁ ୧୦ କେଜି ପର୍ଯ୍ୟନ୍ତ କଟନୀ କରିବା ବନ୍ଦ କରାଯାଉ ବୋଲି ନେତା ଶିବପ୍ରସାଦ ପ୍ରଧାନୀ ଓ ଚାଷୀ ଲକ୍ଷ୍ମୀ ନାରାୟଣ ପ୍ରଧାନୀ, ଲକ୍ଷ୍ମଣ ନାଏକ, ମୁକ୍ତେଶର ନାଏକ, ବାଳ ମୁକୁନ୍ଦ ଚୌଧୁରୀ, ସୁବୋଧ ପଣ୍ଡା, ପିତାମ୍ବର ପଟ୍ଟନାୟକ, କୃପାସିନ୍ଧୁ ପ୍ରଧାନୀ ପ୍ରମୁଖ ଚାଷୀମାନେ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିଲ ମାଲିକ ପ୍ରଶାନ୍ତ ସାହୁ, ଜବାହରଲାଲ ଗୁପ୍ତା, ବ୍ଲକ ଯୋଗାଣ ଅଧିକାରୀ ଜଗାରାମ ମୁର୍ମୁ, କୃଷି ଅଧିକାରୀ ବିପିନ ଟୋଳଟିଆଙ୍କ ସମେତ ଆରଏମସି, ପାକ୍ସ କର୍ମଚାରୀମାନେ ସହଯୋଗ କରିଥିଲେ।


ଖରିଫ ଧାନ ମଣ୍ଡି ଉଦ୍‌ଘାଟନ ପାଇଁ ପୂଜା କରାଯାଉଛି।

# ହିତାଧିକାରୀଙ୍କୁ ମିଳିନି ୩ମାସର ଚାଉଳ

ନୂଆପଡ଼ା,୨୯।୧୧ (ମକାରୁ ବେମାଲ)


ବ୍ଲକ ଘେରାଉ କରିଥିବା ହିତାଧିକାରୀ।

**ବ୍ଲକ କାର୍ଯ୍ୟାଳୟ ଘେରାଉ, ବିକ୍ଷୋଭ**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ପଞ୍ଚାୟତ ଲାର୍କି ଗାଁର ହିତାଧିକାରୀମାନେ ୩ ମାସ ହେଲା ପିଡିଏସ୍ ଚାଉଳ ପାଇ ନାହାନ୍ତି। ଲୋକଙ୍କୁ ଭୁଆଁ ବୁଲାଉ ଥିବାରୁ ବୁଧବାର ଶତାଧିକ ହିତାଧିକାରୀ କୋମନା ବ୍ଲକ କାର୍ଯ୍ୟାଳୟ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକଙ୍କୁ ହିତାଧିକାରୀମାନେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଶୁଣୁ ନ ଥିବାରୁ ସେମାନେ ବାଧ ହେଇ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆସୁ ନ ଥିବା ମଧ ୱାର୍ଡମେମ୍ବରମାନେ ଅଭିଯୋଗ କରିଛନ୍ତି। ଭତ୍ତା ଦେବାରେ ମଧ ଅବହେଳା କରିଛନ୍ତି। ବିଡିଓ ହିତାଂଶୁ ଶେଖର ସାମଲ ତଦନ୍ତ କରି ତିନି ଦିନ ମଧ୍ୟରେ ଚାଉଳ ଦିଆଯିବ ଏବଂ ଦୋଷୀଙ୍କୁ ଆଇନ ଅନୁଯାଇ ଦଣ୍ଡ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବ୍ଲକ ଘେରାଉରେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସଭାପତି କମଳ ଚରଣ ତାଣ୍ଡି, ଯୁବ କଂଗ୍ରେସ ନେତା ନରେନ୍ଦ୍ର ନାଗ, ଦଳିତ ଅଧିକାର ମଞ୍ଚ ଜିଲା ସଭାପତି ରଞ୍ଜନ ସେନାପତି, ଆମ୍ବେଡକର ଯୁବକ ସଙ୍ଗଠନ ସଭାପତି ଅଜମ୍ବର ତାଣ୍ଡି, କୋମନା ବ୍ଲକ ସଭାପତି ଶ୍ରୀମୁଖ ସୁନା, ଲକ୍ଷ୍ମୀକାନ୍ତ ତାଣ୍ଡି, ଗଣେଶ ରଥ, ଲକ୍ଷପତି ସୁନା, ଭାଳେଶ୍ୱର ନାଗ ଅବନୀ ଶଗରିଆ, ମହାଦେଇ ନାଗ, କଲୋ ନାଗ, ମହାରଗି ବାଗ, କୈଳାସ ତାଣ୍ଡି, ଛବି ନିଆଲ, ହରଦାସ ନାଗ, ରିଙ୍କୁ ଦୁରିଆଙ୍କ ସମେତ ଶତାଧିକ ହିତାଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୬ ପ୍ରକଳ୍ପ ଶିଳାନ୍ୟାସ, କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ କରିବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ରାଉରକେଲା,୨୯।୧୧(ସଙ୍ଗୀତା ଜେନା)

ଗୁରୁବାର ସକାଳେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାରେ ଥିବା ୬ଟି ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବା ସହ କ୍ୟାମ୍ପସ ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟର ଉଦ୍‌ଘାଟନ କରିବେ କେନ୍ଦ୍ର ଶିକ୍ଷା, କୌଶଳ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ରାଉରକେଲା ବିଧାୟକ ତଥା ରାଜ୍ୟ ଶ୍ରମମନ୍ତ୍ରୀ ଶାରଦା ନାୟକ, ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ, ଏମ୍ ସିଏଲ୍‌ର ଅତିରିକ୍ତ ଅଧ୍ୟକ୍ଷ ତଥା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେଶବ ରାଓ ପ୍ରମୁଖ ଯୋଗଦେବେ। ଶିଳାନ୍ୟାସ, ଉଦ୍‌ଘାଟନ ପରେ ଏକ ବୈଠକ କାର୍ଯ୍ୟକ୍ରମ କ୍ୟାମ୍ପସ ପରିସରରେ ଥିବା ଦିଲ୍ଲୀପ ତିର୍କୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଏମ୍‌ସିଏଲ୍‌ର ପାରିପାର୍ଶ୍ୱିକ ବିକାଶ ପାଣ୍ଠିରୁ ୪୨.୬୯ କୋଟି ବ୍ୟୟରେ ୫ଶହ ଶଯ୍ୟାବିଶିଷ୍ଟ ଛାତ୍ରୀ ନିବାସ, ୭୭.୮୩ କୋଟି ଟଙ୍କାରେ ବ୍ୟୟରେ ହେବାକୁ ଥିବା ୧ହଜାର ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ, ଏନ୍‌ଆଇଟି ମଧ୍ୟରେ ୧.୫ ଏମଏଲଡ଼ି ସ୍ୱେରେଜ ପ୍ଲାଣ୍ଟ, ୭୨ଟି ଆବାସଗୃହ ଆଦିର ଶିଳାନ୍ୟାସ ଅନ୍ତର୍ଭୁକ୍ତ ରହିଛି। ଏନ୍‌ଆଇଟି ରାଉରକେଲାରେ ୨୦ ପ୍ରତିଶତ ଛାତ୍ରୀ ସଂରକ୍ଷଣ ବ୍ୟବସ୍ଥା ରହିଛି। ୟୁଜିରେ ୯୬୦ଟି, ପିଜି କୋର୍ସରେ ୪୨୦ଟି, ପିଏଚ୍‌ଡ଼ି କୋର୍ସରେ ୫୦୩ଟି ସିଟ୍ ରହିଛି। ଛାତ୍ରୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏପରି କରାଯାଇଛି। ଏ ନେଇ ଏନ୍‌ଆଇଟି ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

### କସ୍ତୁରୀ ସାଂସ୍କୃତିକ ମହୋତ୍ସବରେ ସମ୍ମାନିତ ହେବେ ସିନେ ତାରକା ଅଶ୍ରୁମୋଚନଙ୍କ ସମେତ ୩ ଜଣ

ରାଉରକେଲା,୨୯।୧୧(ସଙ୍ଗୀତା ଜେନା): ଡିସେମ୍ବର ୧୩ରୁ ୧୫ ରାଉରକେଲାରେ ଅନୁଷ୍ଠିତ ହେବାକୁ ଯାଉଛି କସ୍ତୁରୀ ସାଂସ୍କୃତିକ ମହୋତ୍ସବ। ଚଳିତବର୍ଷ ରାଜ୍ୟର ବିଶିଷ୍ଟ ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀ, ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତି କସ୍ତୁରୀ ସମ୍ମାନରେ ସମ୍ବର୍ଦ୍ଧିତ ହେବେ। ସେହିପରି ଶ୍ରେଷ୍ଠ ଆୟୋଜକ ଭାବେ ରାଉରକେଲାର ଭାସ୍କର ଚନ୍ଦ୍ର ମହାପାତ୍ର ସମ୍ମାନିତ ହେବେ। ୩ ଦିନବ୍ୟାପୀ ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅନ୍ୟ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ନାଟକ ପରିବେଷଣ କରାଯିବ। ଏ ନେଇ କସ୍ତୁରୀର ସାଧାରଣ ସମ୍ପାଦକ ରାଧାଶ୍ୟାମ ମହାନ୍ତି ବୁଧବାର ପ୍ରେସବିବୃତ୍ତିରେ ସୂଚନା ଦେଇଛନ୍ତି।

# ମଣ୍ଡି ସମସ୍ୟାର ସମାଧାନ କରାଯାଉ



ଭାଜପା କୃଷକମୋର୍ଚ୍ଚା ନେତୃମଣ୍ଡଳୀ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

### ଉପଜିଲାପାଳଙ୍କୁ କୃଷକ ମୋର୍ଚ୍ଚାର ସ୍ମାରକପତ୍ର

ରାଉରକେଲା, ୨୯।୧୧(ସଙ୍ଗୀତା ଜେନା)

ମଣ୍ଡି ସମସ୍ୟାର ସମାଧାନ କରାଯାଉ ବୋଲି ଭାଜପା କୃଷକ ମୋର୍ଚ୍ଚା ଦାବି ଉଠାଇଛି। ତୁରନ୍ତ ଧାନ ମଣ୍ଡି ଖୋଲିବା, ଧାନମଣ୍ଡିଗୁଡ଼ିକ ପ୍ରତିଦିନ ଖୋଲାରହୁ, କଟନୀ ଛଟନୀ ବନ୍ଦ, ମିଲର୍ସଙ୍କ ଦାଦାଗିରି ବନ୍ଦ କରିବା, ଧାନ କିଣିବା କାମରେ ଟୋକନ୍ ବ୍ୟବସ୍ଥା ଉଚ୍ଛେଦ କରିବା ଆଦି ଦାବି କରିଛି ଜିଲା କୃଷକ ମୋର୍ଚ୍ଚା। ଏହି ସବୁ ଦାବିକୁ ନେଇ ବୁଧବାର ଜିଲା କୃଷକ ମୋର୍ଚ୍ଚା ସଭାପତି ଶୁକଦେବ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପାନପୋଷ ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ୨୦୧୪ରେ ମୋଦିଙ୍କ ଶାସନ ପରେ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବାକୁ ବିଭିନ୍ନ କଲ୍ୟାଣକାରୀ ଯୋଜନା ପ୍ରଣୟନ ହୋଇଛି। ରାଜ୍ୟରେ ଧାନ କିଣାବିକାକୁ ନେଇ ଅନିୟମିତତା ହେଉଥିବା ବେଳେ ଶୀତଳଭଣ୍ଡାର ଘୋଷଣା ମଧ୍ୟ ରାଜ୍ୟ ସରକାରଙ୍କ ଧୂଆଁ ବାଣରେ ପରିଣତ ହୋଇଛି। ଉଚିତ ସମୟରେ ଧାନମଣ୍ଡି ନ ଖୋଲିବାରୁ କୃଷକମାନେ ବାଧ୍ୟ ହୋଇ ବ୍ୟବସାୟୀମାନଙ୍କୁ କମ୍ ଦରରେ ଧାନ ବିକ୍ରୟ କରୁଛନ୍ତି। ଆର୍ଥିକ କ୍ଷତି ସହୁଛନ୍ତି। ତେଣୁ ଏହାର ବିହିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ତୁରନ୍ତ ମଣ୍ଡିଗୁଡ଼ିକୁ ଖୋଲାଯାଉ ବୋଲି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଉଦିତନଗରସ୍ଥିତ ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। କୁଆଁରମୁଣ୍ଡା ବ୍ଲକରେ ଏପରି ଅନିୟମିତତା ହେଉଥିବା ଅଭିଯୋଗ କରିଥିଲେ ନେତୃମଣ୍ଡଳୀ। ତୁରନ୍ତ ସମସ୍ୟାର ସମାଧାନ ପାଇଁ ଉପଜିଲାପାଳ ନାୟକ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ପ୍ରତିନିଧିମଣ୍ଡଳୀରେ ରାଜ୍ୟ ପ୍ରବକ୍ତା ଧୀରେନ ସେନାପତି, ଲତିକା ପଟ୍ଟନାୟକ, ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ନିହାର ରାୟ, ଜିଲା ସାଧାରଣ ସମ୍ପାଦକ ଶଶାଙ୍କ ଜେନା, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, କୋଷାଧ୍ୟକ୍ଷ ମନୋଜ ମାହେଶ୍ୱରୀ, ସରୋଜ ଦାସ, ପରୀକ୍ଷିତ ସାହୁ, କୈଳାସ ରାଉତ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସହରାଞ୍ଚଳ ସ୍ୱାସ୍ଥ୍ୟସେବା ମିଶନ ବାଟବଣା

### ରୋଗୀ ଓ ରୋଗ ଅନୁପାତରେ ଉପଲବ୍ଧ ରହୁନାହିଁ ଜରୁରୀ ଔଷଧ

ରାଉରକେଲା,୨୯।୧୧(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ସହରରେ ରାଜ୍ୟ ସରକାରଙ୍କ ସିଟି ହେଲ୍‌ଥ ମିଶନ ଯୋଜନା ଅନୁଯାୟୀ ବସ୍ତି ଅଞ୍ଚଳର ଲକ୍ଷଲକ୍ଷ ରୋଗୀ ଉପକୃତ ହେଉଛନ୍ତି। ପ୍ରତି ୫୦ହଜାର ଜନସଂଖ୍ୟାରେ ସହରର ବସ୍ତିବାସିନ୍ଦାଙ୍କ ପାଇଁ ଉତ୍କୃଷ୍ଟ ମାନର ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପିତ ହୋଇଛି। ରାଉରକେଲା ବସ୍ତି ଅଞ୍ଚଳରେ ରହୁଥିବା ଲକ୍ଷାଧିକ ରୋଗୀଙ୍କୁ ସରଳ ଉପାୟରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦେବା ନିମନ୍ତେ ସିପିଏମୟୁ ମାଧ୍ୟମରେ ୧୦ଟି ସମନ୍ୱିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସହରର ୪୦ଟି ୱାର୍ଡରେ ଥିବା ୧୩୨ଟି ବସ୍ତିର ଲକ୍ଷାଧିକ ଲୋକ ସିଟି ଅର୍ବାନ ହେଲ୍‌ଥ ମିଶନ ଯୋଜନାରେ ନିଶୁଳ୍କ ସ୍ୱାସ୍ଥ୍ୟସେବା ପାଉଛନ୍ତି। ଉକ୍ତ ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ର ହେଲା ବାସନ୍ତୀ କଲୋନୀ, ଗୋପବନ୍ଧୁପାଲ୍ଲୀ, କୋଏଲ ନଗର, ସେକ୍ଟର-୬, ହମିରପୁର, ଛେଣ୍ଡ, ମହତାବ ରୋଡ, ବାଲୁଘାଟ, ସେକ୍ଟର-୨୨, ତିଲକା ନଗର ସମନ୍ୱିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର। ଏଥିସହିତ ରାଉରକେଲା ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ରେଗୁଲାର ମେଡିକାଲ ଅଧିକାରୀଙ୍କ ସହିତ ପ୍ରତ୍ୟେକ ସାପ୍ତାହିକ ଦିବସରେ ଚୁକ୍ତିଭିତ୍ତିକ ବିଭିନ୍ନ ବିଭାଗର ବିଶେଷଜ୍ଞ ଓ ଫାର୍ମାସିଷ୍ଟ ନିୟୋଜିତ ରହିଛନ୍ତି। ଏମାନଙ୍କ ଦ୍ୱାରା ମାଗଣାରେ ଔଷଧ ଓ ଚିକିତ୍ସାସେବା ରାଉରକେଲାର ବସ୍ତିରେ ରହୁଥିବା ରୋଗୀଙ୍କୁ ପ୍ରଦାନ ହେଉଛି। ବିଶେଷଜ୍ଞ ଡାକ୍ତର ନିର୍ଦ୍ଦିଷ୍ଟ ବାରରେ ସ୍ୱାସ୍ଥ୍ୟକେନ୍ଦ୍ରର ଓପିଡିରେ ରୋଗୀମାନଙ୍କ ପ୍ରାଥମିକ ଚିକିତ୍ସା କରନ୍ତି। ରୋଗ ମୁତାବକ ମେଡିସିନ ପ୍ରେସକିପସନ ଦେବା ଓ ପ୍ରେସକିପସନ ମୁତାବକ ରୋଗୀଙ୍କୁ ଔଷଧ ପ୍ରଦାନ ସେବା ମଧ୍ୟ ଧାର୍ଯ୍ୟ ରହିଛି। ଜଟିଳସ୍ଥିତି ସମ୍ପନ୍ନ ରୋଗୀଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ)କୁ ରେଫର ହେବା ମଧ୍ୟ ଧାର୍ଯ୍ୟ ରହିଛି। ମାତ୍ର ଚିନ୍ତାର ବିଷୟ ସହରର ୧୦ପ୍ରମୁଖ ସମନ୍ୱିତ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ଅନୁପାତ ଅନୁଯାୟୀ ଆବଶ୍ୟକୀୟ ପରିମାଣ ଔଷଧ ଉପଲବ୍ଧ ରହୁ ନ ଥିବା ବସ୍ତିଅଞ୍ଚଳ ରୋଗୀ ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟୋଜିତ ଥିବା ଅଧିକାରୀ ଦର୍ଶାଉଛନ୍ତି। ଏଥିସହ ପ୍ରାୟ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଟି କୋଟି ଟଙ୍କା ଔଷଧପତ୍ର ଶୀତଳୀଯନ୍ତ୍ରାଦି ବ୍ୟବସ୍ଥା ଅଭାବରୁ ଖୋଲାରେ ରଖା ଯାଉଥିବାରୁ ମୂଲ୍ୟବାନ ଔଷଧମାନ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ବିଶେଷତଃ ମଧୁମେହ ଓ ରକ୍ତଚାପ ଜନିତ ଔଷଧ, ଶିଶୁଙ୍କ ଔଷଧ ସର୍ବଦା ଅଭାବ ରହୁଛି। ଏନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କାହ୍ନୁ ଚରଣ ନାଏକଙ୍କୁ ପଚାରିବାରୁ କହିଲେ, ସହରର ୧୦ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ପାଇଁ ସମସ୍ତ ସରକାରୀ ଔଷଧ ତୁରନ୍ତ ଉପଲବ୍ଧ କରାଯିବା ସହ ଅବହେଳିତ କାର୍ଯ୍ୟ ହେଉଥିବା ପ୍ରମାଣ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜିଲା ମେଡିସିନ ଷ୍ଟୋର ଫାର୍ମାସିଷ୍ଟ ନିତ୍ୟାନନ୍ଦ ରଣା କହିଲେ, ନିୟମିତ ଔଷଧମାନ ୧୦ କେନ୍ଦ୍ରକୁ ଯାଉଛି। ଆଗକୁ ଔଷଧ ବିତରଣ ବ୍ୟବସ୍ଥା ଅଧିକ ବଳବତ୍ତର ହେବ।

# ରାଜ୍ୟ ସରକାରଙ୍କ ଜମି ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ରାଉରକେଲା, ୨୯।୧୧(ସଙ୍ଗୀତା ଜେନା)



ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଓ ଅନ୍ୟମାନେ।

୪ର୍ଥ ରେଳ ଲାଇନ୍ ସମ୍ପ୍ରସାରଣକୁ ନେଇ ମୁଣ୍ଡ ଟେକିଛି ବିବାଦ। ରାଜ୍ୟ ସରକାରଙ୍କ ଜମି ଉପରେ ରେଳବାଇ କର୍ତ୍ତୃପକ୍ଷଙ୍କ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ବହୁ ବର୍ଷ ପୂର୍ବେ ଏହି ଜମିଗୁଡ଼ିକର ମାଲିକାନା ସ୍ଥାନୀୟ ଲୋକ ଥିଲେ। ପରେ ରାଜ୍ୟ ସରକାର ପ୍ରକଳ୍ପ କରିବା ପାଇଁ ନେଇଥିଲେ। ହେଲେ ତାହା ବ୍ୟବହୃତ ହୋଇପାରିଲା ନାହିଁ। ଏପରିକି ଉକ୍ତ ଜମିଗୁଡ଼ିକୁ ସ୍ଥାନୀୟ ଲୋକଙ୍କୁ ଫେରସ୍ତ ମଧ୍ୟ କରାଗଲା ନାହିଁ। ତେବେ ଏହା ଉପରେ ଜୋରଜବରଦସ୍ତ ରେଳବାଇ କର୍ତ୍ତୃପକ୍ଷ ମୁମ୍ବାଇ-ହାୱଡ଼ା ୪ର୍ଥ ରେଳଲାଇନ୍ ନିର୍ମାଣ କରୁଛନ୍ତି। ବନ୍ଧମୁଣ୍ଡା, ବରକାନୀ, କୁକୁଡ଼ାଗେଟ୍, ସେକ୍ଟର-୨୧, ଉଡ଼ସୁ, ଆର୍‌ଏସ୍ କଲୋନୀ ପ୍ରଭୃତି ଅଞ୍ଚଳରେ ରେଳବାଇ କର୍ତ୍ତୃପକ୍ଷ ମନମୁଖୀ କାର୍ଯ୍ୟ ଜାରି ରଖିଛନ୍ତି। ରାଜ୍ୟ ସରକାରଙ୍କ ଠାରୁ ଜମି ହାତକୁ ନ ନେଇ ଏପରି କାମ କରୁଛି ରେଳବାଇ। ଏହା ବିରୋଧରେ ପୂର୍ବତନ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଗତ ୬ ତାରିଖରେ ପାନପୋଷ ଉପଜିଲାପାଳଙ୍କୁ କାର୍ଯ୍ୟବନ୍ଦ କରିବାକୁ ଶତାଧିକ ସ୍ଥାନୀୟ ଲୋକଙ୍କ ସହ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ। ହେଲେ ପ୍ରଶାସନ କର୍ଣ୍ଣପାତ କରି ନ ଥିଲା। କାର୍ଯ୍ୟ ଜାରି ରଖିଥିବାରୁ ବୁଧବାର ତିର୍କୀଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକମାନେ ଆସି ପାନପୋଷ ଉପଜିଲାପାଳ ବିଜୟ ନାୟକଙ୍କୁ ଭେଟି ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ରେଳବାଇ କାର୍ଯ୍ୟ ବନ୍ଦ ନ କଲେ ରେଳପଥ ଅବରୋଧ କରିବେ ବୋଲି ଅସନ୍ତୁଷ୍ଟ ସ୍ଥାନୀୟ ଲୋକେ ଗତ ୬ ତାରିଖରେ ଚେତାବନୀ ମଧ୍ୟ ଦେଇଥିଲେ।

# ନବବିବାହିତାଙ୍କ ଫଟୋ ଭାଇରାଲ, ଥାନାରେ ମାମଲା

ରାଉରକେଲା,୨୯।୧୧(ସଙ୍ଗୀତାଜେନା)

ରେଳବାଇ କଲୋନୀ ଅଞ୍ଚଳରେ ଜଣେ ଯୁବକ ତାଙ୍କର ପୂର୍ବ ସମ୍ପର୍କିତ ଜଣେ ନବବିବାହିତାଙ୍କ ଫଟୋ ଭାଇରାଲ କରିଥିବା ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୧୧/୨୩) ରୁଜୁ କରି ତଦନ୍ତ କରୁଛି। ସୂଚନାଯୋଗ୍ୟ, ରେଳବାଇ କଲୋନୀରେ ରହୁଥିବା ଜଣେ ଯୁବକ ଓ ଯୁବତୀଙ୍କ ପ୍ରେମ ସମ୍ପର୍କ ଥିଲା। ଦୁଇ ପରିବାର ମଧ୍ୟରେ ସହମତି ନ ହେବାରୁ ବିବାହ ହୋଇ ପାରି ନ ଥିଲା। ଉଭୟ ଯୁବକ ଓ ଯୁବତୀ ନିଜର ଫଟୋକୁ ନେଇ ବ୍ୟବହାର କରିବେ ନାହିଁ ବୋଲି ଆପୋଷ ଚୁକ୍ତି ମଧ୍ୟ ହୋଇଥିଲା। ହେଲେ ମଙ୍ଗଳବାର ଯୁବତୀଙ୍କ ବିବାହ ସମ୍ପନ୍ନ ହେବା ପରେ ଆକ୍ରୋଶରେ ଯୁବକ ଜଣଙ୍କ ଉକ୍ତ ନବବିବାହିତା ଯୁବତୀଙ୍କ ଫଟୋକୁ ସୋସିଆଲ ମିଡ଼ିଆରେ ଭାଇରାଲ କରିଦେଇଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶା ଉପଲକ୍ଷେ ନାଟକ ଶ୍ରୀମତୀ କମ୍ ନୁହନ୍ତି ହେବ ମଞ୍ଚସ୍ଥ



ଗଙ୍ଗା, କଲ୍ୟାଣୀ ଚରିତ୍ରରେ ଅଭିନୟ ଭିତ୍ତିକ ଅଭ୍ୟାସ ଚାଲିଛି।

ରାଉରକେଲା,୨୯।୧୧(ବିପ୍ଳବରଞ୍ଜନ ଦାଶ)

ରାଉରକେଲା କଲ୍ୟାଣୀ ରାୟ ଡିଗ୍ରୀ କଲେଜ ଛାତ୍ରୀଛାତ୍ର ଆସନ୍ତା ୧୨ତାରିଖ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସୌଜନ୍ୟତାରେ ପରିବେଷଣ କରିବାକୁ ଯାଉଛନ୍ତି ନାଟକ ଶ୍ରୀମତୀ କମ ନୁହନ୍ତି। ନାଟକରେ ପିଲାଙ୍କ ନିଖୁଣ ଅଭିନୟ ପ୍ରଦର୍ଶନ ନିମନ୍ତେ କଲେଜ ତରଫରୁ ବ୍ୟାପକ ରିଅଲସିଏଲ କରାଯାଉଛି। ଏହି ନାଟକ ମହିଳା ଶସକ୍ତିକରଣ ଉପରେ ଆଧାରିତ ରହିଛି। ନାଟକ ଶ୍ରୀମତୀ କମ ନୁହଁନ୍ତିରେ ଅଧ୍ୟାପକ ଗୋପୀନାଥ ମିଶ୍ରଙ୍କ ଚାକରାଣୀ ବୋହୁ ଗଙ୍ଗା କିଭଳି ଭାବରେ ଗୋପୀନାଥଙ୍କ ଅସଜଡା ପରିବାରକୁ ସଜାଡିଛି। ପରିବାର ସଜାଡିବାରେ ଗଙ୍ଗାର ରହିଥିବା ତ୍ୟାଗ ଓ ସମର୍ପଣ ସେବା ମନୋଭାବକୁ ନାଟକରେ ରୂପାନ୍ତରିତ କରାଯାଇଛି। ଅନ୍ୟପଟେ ଗୋପୀନାଥଙ୍କର ସ୍ତ୍ରୀ ସଭାନେତ୍ରୀ କଲ୍ୟାଣୀଙ୍କର ମନୋଭାବ ଗଙ୍ଗାର ସତ୍ୟ, ଶାନ୍ତି, ଅହିଂସା ଓ ମୈତ୍ରୀ ସ୍ୱଭାବ ଆଗରେ ହାର ମାନିଛି ସେ ଉପରେ ଆଧାରିତ ରହିଛି। ନାଟକଟି ନାରୀର ଅସଲ ସୌନ୍ଦର୍ଯ୍ୟତା ତାର ଦୃଢ ମନୋବଳ ଓ ନିର୍ଭରଶୀଳତାକୁ ନେଇ କେନ୍ଦ୍ରୀଭୂତ ରହିଛି। ତେବେ ନାଟକ ମୁଖ୍ୟ ଚରିତ୍ର ଗଙ୍ଗାରେ ଯୁକ୍ତତିନି ସ୍ନାତକୋତ୍ତର ଶେଷବର୍ଷ ଛାତ୍ରୀ ପାୟଲ ପାଣି, କଲ୍ୟାଣୀ ଭୂମିକାରେ ଶୁଭଲକ୍ଷ୍ମୀ ଦାସ ଯୁକ୍ତତିନି ସ୍ନାତକୋତ୍ତର ବିଜ୍ଞାନ ଛାତ୍ରୀ ଓ ଅନ୍ୟାନ୍ୟ ଭୂମିକାରେ କଲେଜର ନିରନ ଭଞ୍ଜ,ଚନ୍ଦନ ମହାନ୍ତ, ବଷ୍ଟି ଷଡଙ୍ଗୀ, ଅମିତ ସୁରେଙ୍ଗ ଓ ଆର୍ଯ୍ୟଦିପ୍ତ ରାଉତରାୟ ସମେତ ବହୁ ଛାତ୍ରୀ ଓ ଛାତ୍ର ଆସନ୍ତା ୧୨ତାରିଖ ଜୀବନ୍ତ ଅଭିନୟ ନିମନ୍ତେ ଅଭ୍ୟାସ କରୁଛନ୍ତି। କଲେଜ ଅଧ୍ୟକ୍ଷ କମଳାକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଇଂରାଜୀ ଅଧ୍ୟାପକ ହରିଶଙ୍କର ମିଶ୍ରଙ୍କ ନିର୍ଦ୍ଦେଶନାରେ ପିଲାମାନେ ନାଟକରେ ଜୀବନ୍ତ ଅଭିନୟ ପ୍ରଦର୍ଶନ ନିମନ୍ତେ ପ୍ରଶିକ୍ଷଣ ନେଉଛନ୍ତି।

# ସ୍ମାର୍ଟ ଆବାସିକ ପରିସର, ପ୍ରଶାସନିକ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ

ରାଉରକେଲା,୨୯।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ବୋଲାଣି ଲୌହଖଣିରେ କାର୍ଯ୍ୟରତ କର୍ମଚାରୀଙ୍କର କଲ୍ୟାଣାର୍ଥେ ସ୍ଥାନୀୟ ଲୌହଖଣି ପରିସରରେ ସ୍ମାର୍ଟ ଆବାସିକ ପରିସର ଓ ପ୍ରଶାସନିକ ଭବନ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଆର୍‌ଏସ୍‌ପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଦ୍ୱାରା ସ୍ଥାପିତ ହୋଇଛି। ଏହି ଅବସରରେ ଦୀପିକା ମହଳା ସଂଘତିର ଅଧ୍ୟକ୍ଷା ସୀମା ଦେବ ଭୌମିକ, ଆରଏସ୍‌ପି କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଆଲୋକ ବର୍ମା, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର ଓ ନମ୍ରତା ବର୍ମା, ବିଓଏମର



ସିଜିଏମ ଜୟଦେବ ଚଟ୍ଟୋପଧ୍ୟାୟ, ଜିଏମ୍ କେଭିନ ଘୋଷ, ଜି.ସି ହେମ୍ବ୍ରମ, ପ୍ରକଳ୍ପ ବିଭାଗର ଜିଏମ୍ ଆର. ମଣ୍ଡଳ, ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ପ୍ରକାଶ ଥାଉକି ଏହି ପ୍ରକଳ୍ପ କାର୍ଯ୍ୟ ମିନିରତ୍ନ କମ୍ପାନୀ ଏନବିସିସି ଦ୍ୱାରା କାର୍ଯ୍ୟକାରୀ ହେଉଛି। ଉଭୟ ହାଉସିଂ କମ୍ପ୍ଲେକ୍ସ ଓ ପ୍ରଶାସନିକ ଭବନ ଜି/ଯୁକ୍ତ-୧ ପ୍ଲାଟଫର୍ମରେ ନିର୍ମିତ ହେବ। ୧ମ ପର୍ଯ୍ୟାୟରେ ୪୦ଟି କୋଠା ନିର୍ମାଣ ହେବ। ପ୍ରତ୍ୟେକ ଭବନ ୮କୋଠା ବିଶିଷ୍ଟ ରହିବ। ସମସ୍ତ କୋଠାରେ ଦୈନିକ ଆବଶ୍ୟକୀୟ ସେବା ଉପଲବ୍ଧ ରହିବ। ସମସ୍ତ ବିଭାଗ ରହିବା ଭଳି ଆଧୁନିକ ସୁବିଧା ସୁଯୋଗ ବ୍ୟବସ୍ଥିତ ଭାବେ ଉପଲବ୍ଧ ରହିବା ଧାର୍ଯ୍ୟ ହୋଇଛି।

# ୧ ରୁ 'ଏକତ୍ର' ଅନୁଷ୍ଠାନ ପକ୍ଷରୁ ୧୨ଦିନବ୍ୟାପୀ ନାଟ୍ୟ ମହୋତ୍ସବ



ଖବରଦାତା ସମ୍ମିଳନୀରେ ଏକତ୍ର ଅନୁଷ୍ଠାନର କର୍ମକର୍ତ୍ତା।

ରାଉରକେଲା,୨୯।୧୧(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ସହରର ୨୫ଟି ପ୍ରମୁଖ ନାଟ୍ୟାନୁଷ୍ଠାନ ନେଇ ଗଠିତ ହୋଇଥିବା ଏକତ୍ର ଅନୁଷ୍ଠାନର ସୌଜନ୍ୟ କ୍ରମେ ଆସନ୍ତା ୧ ରୁ ୧୨ ତାରିଖ ଯାଏଁ ୧୨ଦିନ ବ୍ୟାପୀ ନାଟ୍ୟ ମହୋତ୍ସବ ଆୟୋଜିତ ହେବ। ରାଉରକେଲା ଇସ୍ପାତ ସହରାଞ୍ଚଳର ଆକର୍ଷଣୀୟ ପ୍ରେକ୍ଷାଳୟ ସିଭିକ ସେଣ୍ଟରଠାରେ ନାଟ୍ୟ ମହୋତ୍ସବ ଚାଲିବ ବୋଲି 'ଏକତ୍ର'ର ସଭାପତି ରାଜୀବ ପାଣି ବୁଧବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ନାଟ୍ୟ ମହୋତ୍ସବ ଆୟୋଜନ ଭିତ୍ତିକ ସୂଚନାରେ ୧୨ଦିନରେ ୧୨ଟି ନାଟକ ଆୟୋଜିତ ହେବା ନେଇ ସେ ଉଲ୍ଲେଖ କରିଥିଲେ। ୧୨ଟି ନାଟକ ହେଲା ପେଇଙ୍ଗ ଗେଷ୍ଟ, ମେଳି, ଜୀବନ ଏମିତି, ଈଶ୍ୱର ଆଲ୍ଲା ତେରେ ନାମ, ୟୁ ଆର ଅଣ୍ଡର ଆରେଷ୍ଟ, ପ୍ରଭାସ ଯଜ୍ଞ, ଅପରାହ୍ନର ଆକାଶ, ମହାଶୂନ୍ୟ, ଭକ୍ତ କର୍ମାବାଈ, କୁଆ ଚୋରୀ, ଭଲ ପାଇବାର ରଙ୍ଗ ଓ ମୁଁ ବିଶ୍ୱର ମହାନ୍ତି ମଞ୍ଚସ୍ଥ ହେବ। ଓଡ଼ିଆ ନାଟକକୁ ଲୋକାଭିମୁଖି କରିବା ଏ ମହୋତ୍ସବର ଉଦ୍ଦେଶ୍ୟ। ପ୍ରତ୍ୟେକ ସନ୍ଧ୍ୟା ୬ଟାରେ ଗୋଟିଏ ଲେଖାଏଁ ନାଟକ ମଞ୍ଚସ୍ଥ ହେବା ସହିତ ବରିଷ୍ଠ ବ୍ୟକ୍ତି ବିଶେଷଙ୍କର ଆତିଥ୍ୟରେ ଉଦ୍‌ଘାଟିତ ହେବ ବୋଲି ସୂଚନା ପ୍ରଦାନ କରିଥିଲେ। ତେବେ ଏ ସୂଚନା ପ୍ରଦାନ ସମୟରେ ସଭାପତିଙ୍କ ସମେତ ସମ୍ପାଦକ ସୁଦେଶ ନାୟକ, କାର୍ଯ୍ୟକାରୀ ସଭାପତି ଆଲୋକ ବୋଷ, ଲୋକସମ୍ପର୍କ ସଚିବ ଅକ୍ଷୟ ଧଳ, ଉପଦେଷ୍ଟା ମିହିର ରାୟ, କୈଳାସ ପାଣିଗ୍ରାହୀ, ପ୍ରଶାନ୍ତ ପତି, ଉପ-ସଭାପତି ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଅନୁଷ୍ଠାନର ଶତାଧିକ କର୍ମକର୍ତ୍ତା ସମ୍ମିଳିତ ହୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ, ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଆଲୋକପାତ କରିଥିଲେ। ଶେଷରେ ଉପ-ସଭାପତି ରମେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ପରିତ୍ୟକ୍ତ ଇସ୍ପାତ ହାଇସ୍କୁଲର ପୁନରୁଦ୍ଧାର ନେଇ ଦାବିପତ୍ର

ରାଉରକେଲା,୨୯।୧୧(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ଫର୍ଟିଲାଇଜର ଟାଉନଶିପ ଅଞ୍ଚଳରେ ପରିତ୍ୟକ୍ତ ଇସ୍ପାତ ହାଇସ୍କୁଲର ଅବସ୍ଥା ଦିନକୁ ଦିନ ଜରାଜୀର୍ଣ୍ଣ ହେବାରେ ଲାଗିଛି। ଫଳରେ ବହୁ ମୂଲ୍ୟ ଦୁଇ ମହଲା ବିଶିଷ୍ଟ ହାଇସ୍କୁଲ କୋଠା ଏବଂ ଖେଳ ପଡିଆ ଦିନକୁ ଦିବ ବ୍ୟବହାର ଅନୁପଯୋଗୀ ହେବାରେ ଲାଗିଛି। ହାଇସ୍କୁଲର ପୁରୁଣା କୋଠା ପୁନରୁଦ୍ଧାର ହେଲେ ବିଭିନ୍ନ ସରକାରୀ କାର୍ଯ୍ୟରେ ନିୟୋଜିତ ହେବା ସହିତ ସାଧରଣ ଲୋକଙ୍କ ସାମୂହିକ ହିତରେ ମଧ ବିନିଯୋଗ ହୋଇପାରନ୍ତା। ଅନ୍ୟପଟେ ହାଇସ୍କୁଲ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ହେତୁ ଅସାମାଜିକ ବ୍ୟକ୍ତିଙ୍କ ଚରାଭୁଇଁ ପାଲଟି ଯାଇଛି। ଏଣୁକରି ପରିତ୍ୟକ୍ତ ଅବସ୍ଥାରେ ଥିବା ହାଇସ୍କୁଲର ପୁରୁଣା କୋଠା ସହ ବିଦ୍ୟାଳୟ ପଛ ପଟ ଖେଳ ପଡିଆର ପୁନରୁଦ୍ଧାର ନିମନ୍ତେ ଉନ୍ନତିମୂଳକ କାର୍ଯ୍ୟ କରାଗଲେ ହାଇସ୍କୁଲ ଏବଂ ଖେଳ ପଡିଆ ବ୍ୟବହାର ଉପଯୋଗୀ ହେବା ସହିତ



ଇସ୍ପାତ କାରଖାନା ସହର ଶାଖା ଅଧିକାରୀଙ୍କ ସହ ଆଲୋଚନା ଚାଲିଛି।

ସ୍ଥାନୀୟ ଅଞ୍ଚଳର ସାଧାରଣ ଜନତା ଓ କ୍ରୀଡାପ୍ରତିଭା ଉପକୃତ ହୁଅନ୍ତେ ବୋଲି ଇସ୍ପାତ କାରଖାନା ସହର ଶାଖା ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ଓ ତାଙ୍କ ସହକର୍ମୀ। ଏହା ବ୍ୟତୀତ ବିଦ୍ୟୁତ୍ ବ୍ୟବସ୍ଥା ସୁଦୃଢ ସହ ଟାଉନଶିପ ଅନ୍ତର୍ଗତ ବାଲିଯୋଡି କାଳୀ ମନ୍ଦିର ରାସ୍ତା ନିର୍ମାଣ ନେଇ ବୁଧବାର ଦାବି ଉପସ୍ଥାପନା କରିଛନ୍ତି। ତେବେ ଏହିସବୁ ସମସ୍ୟା ଉପରେ ତଦନ୍ତ କରି ବିହିତ ପଦକ୍ଷେପ ନିଆଯିବ ବୋଲି ଇସ୍ପାତ କାରଖାନା ସହର ଶାଖା ଅଧିକାରୀ ସୂଚାଇଛନ୍ତି।

## ସଂକ୍ଷେପରେ

### ଡିସେମ୍ବର ପହିଲାରୁ ଶୂନ୍ୟ ମୃତ୍ୟୁ ସପ୍ତାହ

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)

ଡିସେମ୍ବର ପହିଲାରୁ ୭ ତାରିଖ ପର୍ଯ୍ୟନ୍ତ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯିବ। ଏ ନେଇ ଜିଲାପାଳ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୁର୍ଘଟଣା ପ୍ରବଣ ସ୍ଥାନରେ ପାଟ୍ରୋଲିଂକୁ ସୁଦୃଢ଼ କରିବା, ଟ୍ରାଫିକ ଉଲ୍ଲଂଘନକାରୀଙ୍କୁ ସଚେତନ କରିବା, ଫାଷ୍ଟ ରେସ୍ପଣ୍ଡର, ଆମ୍ବୁଲାନ୍ସ ଓ ଟ୍ରମା କେୟାର ସେଣ୍ଟର ମଧ୍ୟରେ ଯୋଗାଯୋଗ ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିପିଏସ୍ ଆଧାରିତ ୧୦୮ ଆମ୍ବୁଲାନ୍ସ ସେବା, ରୋଗୀଙ୍କୁ ୪୮ ଘଣ୍ଟିଆ ମାଗଣା ଚିକିତ୍ସା ପାଇଁ ବୈଠକରେ ସ୍ଥିର ହୋଇଥିଲା। ଏନ୍‌ଏଚ୍‌ଏଆଇ, ପୂର୍ତ୍ତ ବିଭାଗକୁ ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥ ରାସ୍ତା ଗୁଡିକର ଦୂରବସ୍ଥା ଏବଂ ଷ୍ଟ୍ରିଟ ଲାଇଟ ସମସ୍ୟା ସୁଧାରିବା ପାଇଁ ପରାମର୍ଶ ଦିଆଯାଇଥିଲା। ଗତ ବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ୪୨୫ ଦୁର୍ଘଟଣା ଘଟିଥିବା ବେଳେ ଚଳିତ ବର୍ଷ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ଦୁର୍ଘଟଣା ସଂଖ୍ୟା ୩୨୪କୁ ହ୍ରାସ ପାଇଛି। ମୃତ୍ୟୁସଂଖ୍ୟା ୧୭୭ରୁ ୧୬୧କୁ ହ୍ରାସ ପାଇଥିବା ବେଳେ ଏହାକୁ ଆହୁରି କମ କରିବା ଦିଗରେ ପଦକ୍ଷେପ ନିଆଯିବାକୁ ଆଲୋଚନା ହୋଇଥିଲା। ବୈଠକରେ ଆର୍‌ଟିଓ ରାମଦାସ ଟୁଡୁ, ଅତିରିକ୍ତ ଜିଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅଶୋକ ଦାସଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### କୁଚିଣ୍ଡା କଲେଜରେ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ

କୁଚିଣ୍ଡା,୨୯।୧୧(ବିରଞ୍ଚି ଦର୍ଶୀ)

କୁଚିଣ୍ଡା କଲେଜରେ ବୁଧବାର ପ୍ଲାଷ୍ଟିକ ମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନୂଆ-ଓ ( ନୂତନ ଉନ୍ନତ ଅଭିଳାଷି ଓଡିଶା) କାର୍ଯ୍ୟକ୍ରମ ଅବସରରେ ଯୁକ୍ତତିନି ବିଭାଗର ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି କୁଚିଣ୍ଡା ବସ୍‌ଷ୍ଟାଣ୍ଡ ଏବଂ ଫରେଷ୍ଟ ପାର୍କରେ ପହଞ୍ଚି ସଫେଇ କରିଥିଲେ। କଲେଜ ପରିଚାଳନା ସମିତ ସଭାପତି ହୃଦାନନ୍ଦ ଶର୍ମାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଏନ୍‌ଏସି ଅଧ୍ୟକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ମୁଖ୍ୟ ଅତିଥି, ଆଲୁମ୍‌ନୀ ସଭାପତି ପ୍ରଫୁଲ୍ଲ ସାହୁ, ବରିଷ୍ଠ ନାଗରିକ ସଂଘ ସଭାପତି ଜୟପ୍ରକାଶ ଗୁପ୍ତା, ପରିଚାଳନା ସମିତି ସଦସ୍ୟ ଲମ୍ବୋଦର କୁମୁରା, ସୁଙ୍କାନୀ ପଟେଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକର ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ କଲେଜର ଯୁକ୍ତତିନି ଛାତ୍ର ସୋହାଗ କୁମାର ପ୍ରଧାନଙ୍କ ଅକାଳ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ର, ଅଧ୍ୟାପକ ଟିକେଶ୍ୱର ଘୁଘର, ବିରେନ ଓରାମ, ଅଧ୍ୟାପିକା ବେଗମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଜାତୀୟ ସେବା ଯୋଜନା, ଯୁବ ରେଡ଼କ୍ରସ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସହଯୋଗ କରିଥିଲେ। ଶେଷରେ ଆଲୁମ୍‌ନୀ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶାର ପୁରାତନ କଳା ହେଉଛି ସଂକୀର୍ତ୍ତନ

ସମ୍ବଲପୁର,୨୯।୧୧(ବି.ଶଙ୍କର)

### ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପରିଷଦ କର୍ମକର୍ତ୍ତା।

ଓଡ଼ିଶାର ଏକ ପୁରାତନ କଳା ହେଉଛି ସଂକୀର୍ତ୍ତନ। ଏହି କଳା ଆଧ୍ୟାତ୍ମିକ ଭାବ ଜାଗ୍ରତ କରିବା ସାଙ୍ଗକୁ ସମାଜକୁ ସୁଧାରିବାରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରିଥାଏ । ତେଣୁ ଏହି ପୁରାତନ କଳାକୁ ବଞ୍ଚାଇବାକୁ କଳାକାରମାନଙ୍କୁ ରାଜ୍ୟ ସରକାର ସମସ୍ତ ପ୍ରକାର ସହଯୋଗ କରିବା ଉଚିତ। ସମ୍ବଲପୁର ଧମା ନିକଟ ନୂଆଗାଁସ୍ଥିତ ପରିଷଦର ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ତ୍ରୟୋଦଶ ପ୍ରତିଷ୍ଠା ଦିବସରେ ଅତିଥିମାନେ ଉପରୋକ୍ତ ମତପ୍ରକାଶ କରିଛନ୍ତି। ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା । ଜିଲା ସଂଯୋଜକ ଦିଲୀପ ବରେଇ, ବରଗଡ଼ ଜିଲା ସଂଯୋଜକ ଲଳିତ ଭୋଇ, କନ୍ଧମାଳ ଜିଲା ସଂଯୋଜକ ଅଜୟ କହଁର, ବଲାଙ୍ଗୀର ଜିଲା ସଂଯୋଜକ ଭରତ ସାହୁ, କଳାହାଣ୍ଡି ଜିଲା ସଂଯୋଜକ ଦୟାନନ୍ଦ ଗହୀର, ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ସଂଯୋଜକ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇ ପରିଷଦର ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଯିବା ସହ କାର୍ଯ୍ୟାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଂକୀର୍ତ୍ତନ ନାମରେ ବିଭିନ୍ନ ଅନୁଷ୍ଠାନ ଯେପରି ବ୍ୟବସାୟିକ ମନୋବୃତ୍ତି ନେଇ କାର୍ଯ୍ୟ କରୁଛନ୍ତି ତାକୁ ପ୍ରତିହତ କରିବା ପାଇଁ ସରକାରଙ୍କ ନିକଟରେ ଦୃଢ଼ ଦାବି ଜଣାଇଥିଲେ । ବରଗଡ଼ ଜିଲାର ବରିଷ୍ଠ ସଂକୀର୍ତ୍ତନ ଗୁରୁ ରାଜେନ୍ଦ୍ର ବେହେରା, ପରିଷଦର ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ପ୍ରଭାରୀ ରାଧେକୃଷ୍ଣ ପଣ୍ଡା, କୋଷାଧ୍ୟକ୍ଷ ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସଂଗଠନକୁ ମଜବୁତ କରିବା ଏବଂ କଳାକାରମାନେ ଯେପରି ସମସ୍ତ ସରକାରୀ ସୁବିଧାସୁଯୋଗ ପାଇପାରିବେ ସେଥିପାଇଁ ପରିଷଦ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ପରିଷଦର ସମ୍ପାଦକ ଲୋକନାଥ ମିଶ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ବଲପୁର ଜିଲା ସଭାପତି ସନ୍ତୋଷ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଗତ ଏକବର୍ଷ ମଧ୍ୟରେ ପରଲୋକ ଗମନ କରିଥିବା ସଂକୀର୍ତ୍ତନ କଳାକାରଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

## ହୀରାକୁଦ ରୋପ୍‌ୱେରେ ମିଳିତ ମକ୍‌ଡ୍ରିଲ

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)



ମିଳିତ ମକଡ୍ରିଲ ଅଭ୍ୟାସର ଦୃଶ୍ୟ।

ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ପକ୍ଷରୁ ହୀରାକୁଦ ଦାମୋଦର ରୋପୱେରେ ମିଳିତ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ରୋପୱେର ଅନୁଭୂତି ନେବାକୁ ପ୍ରତିଦିନ ୨୫୦ରୁ ୩୦୦ ପର୍ଯ୍ୟଟକ ଆସୁଛନ୍ତି। ପର୍ଯ୍ୟଟକମାନେ କିଭଳି ରୋପୱେରେ ସୁରକ୍ଷିତ ଯାତ୍ରାର ଅନୁଭୂତି ପାଇପାରିବେ ସେଥିପାଇଁ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଉପରେ ରୋପୱେ ପରିଚାଳନା ଟିମ୍‌କୁ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀ ପରାମର୍ଶ ଦେଇଥିଲା। କଟକ ମୁଣ୍ଡୁଳିର ୩ୟ ବାଟାଲିୟନ ପକ୍ଷରୁ ଟେବୁଲ ଟପ ଅଭ୍ୟାସ ମଧ୍ୟ ଆୟୋଜନ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗୌରବ ଜାଙ୍ଗଟେ ରୋପୱେର ସ୍ଥିତି ଅନୁଧ୍ୟାନ କରିବା ସହ ସୁରକ୍ଷିତ ପରିଚାଳନା ପାଇଁ ପରାମର୍ଶ ଦେଇଥିଲେ। ସମ୍ବଲପୁର ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ ପାଇଁ ଟିମ୍‌କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେଇଥିଲେ। ଜିଲା ପ୍ରକଳ୍ପ ଅଧିକାରୀ ଗୀତାଞ୍ଜଳି ସା ଏହାକୁ ପରିଚାଳନା କରିଥିଲେ। ହୀରାକୁଦ ମେଡିକାଲ ଅଫିସର ଡା. ଆଲିଫ ପଟ୍ଟନାୟକ, ବିପର୍ଯ୍ୟୟ ଜରୁରିକାଳୀନ ଅଧିକାରୀ ସୁଜିତ କୁମାର ଶତପଥୀ, ହୀରାକୁଦର ସହକାରୀ ଅଗ୍ନିଶମ ଅଧିକାରୀ ଲୋକେଶ୍ୱର ପଟେଲ ସାମିଲ ହୋଇଥିଲେ।

## ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲ୍‌ଫେୟାର ଟ୍ରଷ୍ଟ
# ଶିକ୍ଷା, ସ୍ୱାସ୍ଥ୍ୟପାଇଁ ସମର୍ପିତ

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)




ଖବରଦାତା ସମ୍ମିଳନୀରେ ୱେଲଫେୟାର ଟ୍ରଷ୍ଟ ସଦସ୍ୟବୃନ୍ଦ।

ଓଡ଼ିଶାର ଜଣାଶୁଣା ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ, ସାମାଜିକ କର୍ମୀ ତଥା ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡା. ରାସେଶ୍ୱରୀ ପାଣିଗ୍ରାହୀ ୱେଲଫେୟାର ଟ୍ରଷ୍ଟ ବିଗତ ଦୁଇବର୍ଷ ମଧ୍ୟରେ ମୋଟ ୭୦ ଜଣଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଛି। ଟ୍ରଷ୍ଟ ସ୍ଥାପନାର ଦୁଇବର୍ଷ ପୂର୍ତ୍ତି ଅବସରରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଡା. ପାଣିଗ୍ରାହୀ ପୂର୍ବତନ ବିଧାୟିକା ଭାବେ ପାଉଥିବା ସମସ୍ତ ପେନ୍‌ସନ୍ ଅର୍ଥକୁ ୨୦୨୧ରେ ଏକ ଟ୍ରଷ୍ଟ ଗଠନ ଦାନ କରିଥିଲେ। ଆର୍ଥିକ ଭାବେ ଦୁର୍ବଳ ବର୍ଗର ଲୋକଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଆସୁଛି। ଡା. ପାଣିଗ୍ରାହୀ ତାଙ୍କର ବିଧାୟକ ପେନସନ ବାବଦରେ ସରକାରଙ୍କଠାରୁ ପାଇଥିବା ସମସ୍ତ ୧୭ ଲକ୍ଷ ୫୫ ହଜାର ୧୫୭ ଟଙ୍କା ଟ୍ରଷ୍ଟ ପାଣ୍ଠିକୁ ଦାନ କରିସାରିଛନ୍ତି। ଅନ୍ୟ ୯ ଜଣ ବଦାନ୍ୟ ବ୍ୟକ୍ତି ଓ ଏକ ଅନୁଷ୍ଠାନ ମଧ୍ୟ ଟ୍ରଷ୍ଟ ପାଣ୍ଠିକୁ ୫ ଲକ୍ଷ ୪୭ ହଜାର ଟଙ୍କା ଦାନ କରିଛନ୍ତି। ଆଜିର ଦିନରେ ଟ୍ରଷ୍ଟ ପାଣ୍ଠିରେ ୨୮ ଲକ୍ଷ ୨ ହଜାର ୧୫୭ ଟଙ୍କା ରହିଥିବା ଖବରଦାତା ସମ୍ମିଳନୀରେ ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଥିଲା। ଡା. ପାଣିଗ୍ରାହୀ କହନ୍ତି, ସମସ୍ତ ପେନସନ ଅର୍ଥ ପ୍ରଦାନ କରିବା ପରେ ଅନେକ ଛାତ୍ରୀଛାତ୍ର ଓ ଗରିବ ପରିବାର ଉପକୃତ ହୋଇପାରିଛନ୍ତି। ଉଚିତ ସମୟରେ ଆବଶ୍ୟକତା ପୂରଣ କରିବା ଦିଗରେ ଏହି ସହାୟତାକୁ ନେଇ ଆତ୍ମସନ୍ତୋଷ ମିଳିଥିବା ସେ କହିଥିଲେ। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ସୁବାସ ଚନ୍ଦ୍ର ପଣିଗ୍ରାହୀ, ଟ୍ରଷ୍ଟ ସଦସ୍ୟ ଡ. ନିରୁପମା ବଡପଣ୍ଡା, ସୁଧିର ପୂଜାରୀ, ଶିବପ୍ରସାଦ ନନ୍ଦ, ସ୍ୱରୁପ ପୁରୋହିତ, ସୁବ୍ରତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### କେନ୍ଦୁପତ୍ର କର୍ମଚାରୀ ସଂଘ ବୈଠକ

କୁଚିଣ୍ଡା,୨୯।୧୧(ବିରଞ୍ଚି ଦର୍ଶୀ)

କୁଚିଣ୍ଡା କେନ୍ଦୁପତ୍ର ଶ୍ରମିକ ଭବନଠାରେ ମଙ୍ଗଳବାର ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ବିଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ କୁଚିଣ୍ଡା ଡିଭିଜନର ବାମରା, ସୋଲବଗା, କୁଚିଣ୍ଡା, ଜର୍ଡା, ଭୋଜପୁର, ବଡରମା ଆଦି ରେଞ୍ଜର ଶତାଧିକ ସିଜନାଲ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ସଂଘ ପକ୍ଷରୁ ୧୨ ଦଫା ସମ୍ବଳିତ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଏସ୍‌ଟି ଉଚ୍ଛେଦ, ସର୍ବନିମ୍ନ ମଜୁରି ଘୋଷଣା ସହ ସିଜନାଲ କର୍ମଚାରୀଙ୍କ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକଙ୍କ ମଜୁରି ବୃଦ୍ଧି, ବଜେଟରେ ସାମାଜିକ ସୁରକ୍ଷା ନିମନ୍ତେ ୨ଶହ କୋଟି ଟଙ୍କା ବ୍ୟବସ୍ଥା, ୬୨ବର୍ଷ ପର୍ଯ୍ୟନ୍ତ ସମସ୍ତଙ୍କୁ ସାମାଜିକ ନିରାପତ୍ତା ସହାୟତା ଯୋଜନାରେ ଅନ୍ତର୍ଭୁକ୍ତ କରିବା ଆଦି ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ନେଇ ଆଲୋଚନା ହୋଇଥିଲା। ଡିସେମ୍ବର ୧୦ସୁଦ୍ଧା ସରକାର ଦାବି ପୂରଣ ଦିଗରେ ପଦକ୍ଷେପ ନ ନେଲେ ଭୁବନେଶ୍ୱରରେ ବିଶାଳ ସମାବେଶ ପାଇଁ ନିଷ୍ପତ୍ତି ନିଆଯାଇଛି। ଉକ୍ତ ସମାବେଶରେ ଓଡ଼ିଶାର ୧୯ଟି ଡିଭିଜନର ଟୋଳାଳି ଉପସ୍ଥିତ ହେବେ ବୋଲି ରାଜ୍ୟ ସଭାପତି ମହାନ୍ତି କହିଥିଲେ। ବୈଠକରେ କେନ୍ଦୁପତ୍ର ୱେଲଫେୟାର ବୋର୍ଡ ଉପଦେଷ୍ଟା ତଥା ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ମହମ୍ମଦ ମୂର୍ତ୍ତୁଜା, କୁଚିଣ୍ଡା ଡିଭିଜନ ସମ୍ପାଦକ କୀର୍ତ୍ତନ ସେନାପତି, ମନୋରଞ୍ଜନ ଭୋଇ, ଦୈତାରି ନାୟକ, ଭିକାରୀ ପ୍ରଧାନ, ନୃପମଣି ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଅନ୍ଧବିଶ୍ୱାସ ବିରୋଧରେ ଆଲୋଚନାଚକ୍ର

ସମ୍ବଲପୁର,୨୯।୧୧(ପ୍ରମୋଦ ବହିଦାର):

ହୀରାକୁଦ ମହାବିଦ୍ୟାଳୟରେ 'ନୂଆ-ଓ' ଯୁବ ଓଡ଼ିଶା ନବୀନ ଓଡ଼ିଶା ଅଭିଯାନ ଅନ୍ତର୍ଗତ ଅନ୍ଧ ବିଶ୍ୱାସ ବିରୋଧରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସହକାରୀ ପ୍ରଫେସର ଡ. ସିଦ୍ଧାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବକ୍ତାଭାବେ ଭିମ୍‌ସାରର ସହଯୋଗୀ ପ୍ରଫେସର ଡା. ପ୍ରାଜିତ ଶାଶ୍ୱତ ପଣ୍ଡା ଯୋଗ ଦେଇଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ସହିତ ମହାବିଦ୍ୟାଳୟ ଅଧ୍ୟକ୍ଷା ସୁମିତ୍ରା ପଣ୍ଡା, ଡ. ଏ.କେ. ସୂତାର, ସୀମନ୍ତିକା ଦାସ, ସୌଦାମିନୀ ପ୍ରଧାନ, ଦୀପାଳି ପଧାନ, ଲିଜା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଏଲ୍‌ଆଇସିର ଜୀବନ ଉତ୍ସବ ଶୁଭାରମ୍ଭ



ନୂତନ ଯୋଜନା ସମ୍ପର୍କରେ ଅଧିକାରୀମାନେ ସୂଚନା ଦେଉଛନ୍ତି।

ସମ୍ବଲପୁର,୨୯।୧୧(ବି.ଶଙ୍କର)

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି )ର ନୂତନ ଯୋଜନା ଜୀବନ ଉତ୍ସବ ବୁଧବାର ଶୁଭରାମ୍ଭ ହୋଇଛି । ସମ୍ବଲପୁର ଅଇଁଠାପାଲି ନିକଟ ଏଲ୍‌ଆଇସି ମଣ୍ଡଳ କାର୍ଯ୍ୟାଳୟଠାରେ ଏ ନେଇ ସ୍ୱତନ୍ତ୍ର ଉତ୍ସବ ହୋଇଥିଲା। ଏହାପରେ ଏଲ୍‌ଆଇସି ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଶ୍ୟାମଳକାନ୍ତି ମହାନ୍ତି ଖବରଦାତା ସମ୍ମିଳନୀରେ ନୂତନ ବୀମା ବିଷୟରେ ସୂଚନା ଦେଇ କହିଥିଲେ, ଏହି ଯୋଜନାରେ ବୀମାଧାରକଙ୍କୁ ବୀମା ରାଶିର ୧୦ ପ୍ରତିଶତ ନିଶ୍ଚିତ (ଗ୍ୟାରେଣ୍ଟେଡ) ରାଶି ହିସାବରେ ଆଜୀବନ ପ୍ରାପ୍ତ ହୋଇଥାଏ। ଏହି ଯୋଜନା ୯୦ ଦିନର ଶିଶୁଙ୍କଠାରୁ ଆରମ୍ଭ କରି ୬୫ବର୍ଷ ପର୍ଯ୍ୟନ୍ତ ଉପଲବ୍ଧ ଅଟେ। ପ୍ରିମିୟମ ପ୍ରଦାନର ଅବଧି ସର୍ବନିମ୍ନ ୫ ବର୍ଷରୁ ନେଇ ସର୍ବାଧିକ ୧୬ବର୍ଷ ପାଇଁ ରହିଥାଏ। ବୀମା ଧାରକ ଯଦି ପ୍ରତିବର୍ଷ ନିଶ୍ଚିତ ଉପାର୍ଜିତ ଅର୍ଥ (ଗ୍ୟାରେଣ୍ଟେଡ୍ ଇନକମ) ନ ନିଅନ୍ତି ତା'ହେଲେ ଏଲ୍‌ଆଇସି ଏହି ରାଶି ଉପରେ ୫.୫% ଚକ୍ରବୃଦ୍ଧି ସୁଧ ପ୍ରଦାନ କରିଥାଏ। ଆଜିର ଅନିଶ୍ଚିତ ବଜାରରେ ସୁନିଶ୍ଚିତ ରାଶିର ପ୍ରଦାନ ଏହି ଯୋଜନାକୁ ଆକର୍ଷଣୀୟ କରିଛି ବୋଲି ପ୍ରବନ୍ଧକ ଶ୍ୟାମଳକାନ୍ତି କହିଛନ୍ତି। ଖବରଦାତା ସମ୍ମିଳନୀରେ ସମ୍ବଲପୁର ବିପଣନ ପ୍ରବନ୍ଧକ ପ୍ରଭାତ କୁମାର ପୃଷ୍ଟି ଓ ସୂଚନା ଅଧିକାରୀ ଅନୁପ କୁମାର ମିଶ୍ର ଉପସ୍ଥିତ ଥିଲେ।

# ଭାଜପା ପକ୍ଷରୁ ୧୦ଦଫା ଦାବିପତ୍ର



ଭାଜପା ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ରେଢାଖୋଲ,୨୯।୧୧(ଅଚ୍ୟୁତାନନ୍ଦ ପୁରୋହିତ)

ଭାଜପା ରେଢାଖୋଲ ଉପଖଣ୍ଡ ଶାଖା ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶରେ ଏକ ୧୦ ଦଫା ଦାବିପତ୍ର ଉପଜିଲାପାଳ ରଶ୍ମିରଞ୍ଜନ ମହନ୍ତଙ୍କୁ ପ୍ରଦାନ କରାଯାଇଛି। ବନ୍ୟଜନ୍ତୁଙ୍କ ଦ୍ୱାରା ବ୍ୟାପକ ଫସଲ ନଷ୍ଟ ହେଉଥିବାରୁ ଏକର ପିଛା ୪୦ହଜାର ଟଙ୍କା ଓ ବନ୍ୟଜନ୍ତୁ ଆକ୍ରମଣରେ ମୃତକଙ୍କ ପରିବାର ବର୍ଗଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ, ଟୋକନ ବ୍ୟବସ୍ଥା ଉଚ୍ଛେଦ କରାଯାଇ ସିଧାସଳଖ ଚାଷୀଙ୍କଠାରୁ ଧାନକ୍ରୟ, କଟ୍‌ନୀଛଟ୍‌ନୀ ବନ୍ଦ, ଚାଷୀମାନଙ୍କୁ ଠିକ ସମୟରେ ବିହନ, ଔଷଧ ଦିଆଯିବା ଆଦି ୧୦ଦଫା ଦାବି ଉଲ୍ଲେଖ କରାଯାଇଛି। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଦଳ ପକ୍ଷରୁ ଚେତାବନୀ ଦିଆଯାଇଛି। ଗୋବିନ୍ଦ ଅଗ୍ରୱାଲ,ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ପ୍ରତାପ ପ୍ରଧାନ, ପ୍ରମୋଦ ମାଝି, ଜିଲାପରିଷଦ ସଭ୍ୟ ଶରତ ପ୍ରଧାନଙ୍କ ସମେତ ବହୁ କର୍ମକର୍ତ୍ତା ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଇ-ରିକ୍ସା ହିତାଧିକାରୀଙ୍କୁ ତାଲିମ




ହିତାଧିକାରୀଙ୍କୁ ବୀମାପତ୍ର ପ୍ରଦାନ କରାଯାଉଛି।

କୁଚିଣ୍ଡା,୨୯।୧୧(ବିରଞ୍ଚି ଦର୍ଶୀ)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଇ-ରିକ୍ସା ହିତାଧିକାରୀଙ୍କୁ ନେଇ ଚାଲିଥିବା ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। କୁଚିଣ୍ଡା ବ୍ଲକର ୫, ବାମରା ବ୍ଲକର ୭, ଜମନକିରା ବ୍ଲକର ୪ ଓ କୁଚିଣ୍ଡା ଏନ୍‌ଏସିରୁ ୨ଜଣ ଏଭଳି ମୋଟ ୧୮ଜଣ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏହି ଅବସରରେ କୁଚିଣ୍ଡା ବିଡିଓ ନିରଞ୍ଜନ ସା ହିତାଧିକାରୀଙ୍କୁ ବୀମା ଜନିତ କାଗଜପତ୍ର ବଣ୍ଟନ କରିଥିଲେ। ସମ୍ବଲପୁର ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ କାହ୍ନୁଚରଣ ବାନାରା, ସମ୍ବଲପୁର ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ରବୀନ୍ଦ୍ର ଶତପଥି ଏବଂ ଇ-ରିକ୍ସା ଯୋଗାଣକାରୀ କମ୍ପାନୀର ଅଧିକାରୀ ପ୍ରମୁଖ ହିତାଧିକାରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୁଲ୍ୟରେ ସମ୍ବଲପୁର ଜିଲା ପ୍ରଶାସନ ପକ୍ଷରୁ ଗତ ୧୬ ତାରିଖରେ ୮୬ଜଣ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ ନିମନ୍ତେ ଇ-ରିକ୍ସା ପ୍ରଦାନ କରାଯାଇଥିଲା।

# ବଧୂ ହତ୍ୟା: ଜେଲଗଲେ ସ୍ୱାମୀ, ଶାଶୁ



ଗିରଫ ମା' ଓ ପୁଅ।

କୁଚିଣ୍ଡା,୨୯।୧୧(ବିରଞ୍ଚି ଦର୍ଶୀ) କୁଚିଣ୍ଡା ଥାନା କିରାଶାସନ ଗ୍ରାମରେ ଜଣେ ମହିଳାଙ୍କୁ ହତ୍ୟା ଅଭିଯୋଗରେ ପୋଲିସ ମୃତକଙ୍କ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଗିରଫ ସ୍ୱାମୀ ହେଲେ ପ୍ରଦୀପ୍ତ ମହାପାତ୍ର ଓ ଶାଶୁ ଜ୍ୟୋତ୍ସ୍ନା ମହାପାତ୍ର। କୋର୍ଟ ଉଭୟଙ୍କ ଜାମିନ ନାମଞ୍ଜୁର କରି ଜେଲ ହାଜତକୁ ପଠାଇ ଦେଇଛନ୍ତି। ଏନେଇ ପୋଲିସ କୁଚିଣ୍ଡା ଥାନାରେ ଆଇପିସି ଧାରା ୪୯୮(ଏ), ୩୦୪(ବି), ୩୦୨/୩୪ ଏବଂ ୪ ଯୌତୁକ ନିରୋଧ ଆଇନରେ ମାମଲା (ନଂ.୨୭୩/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଗତ ସୋମବାର କିରାଶାସନ ଗ୍ରାମର ପ୍ରଦୀପ୍ତଙ୍କ ସ୍ତ୍ରୀ ଯୁକ୍ତାମୁଖି ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ନେଇ କୁଚିଣ୍ଡା ଥାନାରେ ରିପୋର୍ଟ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ମାତ୍ର ମୃତ ମହିଳାଙ୍କ ବାପା କରୁଣାକର ଦାଶ ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରି ଆତ୍ମହତ୍ୟାର ରୂପ ଦେଇଥିବା ଲିଖିତ ଅଭିଯୋଗ କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚାଲିଛି ବୋଲି ଆଇଆଇସି ଦିଲୀପ କୁମାର ସ୍ୱାଇଁ କହିଛନ୍ତି।

# ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ର

## ଧାନବିକ୍ରି ସମସ୍ୟା ସମାଧାନ ଦାବି

ସମ୍ବଲପୁର,୨୯।୧୧ (ଭବାନୀ ଶଙ୍କର ଭୋଇ)



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭାଜପା କୃଷକ ମୋର୍ଚ୍ଚାକର୍ମକର୍ତ୍ତା।

ଓଡ଼ିଶାରେ ଚାଷୀ ଓ ଧାନବିକ୍ରି ସମସ୍ୟାକୁ ନେଇ ବୁଧବାର ସମ୍ବଲପୁର ଭାଜପା କୃଷକ ମୋର୍ଚ୍ଚା ଆନ୍ଦୋଳନକୁ ଓହ୍ଲାଇଥିଲା। ରାଜ୍ୟର ବିଭିନ୍ନ ମଣ୍ଡିରେ ପଡ଼ିରହିଥିବା ଚାଷୀଙ୍କ ଧାନକୁ ସରକାର ସିଧାସଳଖ କିଣିବା, ଧାନ ବିକ୍ରି ପାଇଁ ବର୍ଷସାରା ମଣ୍ଡି ଖୋଲା ରଖିବା, ଟୋକନ ବ୍ୟବସ୍ଥା ବନ୍ଦ କରିବା, କଟ୍‌ନୀଛଟ୍‌ନୀ ସମ୍ପୂର୍ଣ୍ଣ ବନ୍ଦ କରିବା, ମଣ୍ଡିରେ ମିଲର୍ସଙ୍କ ଦାଦାଗିରି ବନ୍ଦ କରିବା ଆଦି ଦାବି ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି।

ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ସମୀର ରଞ୍ଜନ ବାବୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଶାନ୍ତିପୂର୍ଣ୍ଣ ଭାବେ ଜିଲାପାଳ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେମାନେ କାର୍ଯ୍ୟାଳୟକୁ ପ୍ରବେଶ କରିବା ସମୟରେ ପୋଲିସ ପକ୍ଷରୁ ମୁଖ୍ୟ ଫାଟକ ବନ୍ଦ କରି ଦିଆଯାଇଥିଲା। ଦଳ ପକ୍ଷରୁ ଜିଲାପାଳଙ୍କ ସହ ଆଲୋଚନା କରି ଦାବିପତ୍ର ଦେବାକୁ କୁହାଯାଇଥିଲେ ମଧ୍ୟ ପୋଲିସ କେବଳ ୫ଜଣଙ୍କୁ ଛାଡିବା ପାଇଁ ରାଜି ହୋଇଥିଲା। ଅନୁମତି ନ ମିଳିବାରୁ ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲେଖା ହୋଇଥିବା ଭାଜପା କର୍ମୀ ଓ ପଦାଧିକାରୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ରକୁ ମୁଖ୍ୟ ଫାଟକରେ ଝୁଲାଇ ଆନ୍ଦୋଳନକାରୀ ଫେରିଯାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗିରିଶ ପଟେଲ, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ମହିଳା ମୋର୍ଚ୍ଚା ଜିଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, ବରିଷ୍ଠ ନେତା ଦାମୋଦର କର, କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସମେତ ପ୍ରକାଶ ପ୍ରଧାନ, ସୁଧୀର କୁମାର ବହିଦାର, ମହେନ୍ଦ୍ର ଭୋଇ, ଅଶୋକ ନାଏକ, ଗୋପାଳ ଅଗ୍ରୱାଲ, ରତ୍ନ ସୁନା, ପ୍ରଭାସିନୀ ଦାଶ, ରିଙ୍କି ସାହୁ ପ୍ରମୁଖ ସାମିଲ ଥିଲେ।

ମଣିପୁରର ସବୁଠୁ ପୁରୁଣା ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ (ୟୁଏନ୍ଏଲ୍ଏଫ୍) କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ଏହି ସୂଚନା ଦେଇଛନ୍ତି। ଇମ୍ଫାଲ ଉପତ୍ୟକାରେ ସକ୍ରିୟ ରହି ଭାରତୀୟ ବଳ ସହିତ ୭ ଦଶନ୍ଧି ଧରି ଲଢ଼େଇ କରିଆସିଥିବା ୟୁଏନ୍ଏଲ୍ଏଫ୍ ସହ ଆଲୋଚନା ଚାଲିଥିବା ବିଷୟ ଏହା ପୂର୍ବରୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପ୍ରକାଶ କରିଥିଲେ।



# ଭାରତମୁହାଁ ୱାଲ୍‌ମାର୍ଟ

## ଚାଇନା ଛାଡ଼ି ଭାରତରୁ ଆମଦାନୀ କରୁଛି ଶସ୍ତା ସାମଗ୍ରୀ

➤ୱାଲ୍‌ମାର୍ଟ ଚାଇନା ଉପରେ ନିର୍ଭରଶୀଳତା କମାଇ ଭାରତରୁ ଅଧିକ ଆମଦାନୀ କରୁଛି।

➤୨୦୧୮ରେ ଚାଇନାରୁ ୱାଲ୍‌ମାର୍ଟର ଆମଦାନୀ ୮୦% ଥିବାବେଳେ ୨୦୨୩ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଏହା ୬୦%କୁ ଖସିଛି।

➤କମ୍ପାନୀର ଯୋଗାଣ ଶୃଙ୍ଖଳରେ ଭାରତ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ୱାଲ୍‌ମାର୍ଟ କହିଛି।




**ଲଣ୍ଡନ/ନ୍ୟୁୟର୍କ,୨୯।୧୧**

ବିଶ୍ୱର ସର୍ବବୃହତ୍ ରିଟେଲର ୱାଲ୍‌ମାର୍ଟ ଚାଇନା ଉପରେ ନିଜ ନିର୍ଭରଶୀଳତା ହ୍ରାସ କରି ଆମେରିକାକୁ ଭାରତରୁ ଅଧିକ ସାମଗ୍ରୀ ଆମଦାନୀ କରୁଛି। ଖର୍ଚ୍ଚକାଟ ସହ ନିଜ ଯୋଗାଣ ଶୃଙ୍ଖଳରେ ବିବିଧତା ଆଣିବା ପାଇଁ କମ୍ପାନୀ ଏପରି ପଦକ୍ଷେପ ନେଇଥିବା କେତେକ ରିପୋର୍ଟରୁ ଜଣାପଡ଼ିଛି।

ୱାଲ୍‌ମାର୍ଟ ଆମେରିକାକୁ ନେଉଥିବା ସାମଗ୍ରୀର ଏକ-ଚତୁର୍ଥାଂଶ ଗତ ଜାନୁୟାରୀରୁ ଅଗଷ୍ଟ ମଧ୍ୟରେ ଭାରତରୁ ଆମଦାନୀ କରିଥିଲା, ଯାହାକି ୨୦୧୮ରେ ମାତ୍ର ୨% ରହିଥିଲା। ଏହି ସମୟରେ ନିଜ ଶିପ୍‌ମେଣ୍ଟ ମଧ୍ୟରୁ ୬୦% ଚାଇନାରୁ ଯାଇଥିଲା, ଯାହାକି ୨୦୧୮ରେ ୮୦% ଥିଲା। ଏହା ସତ୍ତ୍ୱେ ୱାଲ୍‌ମାର୍ଟର ସର୍ବବୃହତ୍ ରପ୍ତାନିକାରୀ ରାଷ୍ଟ୍ର ହେଉଛି ଚାଇନା। ଚାଇନାରୁ ଆମଦାନୀ କରାଯାଉଥିବା ସାମଗ୍ରୀଗୁଡ଼ିକର ଦର ବୃଦ୍ଧି ଏବଂ ୱାଶିଂଟନ୍ ଓ ବେଜିଂ ମଧ୍ୟରେ ଉତ୍ତେଜନାକୁ ଏଥିପାଇଁ ଦାୟୀ କରାଯାଉଛି। ଆମେରିକୀୟ କମ୍ପାନୀଗୁଡ଼ିକ ଏବେ ଭାରତ, ଥାଇଲାଣ୍ଡ ଓ ଭିଏତ୍‌ନାମ ସମେତ ଅନ୍ୟ ଦେଶଗୁଡ଼ିକରୁ ଆମଦାନୀ କରିବାକୁ ପସନ୍ଦ କରୁଛନ୍ତି।

ୱାଲ୍‌ମାର୍ଟ ଏକ୍‌ଜିକ୍ୟୁଟିଭ୍ ଭାଇସ୍ ପ୍ରେସିଡେଣ୍ଟ ଆଣ୍ଡ୍ରେଆ ଅଲ୍‌ବ୍ରାଇଟ୍ କହିଛନ୍ତି, ଆମକୁ ସର୍ବୋତ୍ତମ ମୂଲ୍ୟରେ ସାମଗ୍ରୀ ଦରକାର। ଅର୍ଥାତ୍ ଯୋଗାଣ ଶୃଙ୍ଖଳରେ ଆମେ ନମନୀୟତା ଚାହୁଁ। ଆମେ ଲଗାତର ଭାବେ ଝଡ଼ ଓ ଭୂକମ୍ପରୁ ନେଇ କଞ୍ଚାମାଲ ଅଭାବ ପର୍ଯ୍ୟନ୍ତ ସମସ୍ୟା ଭିତରେ ଏସବୁର ପରିଚାଳନା କରୁଥିବାରୁ କୌଣସି ଗୋଟିଏ ଯୋଗାଣକାରୀ ରାଷ୍ଟ୍ର ଉପରେ ନିର୍ଭରଶୀଳ ହୋଇ ବ୍ୟବସାୟ କରିହେବ ନାହିଁ। ଇତିମଧ୍ୟରେ ୱାଲ୍‌ମାର୍ଟର ଉତ୍ପାଦନ ଦକ୍ଷତା ବୃଦ୍ଧି ଉଦ୍ୟମରେ ଭାରତ ପ୍ରମୁଖ ଭୂମିକା ନେଇଛି। କମ୍ପାନୀ ୨୦୧୮ରୁ ଲଗାତର ଭାବେ ଭାରତରେ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିଛି। ୱାଲ୍‌ମାର୍ଟ ସେହିବର୍ଷ ଭାରତୀୟ ଇ-କମର୍ସ ଫାର୍ମ ଫ୍ଲିପ୍‌କାର୍ଟର ୭୭% ଅଂଶଧନ କିଣିଥିଲା। ୨୦୨୭ ସୁଦ୍ଧା ଭାରତରୁ ୧୦ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ କିଣିବା ପାଇଁ ୨୦୨୦ରେ ଚୁକ୍ତିବଦ୍ଧ ହୋଇଥିଲା। ସେହି ଲକ୍ଷ୍ୟ ହାସଲ ଦିଗରେ ୱାଲ୍‌ମାର୍ଟ ଅଗ୍ରସର ହେଉଛି। ବର୍ତ୍ତମାନ ଭାରତରୁ ବାର୍ଷିକ ୩ ବିଲିୟନ୍ ଡଲାର ମୂଲ୍ୟର ସାମଗ୍ରୀ ଆମଦାନୀ କରାଯାଉଥିବା ଅଲ୍‌ବ୍ରାଇଟ୍ ସୂଚନା ଦେଇଛନ୍ତି।

# ଷୋଡ଼ଶ ଅର୍ଥ କମିଶନ ଗଠନକୁ ମଞ୍ଜୁରୀ

## ୨୦୨୫ ଅକ୍ଟୋବର ସୁଦ୍ଧା ରିପୋର୍ଟ ଦେବେ

**ନୂଆଦିଲ୍ଲୀ,୨୯।୧୧**

ଷୋଡ଼ଶ ଅର୍ଥ କମିଶନର ଟର୍ମ୍ସ ଅଫ୍ ରେଫରେନ୍ସ(ଟିଓଆର୍)କୁ କେନ୍ଦ୍ର ସରକାରଙ୍କ ମଞ୍ଜୁରୀ ମିଳିଛି। ଆୟୋଗ ଅବଧି ୨୦୨୬ ଏପ୍ରିଲ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ରହିବ। ୧୬ତମ ଅର୍ଥ କମିଶନଙ୍କ ଜରୁରୀ ସର୍ତ୍ତକୁ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ର ଅନୁମୋଦନ ମିଳିଥିବା ବିଷୟ ବୁଧବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଏହି କମିଶନ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ଭାଗବଣ୍ଟା ସମ୍ପର୍କିତ ନିଷ୍ପତ୍ତି ନେବେ। କମିଶନ ନିଜ ପଞ୍ଚବାର୍ଷିକୀ (୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ) ରିପୋର୍ଟ ୨୦୨୫ ଅକ୍ଟୋବର ୩୧ ସୁଦ୍ଧା ରାଷ୍ଟ୍ରପତିଙ୍କୁ ପ୍ରଦାନ କରିବେ। ଟିକସ ଓ ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧି ପଦକ୍ଷେପ ସହ କମିଶନ ବିପର୍ଯ୍ୟୟ ପରିଚାଳନା ଆଇନ, ୨୦୦୫ ବଳରେ ଗଠିତ ବିପର୍ଯ୍ୟୟ ମୁକାବିଲା ପଦକ୍ଷେପ ନିମନ୍ତେ ପାଣ୍ଠିଯୋଗାଣ ପାଇଁ ରହିଥିବା ବର୍ତ୍ତମାନ ବ୍ୟବସ୍ଥାର ମଧ୍ୟ ସମୀକ୍ଷା କରିବେ। ଷୋଡ଼ଶ ଅର୍ଥ କମିଶନ ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ନାମ ଶୀଘ୍ର ଚୂଡ଼ାନ୍ତ କରାଯିବ। କମିଶନଙ୍କ ଟିଓଆର୍ ସମ୍ପର୍କରେ ଉଚିତ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି।

# ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର କୋର୍ଟ ଅବଧି ୩ ବର୍ଷ ବୃଦ୍ଧି

ଦେଶରେ ଯୌନ ଅପରାଧ ସମ୍ପର୍କିତ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ଗଠିତ ଫାଷ୍ଟ ଟ୍ରାକ୍ ସ୍ୱତନ୍ତ୍ର ଅଦାଲତଗୁଡ଼ିକର ଅବଧିକୁ ଆଉ ୩ ବର୍ଷ ପାଇଁ ବୃଦ୍ଧି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍‌ର ଅନୁମୋଦନ ମିଳିଛି। ୨୦୧୮ରେ ଆପରାଧିକ ଆଇନ ସଂଶୋଧନ ଆଇନ ଗୃହୀତ ହେବା ଏବଂ ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ମାମଲାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୩୧ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ୧,୦୨୩ ଫାଷ୍ଟ ଟ୍ରାକ୍ ସ୍ପେଶାଲ କୋର୍ଟ ଗଠନ କରିଥିଲେ। ସେଥିରୁ ୩୮୯ କୋର୍ଟରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ବିଚାର ହୋଇଥାଏ। ୨୦୧୯ ଗାନ୍ଧୀ ଜୟନ୍ତୀରେ ଏହି କୋର୍ଟଗୁଡ଼ିକ ପ୍ରତିଷ୍ଠା କରାଯାଇଥିଲା।


କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର

ପ୍ରଥମେ ବର୍ଷେ ଓ ପରେ ଆଉ ୨ ବର୍ଷ ଅବଧି ବଢ଼ାଯାଇଥିଲା। ବର୍ତ୍ତମାନ ଆଉ ୩ ବର୍ଷ ଅବଧି ବୃଦ୍ଧି ଫଳରେ ସରକାରୀ ରାଜକୋଷକୁ ୧୯୫୨.୨୩ କୋଟି ଟଙ୍କାର ବୋଝ ସହିବାକୁ ପଡ଼ିବ। ଏଥିରୁ କେନ୍ଦ୍ର ୧୨୦୭.୨୪ କୋଟି ଓ ରାଜ୍ୟଗୁଡ଼ିକ ୭୪୪.୯୯ କୋଟି ଟଙ୍କା ପ୍ରଦାନ କରିବେ। କେନ୍ଦ୍ରୀୟ ଅର୍ଥ ନିର୍ଭୟା ପାଣ୍ଠିରୁ ଦିଆଯିବ।

# ଆଦାନୀ ବିଶ୍ୱର ୧୯ତମ ଧନୀ

**ୱାଶିଂଟନ୍,୨୯।୧୧**

ଭାରତର ବିଶିଷ୍ଟ ଶିଳ୍ପପତି ଗୌତମ ଆଦାନୀଙ୍କ ବ୍ୟବସାୟିକ ସାମ୍ରାଜ୍ୟ ପୁଣିଥରେ ଅଣ୍ଟା ସଳଖିବାକୁ ବସିଲାଣି। ଶୁକ୍ରବାର ହିଣ୍ଡେନବର୍ଗ ରିପୋର୍ଟ ସମ୍ପର୍କିତ ରାୟକୁ ସୁପ୍ରିମକୋର୍ଟ ସଂରକ୍ଷିତ ରଖିବା ପରେ ମାର୍କେଟ ରାଲି ଯୋଗୁ ଆଦାନୀ ଗ୍ରୁପ୍‌ର କମ୍ପାନୀଗୁଡ଼ିକର ମୋଟ ସମ୍ପତ୍ତି ମୂଲ୍ୟ ପ୍ରାୟ ୧.୩୩ ଲକ୍ଷ କୋଟିକୁ ବଢ଼ିଛି। ୬.୫ ବିଲିୟନ ଆମେରିକୀୟ ଡଲାର ବୃଦ୍ଧି ସହ ବ୍ଲୁମ୍‌ବର୍ଗ ବିଲିୟନେୟାର ଇଣ୍ଡେକ୍ସର ୨୦ ଜଣିଆ ତାଲିକାରେ ୧୯ତମ ସ୍ଥାନ ଅଧିକାର କରିଛନ୍ତି। ତେବେ ଗତବର୍ଷ ତୁଳନାରେ ତାଙ୍କ ସମ୍ପତ୍ତିର ପରିମାଣ ୫୩.୮ ବିଲିୟନ୍ ଡଲାର କମ୍ ରହିଛି। ବୁଧବାର ଟ୍ରେଡିଂ ସେସନ୍‌ରେ ଆଦାନୀ ଗ୍ରୁପ୍ ଷ୍ଟକ୍ସ ୩୩,୦୦୦ କୋଟି ଟଙ୍କାରୁ ଅଧିକ ଉପରକୁ ଉଠିଛି। ଆଦାନୀ ହେଉଛନ୍ତି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ମୁଖ୍ୟ ମୁକେଶ ଅମ୍ବାନୀ(୮୯.୫ ବିଲିୟନ୍ ଡଲାର)ଙ୍କ ପରେ ଦ୍ୱିତୀୟ ଧନୀ ଭାରତୀୟ। ଚଳିତବର୍ଷ ଆରମ୍ଭରେ ହିଣ୍ଡେନ୍‌ବର୍ଗ ରିପୋର୍ଟ ପ୍ରଘଟ ହେବା ପରେ ଅଦାନୀ ଧନୀ ତାଲିକାର ୨୫ତମ ସ୍ଥାନରୁ ଆହୁରି ତଳକୁ ଖସିଯାଇଥିଲେ।



# ଶାନ୍ତି ପଥେ ଉଗ୍ରପନ୍ଥୀ

## କେନ୍ଦ୍ର ସହିତ ଚୁକ୍ତି ସ୍ୱାକ୍ଷର କଲା ମଣିପୁରର ୟୁଏନଏଲ୍ଏଫ୍

**ଇମ୍ଫାଲ/ନୂଆଦିଲ୍ଲୀ,୨୯।୧୧**

ମଣିପୁରର ସବୁଠୁ ପୁରୁଣା ସଶସ୍ତ୍ର ଉଗ୍ରପନ୍ଥୀ ଗୋଷ୍ଠୀ ୟୁନାଇଟେଡ୍ ନ୍ୟାଶନାଲ ଲିବରେଶନ୍ ଫ୍ରଣ୍ଟ (ୟୁଏନ୍ଏଲ୍ଏଫ୍) କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ବୁଧବାର ଏହି ସୂଚନା ଦେଇଛନ୍ତି। ଇମ୍ଫାଲ ଉପତ୍ୟକାରେ ସକ୍ରିୟ ରହି ଭାରତୀୟ ବଳ ସହିତ ୭ ଦଶନ୍ଧି ଧରି ଲଢ଼େଇ କରିଆସିଥିବା ୟୁଏନ୍ଏଲ୍ଏଫ୍ ସହ ଆଲୋଚନା ଚାଲିଥିବା ବିଷୟ ଏହା ପୂର୍ବରୁ ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ପ୍ରକାଶ କରିଥିଲେ।

# ଇସ୍ରୋ ବୈଜ୍ଞାନିକଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ

**ବେଙ୍ଗାଲୁରୁ,୨୯।୧୧**

ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ସ୍ଥିତ ହ୍ୟୁମାନ୍ ସ୍ପେସ୍‌ଫ୍ଲାଇଟ୍ ପ୍ରୋଗ୍ରାମ୍ ଡିରେକ୍ଟୋରେଟ୍‌ର ପୂର୍ବତନ ନିର୍ଦ୍ଦେଶିକା ଭି.ଆର୍. ଲଲିଥାମ୍ବିକାଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ବେସାମରିକ ସମ୍ମାନ ଦି ଲେଜିଅନ୍ ଅଫ୍ ଅନର ପ୍ରଦାନ କରାଯାଇଛି। ୨୦୧୮ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ମହାକାଶ ସହଯୋଗ କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ଏହି ମର୍ଯ୍ୟାଦାଜନକ ସମ୍ମାନ ଦିଆଯାଇଛି। ଫ୍ରାନ୍ସ ସରକାରଙ୍କ ତରଫରୁ ଭାରତରେ ଅବସ୍ଥାପିତ ଫ୍ରାନ୍ସ ରାଷ୍ଟ୍ରଦୂତ ଥିଏରି ମାଥୋଉ ବୈଜ୍ଞାନିକ ଲଲିଥାମ୍ବିକାଙ୍କୁ ମଙ୍ଗଳବାର ବେଙ୍ଗାଲୁରୁରେ ସମ୍ବର୍ଦ୍ଧିତ କରିଥିଲେ। ୧୮୦୨ରେ ଫରାସୀ ସମ୍ରାଟ ନେପୋଲିଅନ୍ ବୋନାପାର୍ଟ ଦି ଲେଜିଅନ୍ ଅଫ୍ ଅନର ପ୍ରତିଷ୍ଠା କରିଥିଲେ।


ଭି.ଆର୍. ଲଲିଥାମ୍ବିକା

# ପିଏମ୍ ଜନମନକୁ କ୍ୟାବିନେଟ୍ ମଞ୍ଜୁରୀ

କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଜନଜାତି ଆଦିବାସୀ ନ୍ୟାୟ ମହା ଅଭିଯାନ (ପିଏମ୍-ଜନମନ)କୁ ମଙ୍ଗଳବାର ରାତିରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ ମିଳିଛି। ଏଥିରେ ୧୧ଟି ନିର୍ଦ୍ଦିଷ୍ଟ ଦୁର୍ବଳ ଆଦିବାସୀ ଗୋଷ୍ଠୀକୁ ଫୋକସ୍ କରାଯାଇଛି ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ସୂଚନା ଦେଇଛନ୍ତି। ଝାଡ଼ଖଣ୍ଡର ଖୁଣ୍ଟିରେ ଜନଜାତୀୟ ଗୌରବ ଦିବସ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଯୋଜନା ଘୋଷଣା କରିଥିଲେ। ଉକ୍ତ ଯୋଜନା ଅଧୀନରେ ଉପରୋକ୍ତ ବର୍ଗର ଲୋକଙ୍କ ପାଇଁ ପକ୍କାଘର, ପାଇପ୍ ଯୋଗେ ଜଳଯୋଗାଣ ଓ ସଡ଼କ ନିର୍ମାଣ ବ୍ୟବସ୍ଥା ରହିଛି। ଏଥିପାଇଁ ମୋଟ ୨୪,୧୦୪ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ କେନ୍ଦ୍ର ୧୫,୩୩୬ କୋଟି ଓ ରାଜ୍ୟଗୁଡ଼ିକ ନିଜ ଅଂଶଧନ ବାବଦକୁ ୮,୭୬୮ କୋଟି ଟଙ୍କା ବହନ କରିବେ। ୧୮ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୨୨୦ ଜିଲାର ୨୮,୧୬,୦୦୦ (୨୮.୧୬ ଲକ୍ଷ)ରୁ ଊର୍ଦ୍ଧ୍ୱ ଆଦିବାସୀ ଏହି ଯୋଜନାରୁ ଉପକୃତ ହେବେ। ଯେଉଁ ଆଦିବାସୀମାନେ ଭାରତ ସରକାରଙ୍କ ଯୋଜନାଗୁଡ଼ିକରୁ ଅଦ୍ୟାବଧି ସୁବିଧା ପାଇପାରି ନାହାନ୍ତି, ସେମାନେ ପିଏମ୍-ଜନମନର ହିତାଧିକାରୀ ହେବେ ବୋଲି ଠାକୁର କହିଛନ୍ତି।

## ଫୁର୍‌ସତ୍

# ଅଳିଆ ଉଠା ବିଶ୍ୱକପ୍‌ରେ ବ୍ରିଟେନ ବିଜେତା

**ଟୋକିଓ**

ବିଶ୍ୱରେ ହକି, କ୍ରିକେଟ, ଫୁଟ୍‌ବଲ, ଚେସ୍‌ଠାରୁ ଆରମ୍ଭ କରି ଅନେକ ଟୁର୍ନାମେଣ୍ଟ କରାଯାଇଥାଏ। ସେଥିମଧ୍ୟରୁ କ୍ରିକେଟ ଭଳି ଅନେକ ଖେଳର ବିଶ୍ୱକପ୍ ଚାମ୍ପିୟନଶିପ ମଧ୍ୟ କରାଯାଏ। ହେଲେ ନିକଟରେ ଏକ ଅଜବ ପ୍ରକାର ବିଶ୍ୱକପ୍ ଚାମ୍ପିୟନଶିପ ଆୟୋଜିତ ହୋଇଯାଇଛି। ରିପୋର୍ଟ ମୁତାବକ, ଜାପାନରେ ସ୍ପୋଜୋମି ବିଶ୍ୱକପ୍ ଅନୁଷ୍ଠିତ ହେଉଛି। ଏପରି ନାମ 'ସ୍ପୋର୍ଟ' ଏବଂ 'ଗୋମି' ଶବ୍ଦକୁ ମିଶାଇ ତିଆରି ହୋଇଛି, ଯାହା ଅଳିଆର ଜାପାନୀ ଶବ୍ଦ ଅଟେ। ଏହି ବିଶ୍ୱକପ୍‌ରେ ୨୧ ଦେଶର ୩ଟି ଟିମ୍ ଟୋକିଏ ସହରର ରାସ୍ତାରୁ ଘଣ୍ଟାଏ ମଧ୍ୟରେ ଅଳିଆ ଉଠାଇବାର କାର୍ଯ୍ୟ କରିବେ। ଏହି ଚାମ୍ପିୟନଶିପ୍‌ରେ ବ୍ରିଟେନ ୧୨୬.୨ ପାଉଣ୍ଡ ଅଳିଆ ଉଠାଇ ୯୦୪୬.୧ ପଏଣ୍ଟ କରି ପ୍ରଥମ ବିଜେତା ଭାବେ ଇତିହାସ ରଚିଛି। ବ୍ରିଟେନର ଅଧିନାୟକ ସାରା ପେରି ବୁଧବାର ଟ୍ରଫି ନେବା ସମୟରେ କହିଛନ୍ତି, ଆମକୁ ମହାସାଗରକୁ ସଫା କରିବା ଏବଂ ଅଳିଆକୁ କମ କରିବା ବହୁତ ଜରୁରୀ। ଏଥିପାଇଁ ଆମକୁ ଅଧିକ ସଚେତନ ହେବା ଆବଶ୍ୟକ। ମୋଟରେ ସମସ୍ତ ଟିମ୍ ମିଳିମିଶି ୧,୨୦୮ ପାଉଣ୍ଡ ଅଳିଆ ଉଠାଇଥିଲେ। ସେମାନେ କେଉଁ ପ୍ରକାରର ଅଳିଆ ଉଠାଇଛନ୍ତି, ତାହାକୁ ନେଇ ଟିମ୍‌କୁ ପଏଣ୍ଟ ଦିଆଯାଇଥିଲା। ଅଳିଆ ଉଠାଇବା ପରେ ତାକୁ ଅଲଗା ଅଲଗା ସ୍ଥାନରେ ରଖିବା ପାଇଁ ୨୦ ମିନିଟ୍ ସମୟ ମିଳିଥିଲା। ଯେଉଁଥିରେ ପ୍ଲାଷ୍ଟିକ ବୋତଲ, ସିଗାରେଟ୍, ମେଟାଲ କେନ ଭଳି ଅନେକ ପ୍ରକାରର ପଦାର୍ଥ ସାମିଲ ଥିଲା। ଏହାର ଦ୍ୱିତୀୟ ବିଶ୍ୱକପ୍ ୨୦୨୫ରେ ଟୋକିଓରେ ହେବ ବୋଲି ଜଣାପଡ଼ିଛି।



# ୨୦୨୫ ଅଗଷ୍ଟ ୧୪ରେ ହ୍ରିତିକ୍‌ଙ୍କ 'ୱାର-୨'

**ମୁମ୍ବାଇ**

ଅଭିନେତା ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଅଭିନୀତ ଫିଲ୍ମ 'ୱାର' ବକ୍ସ ଅଫିସରେ ହିଟ୍ ହୋଇଥିଲା। ଏବେ ତାହାର ଦ୍ୱିତୀୟ ଭାଗ 'ୱାର-୨' ଆସିବାକୁ ଥିବାବେଳେ ଦର୍ଶକ ଏହାର ଅପେକ୍ଷାରେ ଅଛନ୍ତି। ନିର୍ମାତା 'ୱାର-୨'ର ରିଲିଜ୍ ତାରିଖ ଘୋଷଣା ହୋଇଛି। ଚଳଚ୍ଚିତ୍ର ସମାଲୋଚକ ତରନ ଆଦର୍ଶ ଏକ୍ସ'ରେ ଫିଲ୍ମ ଅଫିସିଆଲ ତାରିଖ ଜଣାଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ୨୦୨୫ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ସିନେମାରେ ହ୍ରିତିକ୍‌ଙ୍କ ବ୍ୟତୀତ ଜୁନିୟର ଏନ୍‌ଟିଆର୍, ଜନ୍ ଆବ୍ରାହମ୍, ଅଭିନେତ୍ରୀ କିଆରି ଆଡ୍‌ଭାନି ମୁଖ୍ୟ ଚରିତ୍ରରେ ନଜରକୁ ଆସିବେ। 'ୱାର-୨' ବ୍ୟତୀତ ହ୍ରିତିକ୍‌ଙ୍କ ପାଖରେ ଆଉ ଏକ ସିନେମା 'ଫାଇଟର' ରହିଛି, ଯାହା ଆସନ୍ତା ଜାନୁୟାରୀ ୨୫ରେ ମୁକ୍ତିଲାଭ କରିବ। ୧୯୮୦ରେ ହ୍ରିତିକ୍ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେବେଠାରୁ ସେ ତାଙ୍କର ଅନେକ ହିଟ୍ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ 'ଟାଇଗର-୩'ରେ ଦେଖିବାକୁ ମିଳିଥିଲା।



# ସବୁଠୁ ମହଙ୍ଗା ବିବାହ



**ପ୍ୟାରିସ:** ଫ୍ରାନ୍ସ ରାଜଧାନୀ ପ୍ୟାରିସରେ ଏକ ବାହାଘର ହୋଇଛି; ଯାହା ଏବେ ବେଶ୍ ଚର୍ଚ୍ଚାରେ ରହିଛି। ଏହି ବିବାହ ପାଇଁ ୧୦ ଲକ୍ଷ କି ୫୦ ଲକ୍ଷ ନୁହେଁ ୫୦୦ କୋଟି ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଗତ ୧୮ ତାରିଖରେ ହୋଇଥିବା ଏହି ବାହାଘର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଯାହାକୁ ସବୁଠୁ ବଡ଼ ବିବାହ ବୋଲି କୁହାଯାଉଛି। ଆମେରିକାର ଟେକ୍ସାସରେ ରହୁଥିବା ୨୬ ବର୍ଷୀୟା ମାଡେଲାଇନ ବ୍ରୋକ୍‌ୱେ ଫ୍ଲୋରିଡାର ଅଟୋମୋବାଇଲ ଗ୍ରୁପର ମୁଖ୍ୟ କାର୍ଯ୍ୟକାରୀ ଅଧ୍ୟକ୍ଷ ବାବ ବ୍ରୋକ୍‌ୱେଙ୍କ ଝିଅ। ତାଙ୍କ ମା' ପାଉଲା ବ୍ରୋକ୍‌ୱେ ଫ୍ଲୋରିଡାରେ ମର୍ସିଡିଜ୍ ବେଞ୍ଜର ଏକ ଶାଖାର ଭାଇସ ପ୍ରେସିଡେଣ୍ଟ।

ମାଡେଲାଇନ ଲମ୍ବା ସମୟ ଧରି ଜାକୋବ ଲାଗ୍ରୋନିଙ୍କୁ ଡେଟ୍ କରୁଥିଲେ। ଏବେ ସେମାନେ ବିବାହ କରିଛନ୍ତି। ବିବାହ ଉତ୍ସବ ୫ ଦିନ ଧରି ଚାଲିଥିଲା। ଏହି ୫ ଦିନିଆ ବିବାହରେ ୫୯ ମିଲିଅନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୯୧ କୋଟି ୭୪ ଲକ୍ଷ ୭୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ବିବାହରେ ଏପରି ଖର୍ଚ୍ଚ ବାବଦରେ ଶୁଣି ବର-କନ୍ୟାଙ୍କ ସମ୍ପର୍କୀୟମାନେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଯେଉଁ ପ୍ୟାଲେସରେ ସମ୍ପର୍କୀୟଙ୍କ ରହିବା ପାଇଁ ବନ୍ଦୋବସ୍ତ ହୋଇଥିଲା, ସେଠାକାର ଗୋଟେ ରାତିର ରହଣି ଖର୍ଚ୍ଚ ୨ ଲକ୍ଷରୁ ୧୧ ଲକ୍ଷ ପର୍ଯ୍ୟନ୍ତ। ମାଡେଲାଇନ ଟିକ୍‌ଟକ୍‌ରେ ତାଙ୍କ ଭବ୍ୟ ବିବାହର ସମସ୍ତ ତଥ୍ୟ ଶେୟାର କରିଛନ୍ତି।

# ୭ ମି.ମି.ର ଚେସ୍ ବୋର୍ଡ



**ଜୟପୁର:** ରାଷ୍ଟ୍ରୀୟ, ଅନ୍ତଃରାଷ୍ଟ୍ରୀୟ ସ୍ତରରେ ନିଜ କଳାର ଅଦ୍ଭୁତ କୌଶଳ ଦେଖାଇ କାଠ କଳାକାର ରାଜସ୍ଥାନର ମାଲଚନ୍ଦ୍ର ଜନଜିଡ୍ ବିଶ୍ୱସ୍ତରରେ ବେଶ୍ ପରିଚିତ। ତାଙ୍କ ପିଢି ପର ପିଢି ମଧ୍ୟ କାଠ କାରୁକାର୍ଯ୍ୟରେ ନିଜକୁ ନିୟୋଜିତ କରିଛନ୍ତି। ଜନଜିଡ୍ ପରିବାରର ୪ର୍ଥ ପିଢି ମଧ୍ୟ ଏହି କଳାକୁ ବଜାଇ ରଖିଛନ୍ତି। ନବମ ଶ୍ରେଣୀରେ ପଢୁଥିବା ୧୫ ବର୍ଷୀୟ ଶୁଭମ୍ ଏବେ ତାଙ୍କ ପରାକାଷ୍ଠା ଦେଖାଇଛନ୍ତି। ସେ ନଖ ଆକୃତିର ଏକ ଛୋଟ ଚେସ୍ ବୋର୍ଡ ଏବଂ ଗୋଟି ତିଆରି କରି ତାଙ୍କ ପିଢିକୁ ପଛରେ ପକାଇ ଦେଇଛନ୍ତି। ସେ ତାଙ୍କର ଏହି ଚେସ୍ ବୋର୍ଡ ଏବଂ ଗୋଟିକୁ ବିଶ୍ୱର ସବୁଠୁ ଛୋଟ ଆକାର ଭାବେ ଗିନିଜ୍ ବୁକ୍ ଅଫ୍ ରେକର୍ଡ୍ସରେ ଆବେଦନ କରିଛନ୍ତି। ଶୁଭମ୍‌ଙ୍କ ବାପା ପବନ ଜନଜିଡ୍ କହିଛନ୍ତି, ତାଙ୍କ ପୁଅ କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ୭ ମି.ମି.ର ଚେସ୍ ବୋର୍ଡ ଏବଂ ୩୨ ଗୋଟି ପ୍ରସ୍ତୁତ କରିଛନ୍ତି। ଶୁଭମ୍‌ଙ୍କ ପାଇଁ ଏପରି ସବୁଠୁ ଛୋଟ ଚେସ୍ ବୋର୍ଡ ତିଆରି କରିବା ସହଜ ନ ଥିଲା। ସର୍ବପ୍ରଥମେ ସେ ୨ ଇଞ୍ଚର ଚେସ୍, ପରେ ଦେଢ଼ ଇଞ୍ଚ, ୧ ଇଞ୍ଚ, ଏହା ପରେ ସେ ୭ ମି.ମି.ର ଚେସ୍ ବୋର୍ଡ ତିଆରି କରିଥିଲେ। ଚେସ୍‌ର ୩୨ଟି ଗୋଟିର ଆକୃତି ଆଙ୍ଗୁଠିର ନଖଠାରୁ ବି ଛୋଟ। ଶୁଭମ୍‌ଙ୍କୁ ଏହି ଛୋଟ ଚେସ୍ ତିଆରି ପାଇଁ ୧ ମାସ ସମୟ ଲାଗିଥିବା କହିଛନ୍ତି।

# ୨ ଜିଲାର ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

■ କଳାହାଣ୍ଡି ମୁରଲୀଝର ପ୍ରକଳ୍ପ ପାଇଁ ୪୧.୨୫ କୋଟି
■ ମୟୂରଭଞ୍ଜ ଦାମୋଦରପୁର ପ୍ରକଳ୍ପ ପାଇଁ ୪୫ କୋଟି

ଭୁବନେଶ୍ୱର,୨୯।୧୧
(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଳାହାଣ୍ଡି ଜିଲା ମୁରଲୀଜୋର ଉପରେ ମୁରଲୀଝର ଓ ମୟୂରଭଞ୍ଜ ଜିଲା ଗଙ୍ଗାହର ନଦୀ ଉପରେ ଦାମୋଦରପୁର ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ(ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ ଷ୍ଟ୍ରକ୍ଚର) ଅନୁମୋଦନ କରିଛନ୍ତି। ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ସମୁଦାୟ ୮୬.୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ କଳାହାଣ୍ଡି ମୁରଲୀଝର ପ୍ରକଳ୍ପ ପାଇଁ ୪୧.୨୫ କୋଟି ଏବଂ ମୟୂରଭଞ୍ଜ ଦାମୋଦରପୁର ପ୍ରକଳ୍ପ ପାଇଁ ୪୫ କୋଟି ମଞ୍ଜୁର ହୋଇଛି।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ କଳାହାଣ୍ଡି ଓ ମୟୂରଭଞ୍ଜ ଜିଲା ଗସ୍ତ କରିଥିଲେ ଏବଂ ଜନସାଧାରଣଙ୍କଠାରୁ ବିଭିନ୍ନ ପ୍ରକଳ୍ପ ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ। ଲୋକଙ୍କ ପ୍ରସ୍ତାବ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଏବଂ ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକର ଜନସାଧାରଣ ଉପକୃତ ହେବେ। ଭୂତଳ ଜଳ ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛଚାଷ, ପ୍ରାଣୀପାଳନ ଆଦି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ।

---

## ODISHA PUBLIC SERVICE COMMISSION CUTTACK

**NOTICE**

No.8884/P.S.C., Dt.28.11.23
(DR-IV) (2PC-01-2023-24)

**No.D-170:** It is for information of all concerned that Written Examination for recruitment to the Post of Statistical Officer of OSS & ES Cadre, pursuant to Advertisement No. 12 of 2022-23 has been scheduled to be held on 31.12.2023 (Sunday) commencing from 09.30 A.M. to 11.30 P.M. (09.30 A.M. to 12.10 P.M. for PWD candidates) for Paper-I and 01.30 P.M. to 04.30 P.M. (01.30 P.M. to 05.30 P.M. for PWD candidates) for Paper-II in different Examination Centres at Cuttack.

The detailed programme of examination along with venue of Examination Centres will be notified shortly. The candidates are advised to visit (www.opsc.gov.in.) the website of the Commission regularly for further information on examination related Notice(s).

**Sd./- Secretary**
OIPR-12002/11/0116/2324

---

## Bhubaneswar Municipal Corporation

Notice No. 55506/2023-24 Date: 21.11.2023

**REQUEST FOR PROPOSAL FOR SELECTION OF AGENCY FOR TOWING OF ILLEGALLY PARKED VEHICLE UNDER THE JURISDICTION OF BMC AREA**

No.C-1943: Bhubaneswar Municipal Corporation (BMC) invites proposal from reputed agencies for towing of illegally parked vehicle under the jurisdiction of BMC Area. Interested agencies may participate for this tender and submit their proposal. The detailed Request for Proposal (RFP) document can be downloaded from BMC website: **www.bmc.gov.in** from 11.00 A.M. of 24.11.2023 to 04.00 P.M. of 12.12.2023. The last date of receipt of technical and financial bids is 12.12.2023 till 4.00 P.M. and the same would be opened on 12.12.2023 at 5.00 P.M. The Pre-bid meeting is scheduled on 02.12.2023 at 03.00 P.M. in the Conference Hall at BMC Office. Bids shall be submitted through Registered/Speed Post or Courier service at the address mentioned in the RFP. Please refer the RFP documents for further details.

BMC reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BMC reserves the right to accept or reject any or all proposals without assigning any reason whatsoever.

**Sd./- DC Revenue**
**Bhubaneswar Municipal Corporation**
OIPR-13002/11/0210/2324

---

## GOVERNMENT OF ODISHA — No. B-1348
## OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE, BALANGIR

Mail ID: sepwdbalangir@gmail.com

**e-Procurement Notice**

**BID IDENTIFICATION No. CCE(R&B) BGR/39/2023-24**

Letter No. 6497 Dtd.24.11.2023

The **Chief Construction Engineer, Balangir (R&B) Circle, Balangir** on behalf of Governor of Odisha invites percentage rate **composite** bid in double cover system in **ONLINE MODE** for the construction of works detailed in the table below from **"B" & "A" Class** contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

1. Nature of work : Building Work
2. No. of tender : Building Work - 01 No.
3. Tender Cost : Rs.10,000/-
4. Class of Contractor : "B" & "A"
5. Date & time of sale & receipt of Bids : From Dt.29.11.2023, 10.00 A.M. to Dt.08.12.2023 upto 05.00 P.M.
6. Date of Opening Bid : Dt.11.12.2023 at 11.00 A.M.
7. The bidders have to participate in ONLINE bidding only. Further details can be seen from the website: **http://tendersorissa.gov.in**. All future corrigendum will be available on ONLINE MODE only.

**Sd./- Chief Construction Engineer**
**Balangir (R&B) Circle, Balangir**
OIPR-34131/11/0042/2324

---

## GOVERNMENT OF ODISHA — No. O-1634
## OFFICE OF THE EXECUTIVE ENGINEER
## RURAL WORKS DIVISION-II, DHENKANAL, KAMAKHYANAGAR

E-mail: rw.kamakhyanagar@yahoo.co.in

**e-Procurement Notice No. 10/Road Work / 2023-24**

1. Name of the Work : Road Work
2. Total No. of Works : 9 (Nine) Nos.
3. Tender Cost : Rs.5.04 to 17.71 lakhs (Approx.)
4. Class of Contractor : "D" & "C" Class
5. Period of Completion : 2 Calendar Months
6. Availability of Tender Online for Bidding : 29.11.2023 at 11.00 A.M. to 05.12.2023 upto 5.00 P.M.
7. Last date & time of seeking tender clarification : 04.12.2023 upto 4.00 P.M.
8. Date & time of opening : 06.12.2023 at 11.00 A.M.

Other details can be seen from the website **http://tendersorissa.gov.in**.

**Sd./- Executive Engineer**
**R.W. Division-II, Dhenkanal**
**Kamakhyanagar**
OIPR-25094/11/0012/2324

---

## ଓଡ଼ିଆ ଭାଷା ପ୍ରତିଷ୍ଠାନ

ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର, ଭୁବନେଶ୍ୱର-୧୪
ଫୋନ:୨୪୩୧୦୨୧, ୨୪୩୧୨୩୩
ଇ-ମେଲ୍: odiabhasapratisthan@yahoo.co.in
ୱେବସାଇଟ୍: www.odiabhasapratisthana.in

**ବିଜ୍ଞାପନ**

ସଂଖ୍ୟା: ତାରିଖ:

**No.RR-54:** ଓଡ଼ିଆ ଭାଷା ପ୍ରତିଷ୍ଠାନ ଦ୍ୱାରା ଇଂରାଜୀ ଭାଷାରୁ ଓଡ଼ିଆ ଭାଷାକୁ ହେଉଥିବା ଅନୁବାଦ ତଥା ଏହାର ସଂଶୋଧନ କାର୍ଯ୍ୟ ନିମନ୍ତେ ସଂପୃକ୍ତ କାର୍ଯ୍ୟରେ ଦକ୍ଷ ଏବଂ ଅଭିଜ୍ଞ ବ୍ୟକ୍ତିବିଶେଷମାନଙ୍କୁ ନେଇ ଗୋଟିଏ ଅନୁବାଦକ/ସଂଶୋଧକ ପ୍ୟାନେଲ୍ ଗଠନ ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି ।

ଇଚ୍ଛୁକ ପ୍ରାର୍ଥୀ ଦରଖାସ୍ତର ନମୁନା ଫର୍ମାଟ୍ ଏବଂ ସର୍ତ୍ତାବଳୀ ଆଦି ଓଡ଼ିଆ ଭାଷା ପ୍ରତିଷ୍ଠାନର ଉପରୋକ୍ତ ୱେବସାଇଟ୍‌ରୁ ଡାଉନଲୋଡ୍ କରି ସ୍ପିଡ୍ ପୋଷ୍ଟ/ ପଞ୍ଜୀକୃତ ଡାକ/ଇ-ମେଲ୍ ମାଧ୍ୟମରେ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ପ୍ରେରଣ କରିପାରିବେ । କୌଣସି କାରଣ ନ ଦର୍ଶାଇ ଗୋଟିଏ/ସମସ୍ତ ଆବେଦନକୁ ଖାରଜ କରିବାର ଅଧିକାର ନିର୍ଦ୍ଦେଶକଙ୍କର ରହିବ ।

**ନିର୍ଦ୍ଦେଶକ**
OIPR-03026/11/0007/2324

---

## CAPITAL REGION URBAN TRANSPORT

Govt Of Odisha
Plot No 548/1452, Kalarahanga , Patia,Bhubaneswar-751031,
Odisha, Phone No. 0674-3501580, E-Mail Id:-crutbbsr@gmail.com

No.2349 Date:21.11.2023

**NOTICE INVITING TENDER (NIT)**
**BID IDENTIFICATION No.2349/G.M (Engg.)/CRUT/2023-24**

